

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 FEBRUARY 2022
Vol.No. 33 ■ No. 42 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୫ ରାଜ୍ୟର ନିର୍ବାଚନରେ ପଦଯାତ୍ରାକୁ ଅନୁମତି

ନୂଆଦିଲ୍ଲୀ, ୧୨/୦୨ : ପାଞ୍ଚ ରାଜ୍ୟର ନିର୍ବାଚନ ପ୍ରଚାର ପାଇଁ ନୂଆ ଗାଇଡଲାଇନ ଜାରି କରିଛନ୍ତି ଜାତୀୟ ନିର୍ବାଚନ କମିଶନ । ସଂକ୍ରମଣ କମୁଥିବାରୁ ନିର୍ବାଚନରେ ପଦଯାତ୍ରାକୁ ଅନୁମତି ଦେଇଛନ୍ତି କମିଶନ । ତେବେ ସୀମିତ ସଂଖ୍ୟାରେ ଲୋକଙ୍କୁ ନେଇ ପଦଯାତ୍ରା କରିବାକୁ କହିଛନ୍ତି । ସେହିପରି ପ୍ରଚାର ସମୟ ସୀମାକୁ ବୃଦ୍ଧି କରିଛନ୍ତି । ଏଣିକି ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରଚାର କରିପାରିବେ ପ୍ରାର୍ଥୀ ଓ ରାଜନୈତିକ ଦଳ । ପୂର୍ବରୁ ପ୍ରଚାର ସମୟ ସକାଳ ୬ଟାରୁ ରାତି ୮ଟା ଥିଲା । ଏଥିସହ ୫୦ ପ୍ରତିଶତ କ୍ଷମତାରେ ଖୋଲାସ୍ଥାନରେ ସମାବେଶ କରିବା ପାଇଁ ଅନୁମତି ଦେଇଛନ୍ତି । କରୋନା



ସଂକ୍ରମଣକୁ ନଜରରେ ରଖି ୫ରାଜ୍ୟର ବିଧାନସଭା ନିର୍ବାଚନ ପ୍ରଚାରରେ ପଦଯାତ୍ରା , ଶୋଭାଯାତ୍ରା ଓ ସମାବେଶ ଉପରେ କଟକଣା ଲଗାଇଥିଲେ ନିର୍ବାଚନ କମିଶନ । ଡିଜିଟାଲ ମାଧ୍ୟମରେ ଓ ଘର ଘର ବୁଲି ପ୍ରଚାର କରିବାକୁ କହିଥିଲେ । ତାପରେ ପର୍ଯ୍ୟାୟ କ୍ରମେ କଟକଣାକୁ କୋହଳ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ପଦଯାତ୍ରାକୁ ଅନୁମତି ଦେଇନଥିଲେ ।

## ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ମୃତ

ବାଲେଶ୍ୱର,୧୨/୦୨ (ନି.ପ୍ର): ୧୬ ନଂର ଜାତୀୟ ରାଜପଥର ଖନ୍ତାପଡ଼ାଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ବ୍ୟକ୍ତି ଆହତ ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରୁ ଡବ୍ଲ୍ୟୁବି-୨୯ଏ/୮୮୬୭ ନଂର ଏକ ଆମ୍ବୁଲାନ୍ସ ଗତକାଲି ରାତିରୁ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଏହି ଆମ୍ବୁଲାନ୍ସ ଟି ସକାଳ ପ୍ରାୟ ୭ଟା ବେଳେ ଖନ୍ତାପଡ଼ାର ଦାଣ୍ଡକାଳୀ ମନ୍ଦିର ଅତିକ୍ରମ କରୁଥିବା ବେଳେ କୌଣସି କାରଣରୁ ହଠାତ ଭାରସାମ୍ୟ ହରାଇଥିଲା । ଅଧିକ ବେଗରେ ଥାଇ ମଧ୍ୟ ଆମ୍ବୁଲାନ୍ସଟି ଡିଭାଇଡର ଡେଇଁ ବାଲେଶ୍ୱରରୁ ଆସୁଥିବା ଏନଏଲ-୨କେ/୫୪୩୭ ନଂର ଏକ ବଡ଼ ଟ୍ରକ (ଟ୍ରଲର)କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଏହାର ଡ୍ରାଇଭର ମୃତ୍ୟୁ ବରଣ କରିଛି । ଅନ୍ୟପକ୍ଷରେ ଟ୍ରଲରଟି ପାର୍ଶ୍ୱସ୍ଥ ଦୋକାନଗୁଡ଼ିକ ଉପରେ ଚଢ଼ି ଯାଇଥିଲା । ଏହାର ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଥିବା ଜଣାଯାଇଛି ।

## ଛତିଶଗଡ଼ରେ ନକ୍ସଲଙ୍କ ସହ ମୁହାଁମୁହିଁ, ସିଆରପିଏଫ୍‌ର ଆସିଷ୍ଟାଂଟ କମାଣ୍ଡର ଶହୀଦ

ରାୟପୁର, ୧୨/୦୨ (ନି.ପ୍ର): ବିଜାପୁର ଜିଲ୍ଲାରେ ବାସାଗୁଡ଼ା ଥାନା ଅଂଚଳର ତିମ୍ମାପୁରରେ ଲାଗିଥିବା ପୁତକେଲର ଜଙ୍ଗଲରେ ଶନିବାର ସକାଳେ ନକ୍ସଲଙ୍କ ସହ ମୁହାଁମୁହିଁରେ ସିଆର୍‌ପିଏଫ୍‌ର ଆସିଷ୍ଟାଂଟ କମାଣ୍ଡର, ଏସ୍‌ବି ତିର୍କି ଶହୀଦ ହୋଇଛନ୍ତି । ଆକ୍ରମଣ ସେହି ସମୟରେ ହୋଇଥିଲା, ଯେତେବେଳେ ସିଆର୍‌ପିଏଫ୍ ୧୬୮ ବାଟାଲିୟନର ଟିମ୍ ସର୍ଚ୍ଚରେ ବାହାରିଥିଲେ । ନକ୍ସଲଙ୍କ ଆକ୍ରମଣରେ ଜଣେ ଜବାନ ଆହତ ହେବାର ମଧ୍ୟ ଖବର ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଅସୁର ବ୍ଲକ୍‌ର ତିମ୍ମାପୁର ସହ ଲାଗିଥିବା ପୁତକେଲର ଜଙ୍ଗଲରେ ଅଧିକ ସଂଖ୍ୟାରେ ନକ୍ସଲଙ୍କ ଉପସ୍ଥିତିର ଖବର ମିଳିଥିଲା । ଏହାଉପରେ ସିଆର୍‌ପିଏଫ୍ ୧୬୮ର ଯବାନ ସର୍ଚ୍ଚ ପାଇଁ ବାହାରିଥିଲେ । ସେଠାରେ ଜଙ୍ଗଲାରେ ଧାଡ ଲଗାଇ ବସିଥିବା ନକ୍ସଲମାନେ ଏହାଉପରେ ଅଚାନକ ଆକ୍ରମଣ କରିଦିଆ ଯାଇଛି । ନକ୍ସଲଙ୍କ ଆକ୍ରମଣର ଜବାବରେ ଯବାନମାନେ ମୁହାଁମୁହିଁ ଜବାବ ଦେଇଛନ୍ତି ।

## ବିଦ୍ୟାଳୟରେ ସାଧାରଣ ଡ୍ରେସ କୋଡ୍ ଲାଗୁ କରିବାକୁ ସୁପ୍ରିମକୋର୍ଟରେ ଆବେଦନ

ନୂଆଦିଲ୍ଲୀ, ୧୨/୦୨ : ବିଦ୍ୟାଳୟରେ ସାଧାରଣ ଡ୍ରେସ କୋଡ ଲାଗୁ କରାଯିବା ନେଇ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି । ଆବେଦନରେ କୁହାଯାଇଛି ଯେ ସାଧାରଣ ଡ୍ରେସ କୋଡ୍ ଛାତ୍ରମାନଙ୍କ

▶▶ପୃଷ୍ଠା ୭

## ନିର୍ବାଚନୀ ହିଂସା : ଗୁରୁତର ହେଲେ ୱାର୍ଡମେମ୍ବର ପ୍ରାର୍ଥୀ

ବାଲେଶ୍ୱର, ୧୨/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତରେ ନିର୍ବାଚନୀ ହିଂସା । ଦୁର୍ବୃତ୍ତଙ୍କ ଆକ୍ରମଣରେ ୱାର୍ଡମେମ୍ବର ପ୍ରାର୍ଥୀ ଭାଗବତ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି । ଶୁକ୍ରବାର ରାତିରେ କିଛି ଲୋକ ଭାଗବତଙ୍କୁ ଘରୁ ଡାକି ଆଣିଥିଲେ । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଅଭିଯୁକ୍ତମାନେ ଭାଗବତଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି



ରେମୁଣା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଭଗବତ ବିଜେଡିର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ । ତାଙ୍କୁ ନିର୍ବାଚନୀ ପ୍ରଚାରରୁ ନିବୃତ ରହିବାକୁ ବିରୋଧୀମାନେ ଧମକ ଦେବା ସହ ଆକ୍ରମଣ କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି ।

## ଗଞ୍ଜେଇ ବ୍ୟବସାୟୀ ଘରୁ ମିଳିଲା ୭୦ ଲକ୍ଷର ନଗଦ ଟଙ୍କା

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ନିବାଚନ ସମୟରେ କଟକ ବୟାଳିଶମୌଜା ଅଞ୍ଚଳରୁ ଜବତ ହୋଇଛି ୭୦ ଲକ୍ଷ ନଗଦ ଟଙ୍କା । ଏହି ଟଙ୍କା ଦୁଇ ଗଞ୍ଜେଇ ବେପାରୀଙ୍କ ଘରୁ ଜବତ ହୋଇଥିବା ସୂଚନା ଦେଇଛନ୍ତି କଟକ ଡିସିପି । ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ ବି କରାଯାଇଛି । ହେଲେ ଏତେ ଟଙ୍କା କେଉଁଠୁ ଆସିଲା, ତାହା ଚର୍ଚ୍ଚାର ବିଷୟ ହୋଇଛି । ଧାଡି ଧାଡି କରି ରଖାଯାଇଥିବା ଏହି ବିଡା ବିଡା ଟଙ୍କା କଟକ ବୟାଳିଶ ମୌଜାର ଦୁଇ ଗଞ୍ଜେଇ ବେପାରୀଙ୍କ ଘରୁ ଜବତ ହୋଇଛି । ଜବତ କରିବା ପରେ ଟଙ୍କାକୁ ଗଣି ଗଣି ଥକି ଯାଇଥିଲେ ପୁଲିସ ଅଧିକାରୀ । ହେଲେ ଟଙ୍କା ଗଣା ସରୁନଥିଲା । ଟଙ୍କା ଗଣତି ସରିବା ବେଳକୁ ଜଣାପଡିଥିଲା ଗଞ୍ଜେଇ ବେପାରୀ ଘରେ ବ୍ୟାଙ୍କ ଭଳି



୭୦ଲକ୍ଷ ଟଙ୍କା ରଖିଥିଲେ । ଏଥିସହ ସେମାନଙ୍କ ଘରୁ ଜବତ ହୋଇଛି ୨୦ କେଜି ଓଜନର ଗଞ୍ଜେଇ ଓ ସୁନା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶୁକ୍ରବାର ମଧ୍ୟରାତ୍ରିରେ ଚଢ଼ାଉ କରିଥିଲେ ବାଦାମବାଡି ପୁଲିସ ଓ ସ୍ପେଶାଲ ସ୍କାର୍ଡ । ଆଉ ଚଢ଼ାଉ ସମୟରେ ଯାହା ମିଳିଥିଲା ତାହା ଦେଖି ଟେରା ହୋଇଯାଇଥିଲେ ଚଢ଼ାଉ ପାଇଁ ଯାଇଥିବା ପୁଲିସ ଟିମ୍ । ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ । ନିର୍ବାଚନ ସମୟରେ ବୟାଳିଶମୌଜା ଭଳି ଅଞ୍ଚଳର ଗଞ୍ଜେଇ ବେପାରୀଙ୍କ ଘରୁ ଏତେ ପରିମାଣରେ ଟଙ୍କା ଜବତ ହେବା ଅନେକ ସନ୍ଦେହ ସୃଷ୍ଟି କରିଛି । ଏହା ଗଞ୍ଜେଇ କାରବାରର ଟଙ୍କା ନାଁ ନିର୍ବାଚନରେ ବ୍ୟବହାର ପାଇଁ ରଖାଯାଇଥିଲା, ତାହା ଚର୍ଚ୍ଚାର ବିଷୟ ହୋଇଛି ।

## ରମେଶ ମାଝୀଙ୍କ ପରେ ନିଜ ଗଡରେ ହଟହଟା ହେଲେ ବିଧାୟକ ମନୋହର ରନ୍ଧାରୀ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ସାଂସଦ ରମେଶ ମାଝୀଙ୍କ ପରେ ବିଧାୟକ ମନୋହର ରନ୍ଧାରୀ ନିଜ ଗଡରେ ହଟହଟା ହୋଇଛନ୍ତି । ମନୋହର ରନ୍ଧାରୀ ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ଦୁଇ ନମ୍ବର ଜୋନର କଂଟାମାଳ ପଞ୍ଚାୟତ ଚଣ୍ଡାଗୁଡା ଗାଁକୁ ଯାଉଥିବାବେଳେ ତାଙ୍କ ଗାଡିକୁ ଅଟକାଇଛନ୍ତି ଗାଁ ଲୋକ । ରାତିରେ ପ୍ରଚାର ନକରିବାକୁ କହିଛନ୍ତି । ଏଥିସହ ଗାଡିରେ ଶାଢ଼ୀ, ଲୁଙ୍ଗି ଓ ତଉଲିଆ ନେଇ ବାଣ୍ଟିବାକୁ ଯାଉଥିବାରୁ ଗ୍ରାମବାସୀ ବିଧାୟକଙ୍କୁ ଅଟକାଇଥିବା ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ମଇଦଲପୁର ପୁଲିସ ପହଁଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି । ନବରଙ୍ଗପୁରରେ କଂଗ୍ରେସର ପୂର୍ବତନ ନେତା ପ୍ରଦୀପ ମାଝୀ ବିଜେଡିରେ ସାମିଲ ହେବା ପରେ ଏହି ଜିଲ୍ଲା ବିରୋଧୀ ଶୂନ୍ୟ ହୋଇଯିବ ବୋଲି ଚର୍ଚ୍ଚା ହେଉଥିଲା । ହେଲେ, ଗତ କିଛି ଦିନ ହେଲା ଯେମିତି ସାଂସଦ ରମେଶ ମାଝୀଙ୍କୁ ବିରୋଧ କରାଯାଉଛି ଓ ଆଜି ବିଧାୟକ ମନୋହର ରନ୍ଧାରୀଙ୍କୁ ବିରୋଧ କରାଯାଇଛି ତାହା ଚର୍ଚ୍ଚାର ବିଷୟ ହୋଇଛି । ପ୍ରଦୀପ ବିଜେଡିରେ ସାମିଲ ହୋଇଥିଲେ ବି କେଉଁଠି ନା କେଉଁଠି ନବରଙ୍ଗପୁରରେ ଶାସକ ଦଳ ବିଜେଡି ବିରୋଧରେ ବିରୋଧୀ ସକ୍ରିୟ ଥିବା ସୂଚନା ଦେଉଛନ୍ତି ।

## ମମିତା ମେହେର ହତ୍ୟା ମାମଲାରେ ଦୁଇ ହଜାର ପୃଷ୍ଠାର ଚାର୍ଜସିଟ୍

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ବହୁ ଚର୍ଚ୍ଚିତ ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଛି । ୨ ହଜାର ପୃଷ୍ଠାରେ ଏହି ଚାର୍ଜଶିଟ୍ ଦାଖଲ ହୋଇଥିବା ଡିଆଇଜି ଦୀପକ କୁମାର କହିଛନ୍ତି । ଦୁଇ ଜଣ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ତାଙ୍କ ଡ୍ରାଇଭର ରାଧେ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଛି । ଏହି ଦୁଇ ଜଣଙ୍କ ବିରୋଧରେ ଦଫା ୩୦୨, ୨୦୧, ୧୨୦ବି ଭଳି ଦଫା ଲାଗିଛି । ଏହି ଚାର୍ଜଶିଟ୍



ସାଇଣ୍ଟିଫିକ ଏବଂ ଫରେନସିକ୍ ଟିମର ରିପୋର୍ଟ ଆଧାରରେ ଲାଗିଛି ବୋଲି ଡିଆଇଜି କହିଛନ୍ତି । ସେ ତଦନ୍ତକୁ ନେଇ ସନ୍ତୁଷ୍ଟ ଥିବା କହିଛନ୍ତି । ତେବେ ଏହି ପ୍ରସଙ୍ଗରେ ବିବାଦୀୟ ହୋଇଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଲିଙ୍କ୍, ପେନ ଡ୍ରାଇଭ, ଲାପଟପ ସଂପର୍କରେ ନିରବ ରହିଥିଲେ ଡିଆଇଜି ।

## ପ୍ରଚାର ସରିଲେ ଗାଁ ଛାଡ଼ିବେ ନେତା

### ୧୪ ତାରିଖ ସଂଧ୍ୟା ୭ଟା ସୁଦ୍ଧା ଗାଁ ଛାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ଆସନ୍ତା ୧୬ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନେଇ ପ୍ରସ୍ତୁତି କରୁଛନ୍ତି ରାଜ୍ୟ ନିର୍ବାଚନ କମିଶନ । ଆଜି ଜିଲ୍ଲାପାଳମାନଙ୍କ ସହ ଡିଜିଟାଲ ବୈଠକ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପାଢ଼ୀ । ଉଭୟ ପୌର ଓ ପଂଚାୟତ ନିର୍ବାଚନ ସଂପର୍କରେ ଆଲୋଚନା ହୋଇଛି । ପଂଚାୟତ ନିର୍ବାଚନ ପାଇଁ ନୂଆ ସର୍କୁଲାର ଜାରି ହୋଇଛି । ଭୋଟ ପ୍ରଚାର ସରିବା ପରେ ଭୋଟ ହେଉଥିବା ଅଂଚଳରେ କୌଣସି ନେତା କି ଅନ୍ୟ ଅଂଚଳର ଲୋକ ରହିପାରିବେ ନାହିଁ । ୧୪ ତାରିଖ ସଂଧ୍ୟା ସୁଦ୍ଧା ୭ଟା ସୁଦ୍ଧା ବାହାର ଲୋକ ଓ ନେତା ଗାଁ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି,



ନିର୍ବାଚନର ୩୬ ଘଂଟା ପୂର୍ବରୁ ଲାଉଡ ସ୍ପିକର ବନ୍ଦ ରହିବ । ପ୍ରଥମ ପର୍ଯ୍ୟାୟରେ ୭୧ଟି ବ୍ଲକର ୨ଶହ ଜିଲ୍ଲା ପରିଷଦ, ୧ ହଜାର ୬୬୯ ଜଣ ପଂଚାୟତ ଓ ୨୨ ହଜାର ୩୭୯ ୱାର୍ଡ ମେମ୍ବର ପାଇଁ ମତଦାନ ହେବ । ୬୭ ଲକ୍ଷ ୫୧ ହଜାର ଭୋଟର ମତ ସାବ୍ୟସ୍ତ କରିବେ । ଏଥିପାଇଁ ୧୪ ଓ ୧୫ ତାରିଖରେ ପୁଲିଂ ଅଧିକାରୀ ମତଦାନ କେନ୍ଦ୍ରରେ ପହଂଚିବେ । ସିସିଟିଭିରେ ଷ୍ଟ୍ରଙ୍ଗ ରୁମ୍ ଉପରେ ନଜର ରଖାଯିବ । କେତେକ ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି, ସେହି ସବୁ ବୁଥରେ ଅଧିକ ପୁଲିସ ମୁତୟନ କରାଯିବ ।

## ସରପଞ୍ଚ ପ୍ରାର୍ଥୀଙ୍କ ଲିଖିତ ପରୀକ୍ଷା ନେଲେ ଗ୍ରାମବାସୀ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ଅର୍ଥବଳ,ବାହୁବଳ ବ୍ୟବହାର କରି ନେତା ନିର୍ବାଚନ ଜିତୁଥିବାର ଅନେକ ଅଭିଯୋଗ ହୋଇଥାଏ । ଭୋଟରମାନେ ଟଙ୍କା ନେଇ ମଦ-ମାଂସ ଖାଇ ଭୋଟ ଦେଉଥିବାରୁ ଅଞ୍ଚଳର ବିକାଶ ହେଉନଥିବା ଚର୍ଚ୍ଚାହୁଏ । କିନ୍ତୁ ଏହାରି ଭିତରେ,ପଞ୍ଚାୟତ ନିର୍ବାଚନ ପାଇଁ ସାରା ରାଜ୍ୟରେ ପ୍ରଚାର ମଇଦାନ ସରଗରମ ଥିବାବେଳେ ସୁନ୍ଦରଗଡର କୁତ୍ରାରୁ ଆସିଛି ରୋଚକ ଖବର । ସରପଞ୍ଚ ବାଛିବା ପାଇଁ ଭୋଟରମାନେ ପ୍ରାର୍ଥୀଙ୍କ ପରୀକ୍ଷା କରାଇଛନ୍ତି ଆଉ କହିଛନ୍ତି, ଆଦିବାସୀ ଇଲାକାରେ ହୋଇଥିବା ଏହି ପରୀକ୍ଷା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ସ୍କୁଲ ବାରଣ୍ଡାରେ ଚାଲିଥିବା ଏପରି ପରୀକ୍ଷା, ହୁଏତ ଅନ୍ୟ କୌଣସି ଅଞ୍ଚଳରେ ଦେଖିବାକୁ ମିଳିନଥିବ । ଗ୍ରାମବାସୀଙ୍କ ବିଭିନ୍ନ ପ୍ରଶ୍ନର ଲିଖିତ ଓ ମୌଖିକ ଉତ୍ତର ଦେଇଛନ୍ତି ସରପଞ୍ଚ ପ୍ରାର୍ଥୀ । ସେମାନଙ୍କୁ ଘେରି ରହିଛନ୍ତି ଗ୍ରାମବାସୀ । ଆଉ ପରୀକ୍ଷାରେ ଯିଏ ସଫଳ ହେବେ, ତାଙ୍କୁ ମିଳିବ ଭୋଟ । ଏମିତି ରୋଚକ ଖବର ଆସିଛି ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ମାଲୁପଡ଼ା ଗ୍ରାମରୁ । କୁତ୍ରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଲଢେଇ କରୁଥିବା ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ ଦେଉଛନ୍ତି ପରୀକ୍ଷା । ପଞ୍ଚାୟତର ଉନ୍ନତି ପାଇଁ କେଉଁ ପ୍ରାର୍ଥୀ ଯୋଗ୍ୟ ତାହାକୁ ପରଖୁଛନ୍ତି ଗ୍ରାମବାସୀ । ଲୋକ ପ୍ରତିନିଧି ଓ ନେତାଙ୍କର ଶିକ୍ଷାଗତ ଯୋଗ୍ୟତା କେତେ ହେବା ଉଚିତ, ଏହାକୁ ନେଇ ସବୁବେଳେ ବିତର୍କ ଚାଲି ଥିବା ବେଳେ, ଆଦିବାସୀ ବହୁଳ ଏହି ଅଞ୍ଚଳବାସୀଙ୍କ ଏଭଳି ପରୀକ୍ଷା ନେତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଚାଲିଥିବା ପୁଣି ନୂଆ ବିତର୍କ ସୃଷ୍ଟି କରିଛି । ଯୋଗ୍ୟ ପ୍ରାର୍ଥୀ ଚୟନ ପାଇଁ ଗ୍ରାମବାସୀ କରିଥିବା ଏହି ପରୀକ୍ଷାରେ କିନ୍ତୁ ପାସ କରିଛନ୍ତି ୩ ଜଣ ପ୍ରାର୍ଥୀ । ଏବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନିର୍ବାଚିତ କରିବାକୁ ଭୋଟ ଦେବେ ମତଦାତା ।ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ନେତା ଭୋଟ ହାତଉଥିବା ଅଭିଯୋଗ ହୋଇଥାଏ । ଭୋଟର ମଧ୍ୟ ବ୍ୟକ୍ତିଗତ ସୁବିଧା ପାଇଁ ଭୋଟ ଦେଉଥିବା ଦେଖାଯାଏ । କିନ୍ତୁ ନିଜ ପଞ୍ଚାୟତର ଉନ୍ନତି ପାଇଁ ସୁନ୍ଦରଗଡର ଏହି ଅଖ୍ୟାତ ପଲ୍ଲୀର ବାସିନ୍ଦା କରିଥିବା ଏହି ଉଦ୍ୟମ ସାରା ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିଛି ।

## ଚାଲିଗଲେ ଦେଶର ବିଶିଷ୍ଟ ଶିଳ୍ପପତି ରାହୁଲ ବଜାଜ୍

ନୂଆଦିଲ୍ଲୀ, ୧୨/୦୨ : ଦେଶର ବିଶିଷ୍ଟ ଶିଳ୍ପପତି ତଥା ବଜାଜ୍ ଗ୍ରୁପ୍‌ର ପୂର୍ବତନ ଅଧକ୍ଷ ରାହୁଲ ବଜାଜଙ୍କ ପରଲୋକ ହୋଇଯାଇଛି । ଶନିବାର ଅପରାହ୍ଣ ୨ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା । ବାଜାଜ୍ ଗ୍ରୁପ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି । ତାଙ୍କ ଶେଷକୃତ୍ୟ ଆସନ୍ତାକାଲି ସଂପନ୍ନ କରାଯିବ । ରାହୁଲ ବଜାଜ୍ ନିମୋନିଆରେ ଆକ୍ରାନ୍ତ ହୋଇଥିଲେ । ସେ ଦୃଦ୍ ରୋଗରେ ବି ପୀଡ଼ିତ ଥିଲେ । ମାସେ ହେଲାଣି ତାଙ୍କୁ ଏକ ଘରୋଇ ହସ୍‌ପିଟାଲ୍‌ରେ ରଖାଯାଇଥିଲା । ରାହୁଲ ବଜାଜ୍



୧୯୩୮ ମସିହା ଜୁନ୍ ୧୦ ତାରିଖରେ ଜନ୍ମ ହୋଇଥିଲେ । ସେ ୪୦ ବର୍ଷ ଧରି ବଜାଜ୍ ଗ୍ରୁପ୍‌ର ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ । ଗତ ବର୍ଷ ଏପ୍ରିଲ୍ ମାସରେ ସେ ବଜାଜ୍ ଅଟୋର ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ କମ୍ପାନୀର ଟ୍ୟାଗ୍ ଲାଇନ୍ 'ୟୁ ଜଷ୍ଟ କାଣ୍ଟ୍ ବିଟ୍ ଏ ବାଜାଜ' ବେଶ୍ ଲୋକପ୍ରିୟ ହୋଇପାରିଥିଲା । ସେହିପରି ଦୁଇ ଚକିଆ ଯାନ ପାଇଁ ତାଙ୍କର ଆଉ ଏକ ଚର୍ଚ୍ଚିତ ଟ୍ୟାଗ ଲାଇନ୍ 'ହମାରା ବଜାଜ୍' ମଧ୍ୟ ଉପଭୋକ୍ତାଙ୍କ ହୃଦୟକୁ ଛୁଇଁ ପାରିଥିଲା । ୨୦୦୧ରେ ତାଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ'ରେ ସମ୍ମାନିତ କରାଯାଇଥିଲା । ସେ ରାଜ୍ୟସଭା ସାଂସଦ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ରାହୁଲ ବଜାଜ୍ ?ଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପୂର୍ବରୁ ତାଙ୍କ ପତ୍ନୀଙ୍କ ପରଲୋକ

▶▶ପୃଷ୍ଠା ୭

## କ୍ରିକେଟ କୁମ୍ଭମେଳାରେ କାହାର ଦାମ୍ କେତେ ?

ନୂଆଦିଲ୍ଲୀ, ୧୨/୦୨ : ଫଟାଫଟ କ୍ରିକେଟ ଆଇପିଏଲ-୨୦୨୨ ପାଇଁ କେଉଁ ଖେଳାଳିଙ୍କୁ କିଏ କିଣିବ ? କାହାର ନିଲାମ ମୂଲ୍ୟ ସବୁଠାରୁ ଅଧିକ ହେବ ? ଆଇପିଏଲ ନିଲାମ ଆରମ୍ଭ ହେବା ପରେ ଏହା ଉପରେ ରହିଥିଲା ସମସ୍ତଙ୍କ ନଜର । ନିଲାମିର ପ୍ରଥମ ଦିନରେ ଧୁଆଁଧାର ବ୍ୟାଟ୍ସମ୍ୟାନ ଇଷାନ କିସାନଙ୍କୁ ସର୍ବାଧିକ ୧୫ କୋଟି ୨୫ଲକ୍ଷ ଟଙ୍କାରେ କିଣିଛି ନିତା ଅମ୍ବାନୀଙ୍କ ମୁମ୍ବାଇ ଇଣ୍ଡିଆନ୍ସ । କିନ୍ତୁ, ସୁରେଶ ରୈନା, ଷ୍ଟିଭ୍ ସ୍ମିଥ୍ ଓ ଡାଭିଡ ମିଲରଙ୍କ ଭଳି କିଛି ବଡ ନାଁକୁ ଏଥର ମାଲିକ ମିଳି ନାହାଁନ୍ତି । ଆରମ୍ଭ ହୋଇଛି ଆଇପିଏଲ





ନିଲାମି । ଇଣ୍ଡିଆନ ପ୍ରିମିୟର ଲିଗ ପାଇଁ ସବୁଠୁ ଦାମି ଖେଳାଳି ଭାବେ ବିକ୍ରି ହୋଇଛନ୍ତି ଶେୟସ ଆୟର । ଫଟାଫଟ କ୍ରିକେଟର ସବୁଠୁ ବଡ଼ ବ୍ରାଣ୍ଡ ପାଲଟିଥିବା ଆଇପିଏଲ ୨୦୨୨ ପାଇଁ ନିଲାମ ଉପରେ, ଖାଲି ଖେଳାଳି ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ, ବ୍ୟବସାୟ ଜଗତର ମଧ୍ୟ ନଜର ଅଟକିଥିଲା । କେଉଁ ଖେଳାଳିଙ୍କ

▶▶ପୃଷ୍ଠା ୭

# ମାଓ ଗତିବିଧି ଓ ପୋଲିସ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ପୋଲିସ ଡିଜି

କନ୍ଧମାଳ,୧୨/୨ (ନି.ପ୍ର): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଆଜି ହେଲିକପ୍ଟର ଯୋଗେ ଫୁଲବାଣୀ ସ୍ଥିତ ମାଦିକୁନ୍ଦା ରିଜର୍ଭ ପୋଲିସ ପଡ଼ିଆରେ ପହଂଚି ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରିୟ ପଚାଂୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ମାଓବାଦୀଙ୍କ ଗତିବିଧି ଏବଂ ପୋଲିସର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏଥିସହ ଗତ ୨ରୁ ୩ ଦିନ ହେଲା ମାଓବାଦୀଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ଲଗାଯିବା, ଠିକା ସଂସ୍ଥାର ଗାଡି ପୋଡିବା ଏବଂ ସେମାନେ ଲଗାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ନିରୀହ ଯୁବକଙ୍କ ପ୍ରାଣହାନି ଘଟିବା ଘଟଣାର ତଥ୍ୟ ସଂଗ୍ରହ କରିଥିଲେ । ଏତଦ୍ ବ୍ୟତୀତ ଉପରୋକ୍ତ ଘଟଣାଗୁଡିକ ଅନୁଧ୍ୟାନ କରି ଜିଲ୍ଲାରେ ତ୍ରିସ୍ତରିୟ ପଚାଂୟତ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହିତ ଶେଷ ହେବ ସେନେଇ ଯୋଜନା ପ୍ରସ୍ତୁତ କରିଥିଲେ । ଏହାପରେ ସେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଥିଲେ । ପୋଲିସ ଡିଜିଙ୍କ ଏହି ଗସ୍ତ କାଳରେ ତାଙ୍କ ସହିତ ରାଜ୍ୟ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଲଳିତ ଦାଶ, ସ୍ୱେଶାଲ ଡିଜି (ଏସଏପି) ମନୋଜ କୁମାର ଛାବରା, ଆଇଜି ବିଏସଏଫ ଏସ. ବୁଦ୍ଧକୋଠି, ଆଇଜି ଅପରେସନ ଅମିତାଭ ଠାକୁର ଏବଂ ପୋଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆଦର୍ଶ ନିର୍ବାଚନ ଆଚରଣ ବିଧି ଧର୍ମକୁ ଆଖିଠାର : କଂଗ୍ରେସ

କେନ୍ଦ୍ରାପଡ଼ା,୧୨/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇ ଥିବା ଆଦର୍ଶ ଆଚରଣ ବିଧି ଧର୍ମକୁ ଆଖିଠାର ସଦୃଶ କେବଳ କାଗଜ କଲମରେ ପାଳନ କରାଯାଉ ଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ବ୍ଲକରେ ଆୟବ୍ୟୟର ସମୀକ୍ଷା କରିବା ପାଇଁ ଫାଇନାନ୍ସ ଅବଜରଭର ନିଯୁକ୍ତ ଥିବାବେଳେ ଏମାନେ ପ୍ରତ୍ୟେକ ପ୍ରାର୍ଥୀଙ୍କ ପ୍ରଚାର ଅନୁଧ୍ୟାନ ଓ ଆକଳନ କରି ନିର୍ବାଚନ କମିଶନଙ୍କୁ ସଠିକ ରିପୋର୍ଟ ପ୍ରଦାନ କରିବା କଥା । ମାତ୍ର ଏହି ଅବଜରଭର ମାନେ ବ୍ଲକ କାର୍ଯ୍ୟାଳୟରେ ହାଜିରା ପକାଇ ଆଇବି, ସର୍କିଟ ହାଉସ ଓ ହୋଟେଲରେ ରହି ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳୁଛି । ଅପରପକ୍ଷେ ସରପଂଚ ପ୍ରାର୍ଥୀମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭୋଟର ମାନଙ୍କୁ ପ୍ରଭାବିତ କରିବା ସହ ଭୋଟ ହାତେଇବା ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରୁଥିବା ଲକ୍ଷ୍ୟ କରାଯାଉଛି । ସେହିଭଳି ଗୋଟିଏ ଗୋଟିଏ ୱାର୍ଡରେ ୱାର୍ଡମେମ୍ବର ଓ ସରପଂଚ ପ୍ରାର୍ଥୀ ଓ ଜିଲ୍ଲା ପରିଷଦ ପ୍ରାର୍ଥୀମାନେ ମାନେ ମାଳ ମାଳ ପୋଷ୍ଟର, ବ୍ୟାନର, ପୁସିଂ କାର୍ଡ, ହୋଡର୍ଡିଂ ଲଗାଇବା ସହ ଭୋଜିଭାତ କରି ଭୋଟର ମାନଙ୍କୁ ପ୍ରଲଭିତ କରିବା ସହ ଆଦର୍ଶ ଆଚରଣ ବିଧିକୁ ଉଲଙ୍ଘନ କରୁଥିବା କଂଗ୍ରେସ ଓବିସି ରାଜ୍ୟ ଆବାହାକ ବିଦୂ ଭୂଷଣ ମହାପାତ୍ର ମାହାମାନ୍ୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ।

# ବାହାଘର ଭୋଜି ଖାଇ ୩୦ ଗୁରୁତର ଅସୁସ୍ଥ

ମାଲକାନଗିରି,୧୨/୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଲୁଗେଲ ପଂଚାୟତ ଅନ୍ତର୍ଗତ ଏମପିଭି - ୬୫ ଗ୍ରାମରେ ବାହାଘର ଭୋଜିଖାଇ ଗ୍ରାମର ଶତାଧିକ ଲୋକ ଅସୁସ୍ଥ ହୋଇପଡିଥିଲେ । ଗୁରୁତର ଅସୁସ୍ଥ ୩୦ ଜଣଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଏବେବି ୧୫ ଜଣଙ୍କର ଚିକିତ୍ସା ଚାଲିଛି ।

ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଏମାନେ ବିଶାକ୍ତ ଖାଦ୍ୟ ଦ୍ୱାରା ଝାଡାବାନ୍ତିର ଶିକାର ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଉକ୍ତ ଗ୍ରାମରେ ଏକ ବାହାଘର ଭୋଜିରେ ସମସ୍ତ ଗ୍ରାମବାସୀ ଯୋଗଦାନ କରିଥିଲେ ଏବଂ ଖାଇବା ପରେ ଏଭଳି ଝାଡା ବାନ୍ତିର ଶିକାର ହୋଇଥିଲେ ।

# କଂଗ୍ରେସକୁ ସମର୍ଥନ କରିବ ସିପିଆଇ

ଜୟପୁର,୧୨/୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏକ ପ୍ରେସ ବିବୃତି ଜାରି କରାଯାଇଛି । ଏହି ପ୍ରେସ ବିବୃତି ମାଧମରେ ସିପିଆଇ କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଘୋଷଣା କରାଯାଇଛି ଯେ, ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ପାର୍ଟି ପକ୍ଷରୁ ୫ଟି ବ୍ଲକ୍ ର ବିଭିନ୍ନ ପଚାଂୟତରେ ସରପଚଂ ଓ ସମିତିସଭ୍ୟ ପଦ ପାଇଁ ପ୍ରାର୍ଥୀ ଦିଆଯାଇଛି । ଶେଷ ପର୍ଯ୍ୟାୟରେ କେତେକ ଆସନ ଅଦଳବଦଳ ହେବାରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଦିଆଯାଇ ପାରିଲା ନାହିଁ । ଯେହେତୁ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ପରିଷଦ ପ୍ରାର୍ଥୀ ଦେଇନାହିଁ ସେଥିପାଇଁ ପାର୍ଟି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ ମାନଙ୍କୁ ସମର୍ଥନ କରିବା ପାଇଁ ଘୋଷଣା କରୁଛି । ପାର୍ଟି ବିଚାର କରେ ଯେ, ବିଜେପି ଏବଂ ବିଜେଡ଼ି ଦଳକୁ ପରାସ୍ତ କରିବା ପାଇଁ କଂଗ୍ରେସ ଦଳକୁ ସମର୍ଥନ କରି ଧର୍ମନିରପେକ୍ଷ ଶକ୍ତିକୁ ମଜବୁତ୍ କରିବା ସମୟର ଆହ୍ୱାନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିର ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ଶାସନ କାଳରେ ଓଡ଼ିଶାର ପ୍ରଗତିର ଅନୁଶୀଳନ କରିବା ସାଧାରଣ ଜନତା ଆରମ୍ଭ କରିଛନ୍ତି । ନବୀନ ପଟ୍ଟନାୟକ ଏକ ନମ୍ବର ମୁଖ୍ୟମନ୍ତ୍ରୀ ବୋଲି ପ୍ରଚାର ହେଉଥିବା ବେଳେ ଓଡ଼ିଶା ଦାରିଦ୍ର୍ୟ, ଅନାହାର, ଶିକ୍ଷା, ସ୍ୱାସ୍ଥ୍ୟ, ମଣିଷର ବଂଚିବାର ସମସ୍ତ ମାନରେ ଜାତୀୟ ସ୍ତରରେ ତଳେ । ଓଡ଼ିଶାର ଖଣି, ପାଣି, ଜମି, ଜଙ୍ଗଲ, ସମୁଦ୍ର ତଟ ସବୁଥାଇ ଓଡ଼ିଆ ଆଜି ବି ଦାଦନ ରାଜ୍ୟ । କେବଳ ସର୍ବନିମ୍ନ ମଜୁରୀ ନଥାଇ ସିକ୍ୟୁରିଟି ଗାର୍ଡ, ନହେଲେ ପିଠିରେ ବୋଝ ବୋହି ହୋମ୍ ଡେଲିଭରି କାମ । ନବୀନ ପଟ୍ଟନାୟକଙ୍କ ନାକ ତଳେ ଐତିହାସିକ ଚୌ।ଦ୍ୱାର କାଗଜ କଳ ଓ ଓଟିଏମ୍ ବନ୍ଦ । ନବୀନ ସରକାରଙ୍କ କାର୍ଯ୍ୟ କାଳରେ କଳକାରଖାନା ଖୋଲିବା କମ୍ ବନ୍ଦ ବେଶି । ଅନ୍ୟ ଦିଗରେ ଘୋର ସାମ୍ପ୍ରଦାୟିକ ଶକ୍ତି ବିଜେପି ଦେଶର ଐକ୍ୟ ଅଖଣ୍ଡତା ଓ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟକୁ ଆଘାତ ଆଣିବାରେ ଲାଗିଛି । ଏଣୁ ଏହି ଦଳ ମାନଙ୍କୁ ପରାସ୍ତ କରି ତୃଣମୂଳ ସ୍ତରରୁ ସାଧାରଣ ଲୋକଙ୍କୁ ସଂଗଠିତ କରି ଆଗାମୀ ଦିନ ପାଇଁ ପ୍ରସ୍ତୁତ କରିବାକୁ ହେବ । ପାର୍ଟିର ଯୁବ ଛାତ୍ର ସଂଗଠନକୁ ସକ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି । ସେଥିପାଇଁ ସତ୍ୟବ୍ରତ ନନ୍ଦଙ୍କୁ ପାର୍ଟିର କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଯୁବ ଛାତ୍ର ଆବାହକ ଭାବରେ ଘୋଷଣା କରାଯାଇ ଦାୟିତ୍ୱ ନିର୍ବାହ ପାଇଁ ଅଧିକାର ଦିଆଯାଇଛି । ଆଗାମୀ ପୌର ପରିଷଦ ନିର୍ବାଚନ ପାଇଁ ହୋଇଥିବା ବୈଠକ ପରେ ଭୋଟର ଲିଷ୍ଟ ଦିଆଯାଇଛି । ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ, ଅନେକ ବିଶିଷ୍ଟ ବ୍ୟକ୍ତି ଇହଧାମ ତ୍ୟାଗ କରିଥିଲେ ମଧ ସେମାନଙ୍କ ନାମ ଭୋଟର ତାଲିକାରେ ରହିଥିବା ବେଳେ ଅନେକ ଜୀବିତ ବ୍ୟକ୍ତିଙ୍କ ନାମ ବାଦ୍ ପଡ଼ିଛି । ଏଥିପାଇଁ ବ୍ୟାପକ ଆଲୋଚନା କରି ପୌ।ର ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ପାଇଁ ଜୟପୁର ମ୍ୟୁନିସିପାଲିଟି ଅଧିକାରୀ, ଜିଲ୍ଲାପାଳ ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କୁ ଚିଠି ଲେଖାଯିବା ସହ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଉଦ୍ୟମ କରାଯିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀକୁ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସମ୍ବୋଧିତ କରିଥିଲେ ଏବଂ ଜିଲ୍ଲା ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବ ଛାତ୍ର ଆବାହକ ସତ୍ୟବ୍ରତ ନନ୍ଦ ଓ ଯୁବ ସଂଘ ଜିଲ୍ଲା କାର୍ଯ୍ୟକର୍ତ୍ତା ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ଓ ପଛୁଆବର୍ଗଙ୍କୁ ଧୋକା ଦେଇଚି ସରକାର : ନରସିଂହ

## ଦେଓଗାଁ ବ୍ଲକରେ କବିତା ଭୋଇଙ୍କ ପାଇଁ ପ୍ରଚାର କଲେ ନରସିଂହ

ବଲାଙ୍ଗିର ,୧୨/୨ (ନି.ପ୍ର): ଦିର୍ଘ ବର୍ଷରୁ ରାଜ୍ୟ ଓ କେନ୍ଦ୍ରରେ ବିଜେଡି ବିଜେପି ସରକାର ଗଢିଥିବା ସତ୍ୱେ ରାଜ୍ୟରେ ଥିବା ଆଦିବାସୀ ତଥା ପଛୁଆ ବର୍ଗର ଜୀବନ ଜୀବିକାରେ କୌଣସି ଉନ୍ନତି ହେଉ ନାହିଁ । ଉକ୍ତ ନିର୍ବାଚନରେ ଉଭୟ କେନ୍ଦ୍ର ଓରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ପଛୁଆବର୍ଗ ନିର୍ବାଚନୀ ସଂରକ୍ଷଣରୁ ବାଦ ପଡିଛନ୍ତି । ଏହି ଉଭୟ ବର୍ଗର ଲୋକେ ତାଙ୍କ ପ୍ରତି ହୋଇଥିବା ଧୋକାବାଜିକୁ ଠିକ ଭାବେ ବୁଝି ଏହି ତ୍ରିସ୍ତରିୟ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦିଅନ୍ତୁ । ତା ସହ କଂଗ୍ରେସ ପ୍ରାର୍ଥିନୀ ସବିତା ଭୋଇଙ୍କୁ ହାତ ଚିହ୍ନରେ ବୃପୁଳ ମାତ୍ରାରେ ଭୋଟ ଦାନ କରି ବିଜୟୀ କରନ୍ତୁ ବୋଲି ଆଜି ଦେଓଗାଁ ବ୍ଲକ ଜୋନ ୧୨ରେ ନିର୍ବାଚନୀ ପ୍ରଚାର ସମୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଦେଓଗାଁ ବ୍ଲକ ଜୋନ ୧୨ର ପିଲାତିମହୁଲ,ସୁନାରିଜୋର, ଡୁମେରପିଟା, ରାମଚନ୍ଦ୍ରପୁର, ଖଲିଆପାଲି ଓ ସିଂହାମୁଣ୍ଡା ଗ୍ରାମରେ କଂଗ୍ରେସ ପ୍ରାର୍ଥିନୀ ସବିତା ଭୋଇଙ୍କ ପାଇଁ ପ୍ରଚାର ସମୟରେ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ସ୍ୱାଧିନତା ପରଠୁ ହିଁ ସମାଜର ଦଳିତ ଓ ପଛୁଆ ବର୍ଗଙ୍କ ବିକାଶ ସପକ୍ଷରେ କଂଗ୍ରେସ ଦଳ କାମ କରି ଆସିଛି । ସେମାନଙ୍କ ଉନ୍ନତିକୁ ଆହୁରି ଦୃତଗାମୀ କରିବା ପାଇଁ କଂଗ୍ରେସ ଦଳ ବିଭିନ୍ନ ବର୍ଗରେ ଦଳିତ ଆଦିବାସୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲା । ଫଳରେ କଂଗ୍ରେସ ଅମଳ ସମୟରେ ସମାଜର ଏହି ଉଭୟ ବର୍ଗର ବେଶ ଉନ୍ନତି ପରିଲକ୍ଷିତ ହୋଇଥିଲା । କିନ୍ତୁ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ଗାଦିରେ ବସିଥିବା ଉଭୟ ସରକାର ଙ୍କୁ ବୋଧେ ଏହା ବରଦାସ୍ତ ହେଲା ନାହିଁ । ବିଜେଡି ଓ ବିଜେପି ଦଳ ସରକାରକୁ ଆସିଲା ପରେ ଆଦିବାସୀ ଓ ପଛୁଆ ବର୍ଗଙ୍କ ପ୍ରତି ତାଙ୍କର ଦମନ ଲିଳା ଆରମ୍ଭ କଲେ । ବିଗତ ଦିନରେ ତାହାର ଅନେକ ଉଦାହରଣ ବିଶ୍ୱ ଦରବାରରେ ନିନ୍ଦିତ ହୋଇଛି । ହଜାର ହଜାର ବର୍ଷ ଧରି ସମାଜରେ ଶୋଷିତ ନଷ୍ପେଷିତ ହୋଇଥିବା ଦଳିତ ବର୍ଗକୁ ଅନ୍ୟ ବର୍ଗମାନଙ୍କ ସହିତ ସମକକ୍ଷ କରିବା ପାଇଁ ଅଣାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ବନ୍ଦ କରିଦେବା ପାଇଁ ଷଡଯନ୍ତ୍ର କଲେ । ବର୍ତ୍ତମାନ ନିର୍ବାଚନରେ ପଛୁଆ ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାର ସଂରକ୍ଷଣ ବ୍ୟବସ୍ଥାରୁ ତାଙ୍କୁ ବାଦ ଦେବା ଏହାର ଜ୍ୱଳନ୍ତ ଉଦାହରଣ । ଉଭୟ ବିଜେପି ଓ ବିଜେଡି ଦଳ ପଛୁଆବର୍ଗଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ସାମ୍ବିଧାନିକ ଅଧିକାର ଲୁଣ୍ଠନ କରୁଛନ୍ତି । ତେଣୁ ସମାଜର ଆଦିବାସୀ ତଥା ପଛୁଆବର୍ଗ ଏହି ଦଳମାନଙ୍କ ପ୍ରକୃତି ତଥା ପ୍ରବୃତ୍ତିକୁ ହୃଦୟଙ୍ଗମ କରନ୍ତୁ । ସମାଜର ଗରିବ ପଛୁଆ ବର୍ଗଙ୍କ ହିତରେ ମନରେଗା, ଶିକ୍ଷା ଅଧିକାର ଆଇନ ଓ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ଗରିବ, ପଛୁଆ ଓ ଆଦିବାସୀଙ୍କ କାମ କରି ଆସିଥିବା କଂଗ୍ରେସଦଳ କୁ ଏଥର ଜନାଦେଶ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ନିବେଦନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଉମା ଶଙ୍କର ପଣ୍ଡା, ବ୍ଲକ ସଭାପତି ରାମଜୀ ଚୌଧୁରି, କାନ୍ତେଶ୍ୱର ପ୍ରଧାନ, ସଂକିର୍ତ୍ତନ ବାଗ ଓ ଭାଗ୍ୟବାନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ହରପ୍ରିୟା ଓ ମମତାଙ୍କ ପାଇଁ ପ୍ରଚାର କଲେ ବିଧାୟକ



ବାସୁଦେବପୁର,୧୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଗାଁ ପଂଚାୟତରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ହରପ୍ରିୟା ଶିଅଳଙ୍କୁ ସୂର୍ଯ୍ୟ ଚିହ୍ନରେ ଓ ସମିତି ସଭ୍ୟ ପ୍ରାର୍ଥୀ ମମତା ରାଣୀ ପଣ୍ଡାଙ୍କୁ ବସ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ରୋଡ୍ ସୋ ଆରମ୍ଭ ହେବା ସହିତ ମଠ ବାଡ଼ି, ଜେନା ସାହି, ଖେମେଶ୍ୱରପୁର କ୍ଲବ , ବଣିଆ ସାହି, ଅଲବଗା ପ୍ରଭୃତି ସ୍ଥାନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ବ୍ରାହ୍ମଣ ଗାଁ ସରପଂଚ ହରିହର ଶିଅଳ । ବିଧାୟକ ଶ୍ରୀ ରାଉତରାୟ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ଓ ତାଂକ ହାତ ମୁଠାକୁ ଶକ୍ତ କରିବାକୁ କହିଥିଲେ । ବିଧାୟକ ପ୍ରତିନିଧି ଅସିତ ଦାଶ, ଜିଲ୍ଲା ପରିଷଦ ପ୍ରାର୍ଥୀ ଜୟନ୍ତୀ ବାରିକ, କମଳାକାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ । ବିଜୁ ଜନତା ଦଳର ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# କାଳିପୁରରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାସୁଦେବପୁର,୧୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣି ଡ଼ିହି ପଂଚାୟତରେ କାଳୀପୁର ଠାରେ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଠାରେ ରାମ , ଲକ୍ଷ୍ମନ, ସୀତା, ହନୁମାନ, ବାଲ୍ମୀକି ପ୍ରଭୃତି ଦେବା ଦେବୀ ପୂଜା ପାଉଛନ୍ତି । ଏହି ଅବସରରେ ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ମନ୍ତ୍ର ପାଠ, ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଚଳିତ ଫେବ୍ରୁଆରୀ ମାସ ୯ ୧୦ ୧୧ ତିନିଦିନ ଧରି ଏହି କାର୍ଯ୍ୟକ୍ରମ ରେ ବହୁ ଜନସାଧାରଣ, ଭକ୍ତ ଯୋଗଦେଇ ଥିଲେ । ଏହି ସୁନ୍ଦର ଆଧାତ୍ମିକ ପରିବେଶରେ ଭଜନ ଜଣାଣ ସଙ୍ଗୀତ ରେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଥିଲେ । ସଂଘ ର ସଭାପତି ଆଦର୍ଶ ଶିକ୍ଷକ ଅଦ୍ୱୈତ ପ୍ରସାଦ ନାୟକ ଓ ସମ୍ପାଦକ ସୁବ୍ରତ ମହାପାତ୍ର ସମସ୍ତ ଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ସମସ୍ତେ ମନ ଆନନ୍ଦରେ ପ୍ରସାଦ ସେବନ କରିଥିଲେ ।

# ପ୍ରଚାର ମୈଦାନରେ ଜିଲ୍ଲା ପରିଷଦ ୯ ନମ୍ବର ଜୋନର ପ୍ରାର୍ଥୀ ନବୀନ ପାତ୍ର

କନ୍ଧମାଳ,୧୨/୨ (ନି.ପ୍ର): ତୁମୁଡିବନ୍ଧ ପଚାଂୟତ ନିର୍ବାଚନର ମାହୋଲ୍ ଦିନକୁ ଦିନ ସରଗରମ ହେବାରେ ଲାଗିଛି । ତୁମୁଡିବନ୍ଧ ବ୍ଲକରେ ଜିଲ୍ଲା ପରିଷଦ ୯ ନମ୍ବର ଜୋନର ପ୍ରାର୍ଥୀ ଭାବରେ ବିଜୁ ଜନତା ଦଳ ତରଫରୁ ନବୀନ ପାତ୍ର ମନୋନୀତ ହୋଇଛନ୍ତି । ଜିଲ୍ଲା ପରିଷଦ ପାର୍ଥୀ ନବୀନ ପାତ୍ର ଓ ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ କୁମାର ସାହୁ ଲୋକଙ୍କ ପାଖକୁ ଯାଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି । ଏ ବିଷୟରେ ଜିଲ୍ଲା ପରିଷଦ ପାର୍ଥୀ ନବୀନ ପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋର ବିଜୟ ଜନସାଧାରଣଙ୍କ ହାତରେ । ଏହି ସୁଯୋଗରେ ଲୋକଙ୍କର କିଛି ସମସ୍ୟା ବିଷୟରେ ଅବଗତ ଥିଲେ ନିର୍ବାଚନ ସରିବା ପରେ ମୁଁ ବିଜୟ ହୁଏ କିମ୍ବା ପରାଜୟ ହୁଏ, କିନ୍ତୁ ମୋ ଦ୍ୱାରା ଯାହା ବି ସମ୍ଭବ ମୁଁ ସମସ୍ୟାର ଦୂରୀକରଣ କରିବା ପାଇଁ ଚେଷ୍ଟା କରିବି । ତୁମୁଡିବନ୍ଧ ବ୍ଲକର ଏଗାର ଗୋଟି ପଚାଂୟତର ଜନସାଧାରଣ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ପାର୍ଥୀ ନବୀନ ପାତ୍ରଙ୍କୁ ବିପୁଳ ଭୋଟରେ ବିଜୟ କରାଇବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

# କନ୍ଧମାଳକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲଙ୍କ ଗସ୍ତ

କନ୍ଧମାଳ,୧୨/୨ (ନି.ପ୍ର): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଫୁଲବାଣୀ ଗସ୍ତରେ ଆସି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଆଜି ଅପରାହ୍ନରେ ହ୍ୟାଲିକ୍ୟାପ୍ଟର ଯୋଗେ ଫୁଲବାଣୀ ସ୍ଥିତ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆରେ ପହଂଚିବା ପରେ ପୋଲିସ ମୁଖ୍ୟାଳୟରେ ପହଂଚି ସେଠାରେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ଏବଂ କନ୍ଧମାଳର ନିକଟବର୍ତ୍ତି ଜିଲ୍ଲାର ଉଚ୍ଚପଦସ୍ତ ପୋଲିସ ଅଧିକାରୀ ମାନଙ୍କ ସହିତ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ । ଏଥିରେ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ,ସ୍ୱତନ୍ତ୍ର ଡିଜି ଏସ.ଏ.ପି ମନୋଜ କୁମାର ଛାବ୍ରା,ଆଇଜି ବିଏସଏଫ ଏସ ବୁଧାକୁଟୀ,ଆଇଜି ଅପରେସନ ଅମିତାଭ ଠାକୁର,ଆଇଜି ଏନ.ଆର ଦୀପକ କୁମାର,ଆଇଜି ଏସ.ଆର ସତ୍ୟବ୍ରତ ଭୋଇ,ଡିଆଇଜି ଏସ ଆଇ ଡବ୍ଲ୍ୟୁ ଅନିରୁଦ୍ଧ ସିଂ,ଏସପି କଳାହାଣ୍ଡି ସର୍ବଣ ବିବେକ,ଏସପି ବରଗଡ ରାହୁଲ ଜୈନ,ଏସପି ବଲାଙ୍ଗିର ନିତିନ କୁଶାଲକର,ଏସପି ବୌଦ୍ଧ ଜ୍ଞାନରଞ୍ଜନ ମହାନ୍ତି,ଏସପି କନ୍ଧମାଳ ଭିନିତ ଅଗ୍ରାୱାଲ ଏବଂ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜି.ରାଘବେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ । ସମୀକ୍ଷା ବୈଠକ ପରେ ପୋଲିସ ମହାନିର୍ଦ୍ଦେଶକ କନ୍ଧମାଳ ଜିଲ୍ଲାର କିଛି ଆଭ୍ୟନ୍ତରୀଣ ଅଂଚଳରେ ମାଓବାଦୀ ମାନଙ୍କର ଗତିବିଧି ରହିଛି । ଏହାକୁ ଦୃଷ୍ଟିରେ ରଖି ଆଗାମୀ ତ୍ରିସ୍ତରୀୟ ପଂଚାତୟତ ନିର୍ବାଚନ ପାଇଁ ସୁରକ୍ଷା ବ୍ୟସ୍ଥାକୁ କଡାକଡି କରିବା ସହିତ ଭୋଟର ମାନେ ଯେପରି ନିର୍ଭୟରେ ସେମାନଙ୍କର ମତଦାନ କରିପାରିବେ ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯିବ । ଅନ୍ୟ ପକ୍ଷରେ ମାଓବାଦୀ ମାନେ ହିଂସା ଛାଡି ସମାଜର ମୁଖ୍ୟ ଶ୍ରୋତରେ ସାମିଲ ହେବା ସହ ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ରହିଥିବା ଆତ୍ମସମର୍ପଣ ଏବଂ ଥଇଥାନ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଛନ୍ତି । ଏହା ସହିତ ଚଳିତ ସପ୍ତାହରେ ମାଓବାଦୀ ମାନେ କନ୍ଧମାଳ ଜିଲ୍ଲାରେ ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ସେମାନଙ୍କର ସ୍ଥିତି ଜାହିର କରିଥିବା ସହିତ ଠିକାସଂସ୍ଥାର ଗାଡି ପୋଡିବା ଏବଂ ସେମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡ ମାଇନ୍ସର ବିସ୍ଫୋରଣରେ ଜଣେ ନିରିହ ଯୁବକର ଜୀବନ ଯାଇଥିବା ବେଳେ ଲୋକଙ୍କ ପାଇଁ ନିର୍ବାଚନ ବେଳେ ସୁରକ୍ଷା ଏକ ବଡ ଚ୍ୟାଲେଞ୍ଜ ହେବକି ବୋଲି ଗଣମାଧ୍ୟମକୁ ଉତରରେ ମହାନିର୍ଦ୍ଦେଶକ କହିଛନ୍ତି ଏହି ସବୁ ଅଂଚଳରେ ଅତିରିକ୍ତ ସୁରକ୍ଷାବଳ ଯୋଗାଇ ଦିଆଯିବ ଯାହା ଦ୍ୱାରା ଜିଲ୍ଲାରେ ଅବଧାରେ ଏବଂ ନିରାପଦରେ ନିର୍ବାଚନ ହୋଇ ପାରିବ । ତେଣୁ ଜନସାଧାରଣ ନିର୍ଭୟରେ ସେମାନଙ୍କର ମତଦାନ କରି ପାରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି ।

# ଶେରଗଡ଼ ବ୍ଲକରେ ବିଜେଡି ବନାମ ବିଜେଡି ଲଢେଇ

ଗଞ୍ଜାମ,୧୨/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଟେ । ଏହି ବ୍ଲକର ସମସ୍ତ ପଂଚାୟତରେ ସରପଂଚ, ସମିତିସଭ୍ୟ ଓ ୱାଡ୍ ସଭ୍ୟ ବିନା ପ୍ରତିଦ୍ୱନ୍ଦୀ କରାଇ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତୀକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ବିଜେଡ଼ି ନେତୃବୃନ୍ଦ ଆପ୍ରାଣ ଉଦ୍ୟମ କରି ବିଫଳ ହୋଇଛନ୍ତି । ଏହି ବ୍ଲକ ର ୨୨ଟି ପଂଚାୟତ ମଧ୍ୟରେ ମାତ୍ର ଦୁଇଟି ସରପଂଚ ଓ ସାତ ଜଣ ସମିତିସଭ୍ୟ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବାବେଳେ ଅନ୍ୟ ସମସ୍ତ ପଂଚାୟତରେ ବିଜେଡି ଓ ବିଜେଡି ବିଦ୍ରୋହି ସରପଂଚ ଓ ସମିତିସଭ୍ୟ ପ୍ରାର୍ଥିଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିବା ଜଣାପଡିଛି ।ଏଥିରୁ ୱାଡସଭ୍ୟ ପ୍ରାର୍ଥୀମାନେ ମଧ ବାଦ୍ ପଡିନାହାନ୍ତି । ଏହି ବ୍ଲକର ପିତଳ ପଂଚାୟତ ନିର୍ବାଚନ ଅତ୍ୟନ୍ତ ରୋଚକପୂର୍ଣ୍ଣ ହୋଇପଡିଛି । ଏଠାରେ ବିଜେଡି ସମର୍ଥୀତ ପ୍ରାର୍ଥୀଭାବେ ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ମଳିକ ଓ ପୂର୍ବତନ ସରପଂଚ ଅନୀଲ କୁମାର ମହାପାତ୍ର ଯଥାକ୍ରମେ ସରପଂଚ ଓ ସମିତିସଭ୍ୟ ଭାବେ ଲଢୁଛନ୍ତି । ସେହିପରି ଜିଲାପରିଷଦ ସଭ୍ୟ ପ୍ରମୋଦ ପାତ୍ରଙ୍କ ପୁଅ ରାମରାଘବ ପାତ୍ର ସରପଂଚ ଓ ଜନାର୍ଦ୍ଦନ ପାତ୍ର ସମିତିସଭ୍ୟ ବିଦ୍ରୋହି ପ୍ରାର୍ଥୀଭାବେ ଲଢୁଛନ୍ତି । ବର୍ତମାନ ଉଭୟ ଗୋଷ୍ଠୀଙ୍କ ସ୍ଥିତି ପ୍ରାୟ ସମାନ ରହିଛି । ଯାହାକୁ ନେଇ ହାରଜିତ ସ୍ୱଳ୍ପ ବ୍ୟବଧାନରେ ହେବାର ସମ୍ଭାବନା ରହିଛି ।

# ଭୋଟରଙ୍କୁ କ୍ଷମା ପ୍ରାର୍ଥନା କଲେ ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରଘୁନାଥ ସାହୁ

ଖୋର୍ଦ୍ଧା,୧୨/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡିର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଗତକାଲି ପୂର୍ବତନ ଚିଲିକା ବିଜେଡି ବିଧାୟକ ରଘୁନାଥ ସାହୁ କୌଣସି କାର୍ଯ୍ୟରେ ଗୋବିନ୍ଦପୁର ଗ୍ରାମକୁ ଯାଇଥିଲେ । ହେଲେ ସେଠାରେ ଦଳୀୟ କର୍ମୀ ଯେଉଁଭଳି ଢଙ୍ଗରେ ବିରୋଧ କଲେ ତାକୁ ନେଇ ସ୍ଥାନୀୟ ଅଂଚଳରେ ଭିନ୍ନ ଭିନ୍ନ ମତ ଉଠୁଛି । ତେବେ ଏଥିରେ ମର୍ମାହତ ହୋଇ ଗତକାଲି ରାତିରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଏକ ସାମ୍ବାଦିକ ସମ୍ମିଳନୀ କରି ଚିଲିକା ନିର୍ବାଚନମଣ୍ଡଳୀର ସମସ୍ତ ଭୋଟର ମାନଙ୍କୁ ହାତ ଯୋଡି କ୍ଷମା ପ୍ରାର୍ଥନା କରିଥିବାର ଦେଖିବାକୁ ମିଳିଛି । ୨୦୧୯ ବିଧାନସଭା ନିର୍ବାଚନରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସପକ୍ଷରେ ଭୋଟରମାନଙ୍କୁ ଭୋଟ ଭିକ୍ଷା କରିଥିଲେ । ଏପରିକି ଭୋଟରମାନେ ଶ୍ରୀ ସାହୁଙ୍କୁ ସମ୍ମାନ ଜଣାଇ ଦଳୀୟ ବିଧାୟକ ପ୍ରାର୍ଥୀ ଜଗଦ୍ଦେବଙ୍କୁ ବିଜୟୀ ମଧ କରାଇଥିଲେ । ତେବେ ୩ ବର୍ଷ ହେବ ଚିଲିକା ନିର୍ବାଚନମଣ୍ଡଳୀ ଅଶାନ୍ତ ରହୁଥିବା ବେଳେ ଉକ୍ତ ନିର୍ବାଚନ ମଣ୍ଡଳୀର ବିକାଶ ହୋଇନଥିବା ଦେଖିବାକୁ ମିଳୁଛି । ଏପରିକି ଦୀର୍ଘ ୩ବର୍ଷ ଧରି ଭୋଟର ମାନେ ଅବହେଳିତ ହୋଇଛନ୍ତି । ତେଣୁ ଚିଲିକା ନିର୍ବାଚନ ମଣ୍ଡଳୀରେ ବିଶେଷ ବିକାଶମୂଳକ କାର୍ଯ୍ୟ ହୋଇନଥିବା ହେତୁ ସେ ଭୋଟର ମାନଙ୍କୁ ଯୋଡ଼ହସ୍ତରେ କ୍ଷମାପ୍ରାର୍ଥନା କରିଛନ୍ତି । ଏପରିକି ଆଗାମୀ ପଚାଂୟତ ଏବଂ ପୌର ନିର୍ବାଚନରେ ଉପରୋକ୍ତ ଘଟଣାଗୁଡିକୁ ବିଚାର ଏବଂ ହୃଦୟଙ୍ଗମ କରି ନିଜର ମତ ସାବ୍ୟସ୍ତ କରିବା ପାଇଁ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଅନୁରୋଧ କରିଛନ୍ତି । ଅନୁରୂପ ଭାବେ ବିଜେଡିର କର୍ମୀମାନେ ଦଳବିରୋଧୀ କାର୍ଯ୍ୟଲାଗି ରଘୁନାଥ ସାହୁଙ୍କୁ ଦଳରୁ ନିଲମ୍ବିତ କରିବା ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଛନ୍ତି ।

# ବସନ୍ତପୁର ଓ କଳାମାଟି ପଚାଂୟତରେ ବିଜେଡି ପ୍ରାର୍ଥୀଙ୍କ ଜୋରଦାର୍ ପ୍ରଚାର

ସମ୍ବଲପୁର,୧୨/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧନକୋଉଡ଼ା ବ୍ଲକ ଜୋନ-୨ ର ବିଜେଡି ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସପକ୍ଷରେ ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ବସନ୍ତପୁର ଓ କଳାମାଟି ପଚାଂୟତରେ ବ୍ୟାପକ ପ୍ରଚାର ଅଭିଯାନ ତଥା ଗ୍ରାମସଭାମାନ ସଂଗଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମସ୍ତ ଜନବାଦୀ ଓ ଲୋକାଭିମୁଖୀ ତଥା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଘର ଘର ବୁଲି ଜନସାଧାରଣ ମାନଙ୍କୁ ସଚେତନ କରାଯାଇଥିଲା । ଏହି ସମସ୍ତ ଜନକଲ୍ୟାଣ ଯୋଜନାର ସୁଫଳ କିଭଳି ସବୁ ହିତାଧିକାରୀ ପାଇ ପାରିବେ ସେଥି ନିମନ୍ତେ ବିଜୁ ଜନତା ଦଳର ପ୍ରାର୍ଥୀ ମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏହି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ସହ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ତଥା ଗତ ବିଧାନସଭା ନିର୍ବାଚନର ବିଜେଡି ପ୍ରାର୍ଥୀନୀ ଇଂ.ରୀନା ତନ୍ତୀ, ସମ୍ବଲପୁର ଜିଲ୍ଲା ବିଜେଡି ଉପସଭାପତି ଅଶୋକ କୁମାର ମହାକୁର, ସମ୍ବଲପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାହ୍ନୁ ଚରଣ ମିଶ୍ର, ଜିଲ୍ଲା ବିଜେଡି ଏସସି-ଏସଟି ସେଲ୍ ସଭାପତି ମୋତିଲାଲ ତନ୍ତୀ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦିକା ସୁବର୍ଣ୍ଣ ନାୟକ, ବାଞ୍ଛାନିଧି ମିଶ୍ର, ବୁଲୁ ଦେବତା, ଅରବିନ୍ଦ ତ୍ରିପାଠୀ, ଇଂ.ନିଶିଥ ଆକାଶ, ଅଭିମନ୍ୟୁ ରାଉତ, ଲଳିତ ଅଗ୍ରୱାଲ, ଜୀତୁ ମିଶ୍ର, ଚିତରଞ୍ଜନ ରାଉଳ, ଷ୍ଟିଫେନ ତିର୍କି, ଦେବାଶିଷ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ବିଜେଡି ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୧୩ ଫେବୃଆରୀ, ୨୦୨୨

email : rabibarachayan2015@gmail.com




## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୬୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୁଁ ଦେଖାଇଥିବା କାଗଜପତ୍ର ପରୀକ୍ଷା କରି ଫିଲିପ୍ ସାହେବ ନିଜ ଅଫିସ୍‌ରୁ ତତ୍‌କ୍ଷଣାତ୍ ମୂଳ କାଗଜାତମାନ ମଗାଇଲେ ଓ ସମସ୍ତ ଆମୂଳ ପାଠକରି ମୁଣ୍ଡରେ ହାତଦେଇ କିୟତ ସମୟ ବସିରହିଲେ । ତତ୍ପରେ ସେ କହିଲେ ଯେ, ଏହା ସେ ଜାଣି ନଥିଲେ ଓ ବାସ୍ତବରେ ମୋ ପ୍ରତି ଅବିଚାର ହୋଇଅଛି । ତାଙ୍କର ଏହି ମନୋଭାବ ଦେଖି ମୁଁ ତହିଁର ସୁଯୋଗ ନେବା ଅଭିପ୍ରାୟରେ ଆମ୍ଭ ହିନ୍ଦୁ ପୁରାଣର ଗୋଟିଏ ଉପାଖ୍ୟାନ କଥନ ଆରମ୍ଭ କଲି । କହିଲି, ଭାରତର ଶ୍ରେଷ୍ଠ କବି କାଳିଦାସଙ୍କ 'କୁମାରସମ୍ଭବ' କାବ୍ୟରେ ବର୍ଣ୍ଣିତ କଥା । ପୂର୍ବେ ଦେବତାଗଣ ତାରକାସୁରର ଅତ୍ୟାଚାରରେ ଉତ୍ପୀଡ଼ିତ ହୋଇ ତାହାର ବିନାଶ ସାଧନ ସକାଶେ ଯେତେବେଳେ ବ୍ରହ୍ମାଙ୍କଠାରେ ପ୍ରାର୍ଥୀ ହେଲେ, ବ୍ରହ୍ମା ସେମାନଙ୍କୁ କହିଲେ, ତାରକାସୁର ତାହାଙ୍କ ବର ପ୍ରଭାବରେ ବଳୀୟାନ୍ ହୋଇଅଛି । ସେ ଯେଉଁ ବୃକ୍ଷ ରୋପଣ କରିଅଛନ୍ତି ତାହା ବିଷବୃକ୍ଷ ହୋଇଥିଲେ ମଧ୍ୟ ନିଜ ହସ୍ତରେ ଛେଦନ କରିପାରିବେ ନାହିଁ । ଏହା ହିନ୍ଦୁଶାସ୍ତ୍ରର ନୀତି । ଏହି ପ୍ରସଙ୍ଗରେ କହିଲି, 'ସାର୍! ଆମ୍ଭେମାନେ ହିନ୍ଦୁ-ଅଦୃଷ୍ଟବାଦୀ । କେତେକ ଦିନ ହେଲା ମୁଁ କୁଗ୍ରହର ଚକ୍ରରେ ପଡ଼ିଅଛି । ମୋ ପ୍ରତି ବିନାଦୋଷରେ ଦଣ୍ଡବିଧାନ ତାହାରି ଫଳ । ଆପଣ ନିଜ ହସ୍ତରେ ମୋର ପଦୋନ୍ନତି ବୃକ୍ଷ ରୋପଣ କଲେ ଓ ତାହା ନିଜ ହସ୍ତରେ ଛେଦନ କଲେ । ଏହା ଆମ୍ଭମାନଙ୍କ ଶାସ୍ତ୍ରାନୁମୋଦିତ ନୁହେଁ । ଛେଦନ ସିନା କଲେ, କିନ୍ତୁ ବୃକ୍ଷ ସମୂଳେ ଉତ୍ପାଟିତ ହେଲା ନାହିଁ । କିଞ୍ଚିତ୍ ଜଳଦାନ କଲେ ତାହା ଉଜ୍ଜୀବିତ ହେବ । ଏହା ତ ଆପଣଙ୍କ ହାତରେ ।' ଦେଖିଲି, ସାହେବ ଉତ୍‌ଫୁଲ୍ଲିତ ହୋଇଗଲେ । ତତ୍ପରେ କହିଲେ, 'ତାହାହେଲେ ଆପଣ ବର୍ତ୍ତମାନ କଣ କରିବାକୁ ଚାହାଁନ୍ତି?' ମୁଁ କହିଲି, ଗଭର୍ଣ୍ଣମେଣ୍ଟଙ୍କ ହୁକୁମର ପୁନଃବିଚାର ସକାଶେ ମୁଁ ଦରଖାସ୍ତ କରିବି ଓ ନ୍ୟାୟତଃ ଓ ଆପଣଙ୍କ ପ୍ରତିଶ୍ରୁତି ଅନୁଯାୟୀ ଆପଣ ତାହା ସମୀଚୀନ କରି ଲେଖିବେ । ସାହେବ କହିଲେ ଯେ, ସେ ୧୫ଦିନ ପରେ ଦୀର୍ଘ ଛୁଟିରେ ଯିବେ ଓ ସେ ଯିବା ପୂର୍ବରୁ ତାଙ୍କ ହସ୍ତରେ ଦରଖାସ୍ତ ଦେବାପାଇଁ ମୋତେ ପରାମର୍ଶ ଦେଲେ । ଅବିଳମ୍ବରେ ଦରଖାସ୍ତ ମୁଁ ତାଙ୍କ ହସ୍ତରେ ଦେଇଆସିଲି । ଏହି ଦରଖାସ୍ତ ପ୍ରସ୍ତୁତ କରିବାରେ ମୋର ଆବାଲ୍ୟ ସୁହୃଦ ପରେ ସମୁଦି (ଝିଅର ଶ୍ୱଶୁର) ତଦାନୀନ୍ତନ ସମ୍ବଲପୁରର ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦ ମୋତେ ଯେଉଁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ ତାହା ସକାଶେ ତାଙ୍କଠାରେ ମୁଁ ଆଜୀବନ ଋଣୀ ରହିଅଛି ।

ଚାରିମାସର ଛୁଟି ନେଇ ମୁଁ ସମ୍ବଲପୁରରେ ରହିଲି । ଦେଖିଲି, ଗୋଟି ଗୋଟି କରି ବିପଦ ଉପରେ ବିପଦ ମାଡ଼ି ଆସିବାକୁ ଲାଗିଲା । ସେହି ସମୟରେ ସମ୍ବଲପୁରରେ ଥିଲେ ମୋର ବନ୍ଧୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ହେମେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ । ତାଙ୍କ ସହିତ ମୋର ଗଭୀର ଘନିଷ୍ଠତା ଥିଲା । ସେ ଦାଦା, ମୁଁ ଭାଇ । ଜ୍ୟୋତିଷ ବିଦ୍ୟାରେ ତାଙ୍କର ଖ୍ୟାତି ଥିଲା । ତାଙ୍କ ତୁଲ୍ୟ ନିର୍ଭୁଲ୍ କୋଷ୍ଠିଗଣନା ମୁଁ ଆଉ କୌଣସି ଜ୍ୟୋତିଷଠାରେ ଦେଖିନାହିଁ । ସେ ଥିଲେ ଖ୍ରୀଷ୍ଟିୟାନ୍ । ତାଙ୍କଠାରୁ ଶୁଣିଥିଲି ଯେ ହିମାଳୟବାସୀ ଜଣେ ସାଧୁ ତାଙ୍କ ଗୁରୁ ଓ ତାଙ୍କଠାରୁ ସେ ଜ୍ୟୋତିଷବିଦ୍ୟା ଶିକ୍ଷା କରିଥିଲେ । ହେମେନ୍ଦ୍ର ଦାଦା ମୋର କୋଷ୍ଠି ଗଣନା କରି କହିଲେ ଯେ, ମୁଁ 'ଷଷ୍ଠାଷ୍ଟମ' କବଳରେ ପଡ଼ିଅଛି । ଏହି ଯୋଗ ପ୍ରଭାବରେ ପାଣ୍ଡବମାନଙ୍କ ଓ ରାମଚନ୍ଦ୍ରଙ୍କ ବନବାସ ହୋଇଥିଲା । କାହା ସଙ୍ଗେ କେଉଁ ଦୀନ-ଜୀବର ତୁଳନା । ସେ ସ୍ପଷ୍ଟଭାବରେ କହିଲେ ଯେ, ମୋତେ ଭୀଷଣ ବିପଦର ସମ୍ମୁଖୀନ ହେବାକୁ ହେବ । କିନ୍ତୁ ଅନ୍ତିମରେ ସମସ୍ତ ବିଷୟରେ ମୋର ଜୟଲାଭ ହେବ । ତାଙ୍କ ଅଭୟ ବାଣୀରେ ଆଶାନ୍ୱିତ ହୋଇ ରହିଲି । ହେମେନ୍ଦ୍ର ଦାଦାଙ୍କୁ କହିଲି ଯେ, ଗଭର୍ଣ୍ଣମେଣ୍ଟଙ୍କ ଆଦେଶ ପ୍ରତ୍ୟାହାର ନହେଲେ ମୋର ସରକାରୀ ଚାକିରିର ଇସ୍ତଫା ଦେବି । ହୀନ ସବ୍‌ଡେପୁଟି ହୋଇ କଦାପି ରହିବି ନାହିଁ । ସେ କହିଲେ ଯେ, ମୁଁ ମୋର ପଦ ଫେରିପାଇବି । ବିପଦରେ ମନୁଷ୍ୟ ନାନା ଦିଗରେ ଭଗବାନଙ୍କୁ ଡାକେ ଓ ସେ ବିପନ୍ନର ଡାକ ଶୁଣନ୍ତି ।

ପୁଣି ବିପଦର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା । ମୋ ପାଖରେ ଗୋଟିଏ ବନ୍ଧୁକ ଥିଲା । ଦିନେ ସମ୍ବଲପୁରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଗୁରୁପ୍ରସାଦ ଦାସ ମୋ ବସାରେ ଉପସ୍ଥିତ ହୋଇ ମୋ'ଠାରେ ବନ୍ଧୁକ ଅଛି କି ବୋଲି ପ୍ରଶ୍ନ କଲେ । ଘରର ଯେଉଁ କକ୍ଷରେ ମୁଁ ବସିଥିଲି ତାହାର ଏକ କୋଣରେ ବନ୍ଧୁକ ରଖାହୋଇଥିଲା । ତାହା ମୁଁ ଦେଖାଇଦେଲି । ସେ ତାହାର ଲାଇସେନ୍‌ସ ମାଗିଲେ । ମୁଁ କହିଲି ମୋଠାରେ ଲାଇସେନ୍‌ସ ନାହିଁ ଓ ମୋର ଲାଇସେନ୍‌ସ ନେବା ମଧ୍ୟ ଦରକାର ନାହିଁ । ଗଭର୍ଣ୍ଣମେଣ୍ଟଙ୍କ ଗେଜେଟେଡ୍ ଅଫିସରମାନେ ଦେଶୀୟ ରାଜ୍ୟର ଦେଓ୍ୱାନ ପଦରେ ଥିବା ଯାଏ ଷ୍ଟେଟ୍ ମଧ୍ୟରେ ଓ ଷ୍ଟେଟ୍‌ରୁ ଇଂରେଜ ସରକାରଙ୍କ ଅଧୀନସ୍ଥ ଅଞ୍ଚଳକୁ ଆସିଲେ ତାଙ୍କ ବନ୍ଧୁକ ସକାଶେ ଲାଇସେନ୍‌ସ ନେବା ଦାୟରୁ ଭାରତ ସରକାର ସେମାନଙ୍କୁ ମୁକ୍ତିଦାନ କରିଅଛନ୍ତି । ପୁଣି ବନ୍ଧୁକ ମଧ୍ୟ ଅଚଳ ଅବସ୍ଥାରେ ଅଛି । ବନ୍ଧୁକଟି ନେଇ ସେ ଚାଲିଗଲେ । ଯିବା ପୂର୍ବରୁ ସେ ମୋତେ ଗୋଟିଏ କାଗଜ ଦେଖାଇଲେ । ତାହା ମୋଠାରେ ବିନା ଲାଇସେନ୍‌ସରେ ବନ୍ଧୁକ ଥିବା ସମ୍ବନ୍ଧରେ ସମ୍ବଲପୁର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାକୁ ପ୍ରେରିତ ଏକ ବେନାମୀ ପତ୍ର । ହାତ ଲେଖାରୁ ପତ୍ରର ଲେଖକଙ୍କୁ ଚିହ୍ନିବା ବାକୀ ରହିଲା ନାହିଁ । ଦୁଇଦିନ ପରେ ଜାଣିଲି, ଜିଲ୍ଲା ମାଜିଷ୍ଟ୍ରେଟ୍ ମୁଁ ବିନା ଲାଇସେନ୍‌ସରେ ବନ୍ଧୁକ ରଖିଥିବା ଅଭିଯୋଗରେ ମୋ ନାମରେ ଫୌଜଦାରୀ ମୋକଦ୍ଦମା ଦାଏର କରିବା ସକାଶେ ହୁକୁମ ଦେଇଅଛନ୍ତି । ପରଦିନ ଜିଲ୍ଲା ମାଜିଷ୍ଟ୍ରେଟ୍ କିଂ (F.C. King, I.C.S) ସାହେବଙ୍କ ସଙ୍ଗେ ସାକ୍ଷାତ କଲି ଓ ଭାରତ ସରକାରଙ୍କ ବିଶେଷ ହୁକୁମଦ୍ୱାରା ଲାଇସେନ୍‌ସ ଦାୟରୁ ମୁଁ ମୁକ୍ତ ବୋଲି ଯେତେ କହିଲି ସେ ଶୁଣିଲେ ନାହିଁ କିମ୍ବା ବିଶ୍ୱାସ ସୁଦ୍ଧା କଲେନାହିଁ । ବିଶ୍ୱାସ ନକରିବା କଥା । ପୂର୍ବ ଆଇନାନୁସାରେ ନିମ୍ନତମଶ୍ରେଣୀୟ ମାଜିଷ୍ଟ୍ରେଟ୍‌ମାନେ ସୁଦ୍ଧା ବିନା ଲାଇନେନ୍‌ସରେ ବନ୍ଧୁକ ରଖିବା ଅଧିକାର ପାଇଥିଲେ । କିନ୍ତୁ ଗୋରା ଓ କଳା ଲୋକଙ୍କ ମଧ୍ୟରେ ବନ୍ଧୁକ ରଖିବା ଅଧିକାର ସମ୍ବନ୍ଧରେ ପାର୍ଥକ୍ୟ ରଖାହୋଇଥିଲା । ଏହି ପାର୍ଥକ୍ୟ ଉଠାଇ ଦେବା ସକାଶେ ଭାରତବାସୀଙ୍କ ପକ୍ଷରୁ ଦାବି ହେଲା ଓ ଏହା ଫଳରେ ଗୋରା କଳା ସମସ୍ତଙ୍କୁ ଲାଇନେନ୍‌ସ ଦେବା ବ୍ୟବସ୍ଥା ହେଲା ଏବଂ ଯେତେ ବଡ଼ ହାକିମ ହେଲେ ସୁଦ୍ଧା ତାଙ୍କୁ ପୂର୍ବ ଆଇନ୍‌ର ସୁବିଧାରୁ ବଞ୍ଚିତ କରାହେଲା । ବିଭାଗୀୟ କମିଶନରଙ୍କ ସୁଦ୍ଧା ବିନା ଲାଇସେନ୍‌ସରେ ବନ୍ଧୁକ ରଖିବା ଅଧିକାର ରହିଲା ନାହିଁ । ମୁଁ ତ ସାମାନ୍ୟ ନିମ୍ନଶ୍ରେଣୀୟ ମାଜିଷ୍ଟ୍ରେଟ୍ ମାତ୍ର । ଏହି କଥା କିଂ ସାହେବ ମୋତେ ବାରମ୍ବାର କହିଲେ । ମୁଁ କହିଲି, ଏହା ଭାରତ ସରକାରଙ୍କ ବିଶେଷ ବ୍ୟବସ୍ଥା ଓ ଏହାର କାରଣ ଏହି ଯେ, ପୋଲିଟିକେଲ୍ ଏଜେଣ୍ଟ ଓ ଅନ୍ୟାନ୍ୟ ସରକାରୀ ଅଫିସରମାନେ ଦେଶୀୟ ରାଜ୍ୟକୁ ବନ୍ଧୁକ ନେଇଗଲେ ଦେଶୀୟ ରାଜ୍ୟରେ ବନ୍ଧୁକ ରଖିବା ସକାଶେ ଲାଇସେନ୍‌ସ ଦାୟରୁ ସେମାନଙ୍କୁ ଯେପରି ମୁକ୍ତିଦାନ କରାହୋଇଅଛି, ସେପରି ସରକାରଙ୍କ ଦ୍ୱାରା ପ୍ରେରିତ ଦେଓ୍ୱାନ ପଦରେ ପ୍ରତିଷ୍ଠିତ ଗେଜେଟଡ୍ ଅଫିସରମାନଙ୍କ ପ୍ରତି ମଧ୍ୟ ଏହାର ବିନିମୟରେ ସରକାରୀ ଅଞ୍ଚଳରେ ବିନା ଲାଇସେନ୍‌ସରେ ବନ୍ଧୁକ ରଖିବା ଅଧିକାର ଦିଆହୋଇଅଛି । ଏହି କାରଣ କହି ତାଙ୍କ ହୁକୁମକୁ ପ୍ରତ୍ୟାହାର କରିବା ପାଇଁ ଯେତେ କହିଲି ଶୁଣିଲେ ନାହିଁ ଓ ମୋକଦ୍ଦମା ବିଚାର ସମୟରେ ମୋର ଯାହା ବକ୍ତବ୍ୟ, ସଫେଇରେ ତାହା କହିପାରେ ବୋଲି କହିଲେ । ଏହି ପ୍ରସଙ୍ଗରେ ମୁହଁ ଛିଞ୍ଚାଡ଼ି ପୁଣି କହିଲେ ଯେ, ତାଙ୍କ ଜିଲ୍ଲାକୁ ଆସି ଆଇନ୍ ଅମାନ୍ୟ କରିଥିବା ଯୋଗୁଁ ମୁଁ ତାଙ୍କୁ ଅବମାନନା କରିଅଛି । ମୋକଦ୍ଦମା ବିଚାର ସକାଶେ ଅନ୍ୟ ମାଜିଷ୍ଟ୍ରେଟଙ୍କୁ ନଦେଇ ସେ ନିଜେ ବିଚାର କରିବେ ଏବଂ ମୋକଦ୍ଦମା ନ ଲଢ଼ି ଯଦି ମୁଁ ଦୋଷ ସ୍ୱୀକାର କରିବି ତାହେଲେ ମୋ ପ୍ରତି ସେ ସଦୟ ବ୍ୟବହାର କରିବେ । ଆଉ ଯଦି ମୋକଦ୍ଦମା ଲଢ଼ିବା ପ୍ରୟାସ କରିବି ତାହାହେଲେ ନିଶ୍ଚୟ ସେ ମୋତେ ଜେଲ୍‌ରେ ପକାଇବେ । ମୁଁ ତ ଏହା ଶୁଣି ଅବାକ୍; ଆଉ କହିବି କ'ଣ? ସେହି ସମୟରେ କେତେ ଗୋରା ଓ କେତେ କଳା ହାକିମକୁ ସୁଦ୍ଧା ଦେଖା ଯାଇଅଛି; ସେମାନେ ନିଜକୁ ଅଭ୍ରାନ୍ତ ବୋଲି ମନେ କରନ୍ତି ଓ କୌଣସି ପଦସ୍ଥ ବ୍ୟକ୍ତିଙ୍କୁ ଅପଦସ୍ଥ ବା ବିପଦଗ୍ରସ୍ତ କରିପାରିଲେ ଯୁଦ୍ଧକାଳରେ ଦୁର୍ଭେଦ୍ୟ ଦୁର୍ଗବିଜେତା ସେନାପତିର ସ୍ପର୍ଦ୍ଧାର ଆସ୍ଫାଳନ କରନ୍ତି । ଆଉ ଏହି ଧାରଣାର ପ୍ରଶ୍ରୟ ଦିଅନ୍ତି ଆମ୍ଭମାନଙ୍କ ଦେଶୀୟ ଅଧୀନସ୍ଥ ହାକିମମାନେ । ସେମାନଙ୍କୁ ଖୁସି କରିବେ ବୋଲି ତାଙ୍କ ଭୁଲ୍ ବୁଝାଇ ଦିଅନ୍ତି ନାହିଁ ଓ 'ହାଁ ଜି, ହାଁ ଜି' କରୁଥାନ୍ତି । ଏହାରି ଫଳରେ କେତେକ ସ୍ଥାନରେ କେତେ ଭ୍ରାନ୍ତିମୂଳକ ଅନ୍ୟାୟ ବିଚାର ହୋଇଯାଇଅଛି । ଏହି କିଂ ସାହେବ ଦରଭଙ୍ଗାରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଥିବା ସମୟରେ ଜଣେ ଡେପୁଟି କଲେକ୍ଟରଙ୍କୁ ଜେଲ୍‌ରେ ପକାଇଥିଲେ ବୋଲି ଶୁଣିଥିଲି । ତାଙ୍କ ସହିତ କଥାବାର୍ତ୍ତାରୁ ମନେକଲି ଆଉ ଜଣେ ଡେପୁଟି କଲେକ୍ଟରକୁ ହାବୋଡ୍‌ରେ ପାଇଛନ୍ତି ଓ ହାତମୁଠାରେ ଚିପିଦେବେ ବୋଲି ମନେକରିଛନ୍ତି । କିଂ ସାହେବଙ୍କଠାରୁ ବିଦାୟ ନେଇ ଆସିବା ସମୟରେ କେବଳ କହିଲି, 'ଆଶାକରେ, ମୋକଦ୍ଦମାର ବିଚାରରେ ସୁଦ୍ଧା ମୋର ଉକ୍ତିର ସତ୍ୟତା ପ୍ରତିପନ୍ନ କରିପାରିବି ଓ ଆପଣ ମୋକଦ୍ଦମା ଉଠାଇ ନେବେ ।' ଚାଲି ଆସିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୩୬

### ॥ ଲଭ୍ ଡଟ୍ କମ୍ ॥

କବିତା ହେଉ କି ଚଳଚ୍ଚିତ୍ରର କାହାଣୀ ହେଉ, ଶୀର୍ଷକ ବାଛିବା କଷ୍ଟକର ବ୍ୟାପାର । ଅନ୍ତତଃ ମୁଁ ଏଇଟା ହିଁ ଭାବେ । ଭାବିପାରନ୍ତି ଏଇଟା ମୋ ଦୁର୍ବଳତା । ଅନେକ ଶୀର୍ଷକ ତୁରନ୍ତ ଆସିଯାଏ, ଅନେକକୁ ଅନେକ ସମୟ ଭାବିବାକୁ ପଡ଼ିଥାଏ । ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଅନେକ କିସମର ଶୀର୍ଷକ ରହିଛି । ଅନେକ ବର୍ଷ ପୂର୍ବେ ଉପନ୍ୟାସ ଭଳି ଶୀର୍ଷକ ଦିଆଯାଇଥିଲା । ତଥାପି କିଛି କିଛି ବ୍ୟତିକ୍ରମ ମଧ୍ୟ ହେଉଥିଲା । ପରବର୍ତ୍ତୀ କାଳରେ ବ୍ୟବସାୟିକ ଚଳଚ୍ଚିତ୍ର ଗୁଡ଼ିକରେ ସାଧାରଣ ଜନତାଙ୍କୁ ଆକର୍ଷିତ କଲା ଭଳି ବ୍ୟବସାୟିକ ଶୀର୍ଷକ ପ୍ରଦାନ କରାଗଲା । କିଛି ଯାତ୍ରା ଅନୁକରଣରେ ମଧ୍ୟ ନାମକରଣ କରାଗଲା । ଗୋଟାଏ କାହାଣୀର ସ୍କ୍ରିପ୍ଟ ସମୟରେ ମୁଣ୍ଡକୁ ଏକ ଅଜବ ଶୀର୍ଷକ ଆସିଲା । 'ଲଭ ଡଟ୍ କମ୍', କାହାଣୀଟି ପ୍ରେମକୁ ନେଇ ସଂଘର୍ଷ । ଚିରାଚରିତ ପୃଷ୍ଠଭୂମି । ଦୁଇ ଚାରୋଟି ସଫଳ ହିନ୍ଦି ଫିଲ୍ମର କାହାଣୀକୁ ଗୁନ୍ଥି ପ୍ରସ୍ତୁତ । ନାଁରେ ସମସ୍ୟା, ତେବେ ଲଭ୍ ଡଟ୍ କମ୍ ପ୍ରଯୋଜକ ତଥା ନିର୍ଦ୍ଦେଶକ ଟିମ୍ ଗ୍ରହଣ କରିନେଲେ । ନାୟକଟି ଫୁଲାଫାଙ୍କିଆ ବାପାମା'ଙ୍କର ଅନୁଗତ ଯୁବକ । ନିଜ ପରିବାରର ଶତ୍ରୁ ବ୍ୟକ୍ତିଙ୍କର ଝିଅ ପ୍ରେମରେ ପଡ଼ିଯାଉଛି । ଶୀର୍ଷକକୁ ଦେଖି କାହାଣୀରେ ସାମାନ୍ୟ ପରିବର୍ତ୍ତନ କରାଗଲା । ନାୟିକାକୁ ଫସେଇବା ପାଇଁ ନାୟକ ପ୍ରେମର ଫର୍ମୁଲା ଯୋଗାଉଥିବା ଏକ ୱେବ୍‌ସାଇଟ୍ ଅନୁସଂଧାନ କରୁଛି ଏବଂ ପ୍ରଦତ୍ତ ଫର୍ମୁଲାଗୁଡ଼ିକୁ ଖେଳି ସୁଫଳ ହେଉଛି । ପରିଶେଷରେ ୱେବ୍‌ସାଇଟ୍ ପ୍ରସ୍ତୁତ କରିଥିବା ଯୁବକଟି ମଧ୍ୟ ସେମାନଙ୍କ ପ୍ରେମ ପରିଧି ଭିତରେ ଚରିତ୍ରଟିଏ ପାଲଟି ଯାଉଛି ।

ଏଭଳି ଏକ କାହାଣୀ ପ୍ରସ୍ତୁତ କରିବାରେ ମୋ ସାଥିରେ ଥିଲେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ବାସ୍ତବରେ ବାସ୍ତବ ନିର୍ଦ୍ଦେଶକ-କାରଣ ନିର୍ଦ୍ଦେଶନା କେବଳ ରାହତ କୁଦ୍ଦୁସୀଙ୍କ ନାମ ଯାଉଥିଲା) ତାପସ ଜେନା, ପ୍ରଦୀପ ଦାଶ ଓ କାର୍ଯ୍ୟ ନିର୍ବାହୀ ପ୍ରଯୋଜକ ରମାଶଙ୍କର (ଅଣଓଡ଼ିଆ) ଥିଲେ । ରମାଶଙ୍କର ହିନ୍ଦି ସାହିତ୍ୟରେ ଜଣେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ କବି । ପ୍ରଯୋଜକ ରାହତ କୁଦ୍ଦୁସୀଙ୍କ ବଂଧୁ । ରାହତ କୁଦ୍ଦୁସୀ ତତ୍‌କାଳୀନ ଓଡ଼ିଆ ହାଇକୋର୍ଟର ମାନ୍ୟବର ବିଚାରପତି କୁଦ୍ଦୁସୀ ସାହେବଙ୍କ ସୁପୁତ୍ର । ରାହତଙ୍କ ମାତା ଜୟା କୁଦ୍ଦସୀ ଥିଲେ ପ୍ରଯୋଜିକା । ରମାଶଙ୍କରଙ୍କ ସହ 'ଜୟଜଗନ୍ନାଥ'ର ସୁଟିଂ ସମୟରେ ପ୍ରଦୀପ ଦାଶଙ୍କ ସାକ୍ଷାତ ହୁଏ ମୁମ୍ବାଇରେ । 'ଜୟ ଜଗନ୍ନାଥ'ରେ ସବ୍ୟଦାଙ୍କୁ ଆସିଷ୍ଟ କରୁଥାନ୍ତି ପ୍ରଦୀପ ଓ ତାପସ । ପ୍ରଦୀପ ଓ ତାପସ ଓଡ଼ିଆ ସିନେ ଦୁନିଆରେ ବହୁ ଚଳଚ୍ଚିତ୍ର ଓ ଧାରାବାହିକରେ ମୋ ସହିତ ସଂପୃକ୍ତ । ଉଭୟଙ୍କ ମଧ୍ୟରେ ନିବିଡ଼ ବଂଧୁତ୍ୱ । ଉଭୟେ ସଂଗୀତ ନାଟକ ମହାବିଦ୍ୟାଳୟର ଛାତ୍ର । ଭଲ ବୁଝାମଣା ଉଭୟଙ୍କ ମଧ୍ୟରେ ।

ପ୍ରଦୀପ ମତେ ଥରେ କହିଲେ ଭାଇନା ଜଣେ ଅଣଓଡ଼ିଆ ପ୍ରତିଷ୍ଠିତ ବ୍ୟକ୍ତି ଚଳଚ୍ଚିତ୍ରଟିଏ କରିବାକୁ ଯାଉଛନ୍ତି, ଆପଣଙ୍କ ନାଁ କହିଛି । ପରେ ଜାଣିଲି କୁଦ୍ଦୁସୀ ସାହେବ ସେହି ବ୍ୟକ୍ତି । ମୁଁ ରାଜି ହୋଇଗଲି । କୁଦ୍ଦୁସୀ ସାହେବଙ୍କ କଟକ ସ୍ଥିତ କୋଠିରେ ବୈଠକ ଚାଲିଲା । ସ୍କ୍ରିପ୍ଟିଂ ଆରମ୍ଭ ହୋଇଗଲା । ପ୍ରେମାନନ୍ଦଙ୍କୁ ସଂଗୀତର ଭାର ଦେବାପାଇଁ ନିଷ୍ପତ୍ତି ହେଲା । ସବ୍ୟସାଚୀ ମୁଖ୍ୟ ଭୂମିକାରେ, କୁନା ତ୍ରିପାଠୀ, ବିଜୟ ମହାନ୍ତି, ମିହିର ଦାସ ପ୍ରମୁଖ ଅଭିନେତା । ସ୍ନିଗ୍ଧା ମହାନ୍ତି, ତନ୍ଦ୍ରା ରାୟ ପ୍ରମୁଖ ମଧ୍ୟ କାଷ୍ଟିଂରେ ଥାନ୍ତି । ନାୟିକା ସମସ୍ୟାର ସମାଧାନ ପାଇଁ ରମାଶଙ୍କର ମୁମ୍ବାଇର ମେଘା ଘୋଷଙ୍କୁ ସ୍ଥିର କରାଗଲା । ମେଘା ଘୋଷଙ୍କୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଲା ।

ଦିନେ ସ୍କ୍ରିପ୍ଟିଂ କାମ ବିଳମ୍ବିତ ରାତିଯାଏ ଚାଲିଥାଏ । ବିଳମ୍ବ ହେତୁ ଘର ବାଳକାଟିକୁ ଫେରିବା ପାଇଁ ସମସ୍ତେ ବାରଣ କଲେ ମୁଁ ଓ କୁଦ୍ଦୁସୀ ସାହେବଙ୍କ ବଂଗଳାରେ ତାପସ ଜେନାଙ୍କ ସହ ରାତ୍ରୀ ଯାପନ କଲି । ହଠାତ୍ ରାତି ଅଧରେ ସଂଗୀତ ଓ ନୃତ୍ୟର ପଦଧ୍ୱନି ଶୁଣି ନିଦ ଭାଙ୍ଗିଗଲା । ଆମ ପାଖ କୋଠରୀରୁ ଶବ୍ଦ ଆସୁଥିଲା । ମୁଁ ଭୟ ପାଇଗଲି । ପୁରୁଣା କୋଠି (ବଂଗଳା)ରେ ଭୌତିକ କାର୍ଯ୍ୟକଳାପ ନେଇ ଅନେକ କାହାଣୀ ପଢ଼ିଥିଲି । ତାପସଙ୍କୁ ଉଠାଇଲି । କୁଦ୍ଦୁସୀ ସାହେବଙ୍କ ବଂଗଳାରେ ପୁଅ ରାହତ ଓ ରମାଶଙ୍କରଙ୍କୁ ଛାଡ଼ିଦେଲେ ଅନେକ ସହାୟକ । ଆମେ ଭୟରେ ଏହାର ମର୍ମ କିଛି ବୁଝି ପାରି ନଥିଲୁ । ପରଦିନ ସକାଳେ ବ୍ରେକ୍‌ଫାଷ୍ଟ ଟେବୁଲରେ ରମାଶଙ୍କର ଏ ରହସ୍ୟର ପର୍ଦ୍ଦାଫାସ୍ କରିଥିଲେ । ନାୟିକା ମେଘା ଘୋଷଙ୍କ ଆସିବା ଓ ଅନ୍ୟ ଏକ କାର୍ଯ୍ୟକ୍ରମ ନିମନ୍ତେ ବିଳମ୍ବିତ ରାତିରେ ନୃତ୍ୟ ଅଭ୍ୟାସ ଆସର ଭୌତିକ ଭ୍ରମ ସୃଷ୍ଟି କରିଥିଲା ।

କୁଦ୍ଦୁସୀ ସାହେବ ଜଣେ ଅମାୟିକ ଭଦ୍ରବ୍ୟକ୍ତି ଥିଲେ । ଏତେ ବଡ଼ ପଦପଦବୀ ଅଳଙ୍କୃତ କରିଥିଲେ ହେଁ ତାଙ୍କର ସାମାନ୍ୟତମ ଗର୍ବ କି ଅହଙ୍କାର ନଥିଲା । ସ୍କ୍ରିପ୍ଟ ହେଉ କି ସଂଗୀତ ହେଉ ସବୁ ସିଟିଂରେ ଆମ ସହିତ ଭାବ ବିନିମୟ କରୁଥିଲେ । ଅନେକ ସମୟରେ ବ୍ୟକ୍ତିଗତ ଭାବରେ ଆମ ଖାଇବା ପିଇବା ସୁବିଧା ଅସୁବିଧା କଥା ବୁଝୁଥିଲେ ।

ଆମେମାନେ 'ଲଭ୍ ଡଟ୍ କମ୍'କୁ ସବୁଦୃଷ୍ଟିରୁ ଏକ ସଫଳ ବ୍ୟବସାୟିକ ଚଳଚ୍ଚିତ୍ର ରୂପେ ପ୍ରସ୍ତୁତ କରିବାକୁ ଏକ ପ୍ରକାର ଶପଥ ନେଇଥିଲୁ । ବାରମ୍ବାର ସ୍କ୍ରିପ୍ଟରେ ପରିବର୍ତ୍ତନ କାଷ୍ଟିଂରେ ସତର୍କତା ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା । (କ୍ରମଶଃ)

### ॥ ସମଗ୍ରର ପ୍ରଥମ ପର୍ବ ॥

**ନକୁଳ ଚଂଦ୍ର ସାହୁ**



ଯେତେବେଳେ ନିଦ ଭାଂଗେ
ସେତେବେଳେ ସକାଳ ହୁଏ ?
ସକାଳଟି କାହାଠାରୁ ନିର୍ଗତ ହୁଏ
ସୂର୍ଯ୍ୟଠୁ ନା' ନିଜଠୁ
ନା' ଗତିଶୀଳ ବ୍ରହ୍ମର ନିବଂଧନରୁ;
କେଉଁଠୁ ?

ସେ ସମସ୍ତଙ୍କର ଅତୀତ
'ଆମେ' 'ତମେ' ଭାବରୁ ଉଦିତ ଜଗତ ଭ୍ରାଂତ
ଅହଂକାରର ସ୍ପଂଦିତ ରୂପ
ଆତ୍ମବୋଧକୁ ଚିହ୍ନାଇ ଦିଏ ସିଏ

ସିଏ ଏକ ରସ, ସିଏ ଏକ ଶୋଷ;
ସିଏ ବିରାଜମାନ ଆତ୍ମ-ପକ୍ଷୀର ଦୃଶ୍ୟ

ସର୍ବଗୁଣର ଭୋକ୍ତା ନିର୍ଗୁଣର ରୂପ
ଅହଂଭାବ !

ତୁମେ ଅନଂତ ଆକାଶ ସ୍ୱରୂପ
ଧରିତ୍ରୀର ପ୍ରିୟ ଅଂତରୀକ୍ଷ
ତୁମେ ଉଦ୍‌ଭୂତ ଚତୁର୍ଦ୍ଦିଗ
ବାସନାର ନିଜ ରୂପ, ସମଗ୍ରର ପ୍ରଥମ ପର୍ବ

ଜଗତ୍ ସଂଭୋଗ
ବ୍ୟଷ୍ଟି ଜୀବ
ସୁଷୁପ୍ତି ଅବ୍ୟାହତ, ଜ୍ଞାନ ପ୍ରବାହର ଅନୁଭବ
ଅବିଚ୍ଛିନ୍ନ ବିରାଜିତ ଅବୟବ
'ମୁଁ'ର ମୁଁତ୍ୱ, ଆତ୍ମହରା ସ୍ୱାପ୍ନିକ

ପ୍ରଭୁ !
ତୁମେ ନିଃସଂଦେହ, ସଂପନ୍ନ ଓ ସମଭାବ
ମୁଁ ଅବୋଧ ଓ ନିରାଶ୍ରୟ ଅଂଧ !


♥ ଶବ୍ଦ ଘର, ଗୋଡ଼ିସାହି,
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୬୪


**ସାବିତ୍ରୀ କବି**

### ॥ କିଏ ଜଣେ ॥



ଏ ଭିତରେ କୋଉଦିନ ବଦଳିଗଲା
ଠିକଣା ତମର,
କୋଉଦିନ କିଏ ତିଆରି କଲା ସାମ୍ନାରେ
ଏତେ ସୁନ୍ଦର ଘର,
ସେ ଘରର କାନ୍ଥ, ବାଡ଼, ଅଗଣାରେ ପହଁରୁଥାଏ
କାହାର ଅପେକ୍ଷା,
ସ୍ୱପ୍ନଦେଖା ଅଧାରଖି କିଏ ଜଣେ
ଡାକୁଥାଏ, ମୋତେ ବାରମ୍ବାର !

ଦିନେ କ୍ଷକହିଜଣେ ମୋତେ ଖୋଜିଖୋଜି
ଫେରିଥିଲା ବୋଲି, ଝଡ଼ ତୋଫାନକୁ ବେଖାତିର୍ କରି
ଚାଲିଥିଲି ଆଲୁଅରୁ ଅନ୍ଧାର ଆଡ଼କୁ ।

ସେ କିଏ ? କାହିଁକି ଖୋଜୁଥିଲେ ମୋ ଅଜ୍ଞାତବାସର
ରହସ୍ୟ ମୋତେ ଜଣାନାହିଁ

ଅଥଚ ମୁଁ ଚାଲିଛି ଗୋଟେ ଗୋଟେ
ଅସମ୍ଭବ ମୋହରେ ଆଗରେ କି ପଛରେ
କେହି ଜଣେ ହେଲେ ନାହିଁ ।

ଏବେ ଲାଗେ କିଏ ଜଣେ
ଗୋପନରେ ଶୁଣୁଛି ମୋ ଗୀତ
ପଢୁଛି ମୋ ଅଲୋଡ଼ା କବିତା
ମୋ ଖବର ପଚାରୁଛି
ଜହ୍ନ, ମେଘ, ଫୁଲ ଓ ନଈକୁ ।
ବାସ୍, ଏଇ ଟିକିକ ଲୋଡ଼ିବାପଣ ହିଁ
ମୋ ବଂଚିବାର ଅନ୍ୟତମ ସ୍ୱପ୍ନ ଓ ସନ୍ତକ ହେଉ
ବାକି ସବୁ ଅଲୋଡ଼ାପଣକୁ ଫିଙ୍ଗିଦେଲି
ସମୁଦ୍ରର ଅଥଳ ଗର୍ଭକୁ ।


ବିଶ୍ୱନାଥପୁର, ରାହାଂଜ, ରାଣୀତାଲ
ଭଦ୍ରକ-୭୫୬୧୧୨


### କବିତା..... ଆମ ସମୟର

**ନୀହାରିକା ରାୟ ବରାଳ**



### ॥ ପାରୁଚତ ଆସ ॥

ଆସ !
ତୁମକୁ ପରଷି ଦିଏ
ହୃଦୟ କୋହରେ ପଖଳା
ଆର୍ତ୍ତନାଦର କିଛି ଅଣାୟତ୍ତ ଅନ୍ନ
କିଛି ନକରି ପାରିବାର ଶୂନ୍ୟପଣରେ
ଫାଟି ଯାଉ ମାଟିର ଛାତି
ବୀଜଟିଏ ଅଙ୍କୁରି ଉଠୁ
କୋଟି ନିଶ୍ୱାସର ବହଳ ତାତିରେ,

ଆସ !
ତୁମକୁ ପୋଛିଦଦିଏ
ଅଭୟ ଶୀତଳ ପଣତରେ ମୋର
ନାନାବାୟା ଗୀତଗାଇ
ଶୁଆଇଦିଏ ସବୁଜିମାର ବନାନୀରେ
ଆକାଶକୁ ମଥାପାତି ପୃଥିବୀ ପଡୁ ଘୁମାଇ
କିର୍ତ୍ତୀ ଅପକିର୍ତ୍ତୀର ବିବର୍ଣ୍ଣ ଏ ମାଟିର ଛାତିରେ
ବିସ୍ତୃତ ଚୌହଦୀରେ,

ତମେ ଆସ !
ସକାଳ ସୂର୍ଯ୍ୟର କଅଁଳ କିରଣରେ
ଆଙ୍କିଦିଏ ଚୁମାଟିଏ
ମୋ ନିରବିତ, ନିଷ୍ଟୁପ ସମୟର
ଉପନୀତ ଉପବନରେ ।


♥ 'ଅନୁରାଗ'
ବି/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର


**ମୂଳବଙ୍ଗଳା : ଶ୍ୟାମଳୀ ସେନଗୁପ୍ତ**

**ଓଡ଼ିଆ ଅନୁବାଦ : ପ୍ରଦୀପ କୁମାର ରାୟ**





### ॥ ଭଲପାଏଁ ବୋଲି ତ ॥

॥ ୧ ॥

ଭଲପାଏ ବୋଲି ତ ଫେରି ଯିବାକୁ ଚାହେଁ ।

ଟ୍ରାଫିକ ଆଇଲ୍ୟାଣ୍ଡରେ ଛିଡ଼ାହୋଇ ପାରିଲୁନି
ଲଜ୍ଜା ନା ଭୟ ?
ଅସଲରେ, ମୁଁ ବି'ତ ସେମିତି କେହି ନୁହେଁ
ଯେ କହିବୁ, 'ଅମୁକଙ୍କ ପାଇଁ.....'
ମହାପ୍ରସ୍ଥାନର ପାହାଚରେ ଦେଖା ବି ?
ହୋଇପାରେ
ମୁହାଁମୁହିଁ ଦୁଇଟି ନିଆଁର ବିନ୍ଦୁ
ଆଗାମୀ ଜୀବନର ଆଞ୍ଚ ଲଗା ହେଉଛି
ଏମିତି ଭାବୁ ଭାବୁ ହିଁ
ଭଲପାଇବାର ପାରଦ ଚଢୁଥାଏ
ପାହାଚ ଚଢି ଚଢି ନୁହଁ,
ଏକାବେଳକେ ତରତର ହୋଇ ।
ଦେଖିବୁ... ନିଶୁଣିଟା
ଠିକ୍‌ଠାକ୍ ଥାଏ ଯେମିତି
ନତୁବା ଫେରିଯିବାର ରାସ୍ତା ଟିକକ...

ଭଲପାଏ ବୋଲି ତ ଫେରି ଯିବାକୁ ଚାହେଁ
ତୋତେ ଛିଡା କରାଇ ରଖେଁ
ଟ୍ରାଫିକ ସିଗନାଲ୍‌ର ଲାଲ ଆଭାରେ ।
ଭଲପାଏ ବୋଲି ତ ଆକାଶରୁ
ଧାରେ ଆଲୁଅ ଧରି ରଖିଛି
ଦର୍ପଣରେ ମସୃଣତାରେ ।
ତୁ କହିଲେ ହିଁ ସେହି ଦର୍ପଣରେ ଜଳି ଉଠିବ
ଝାଲର ବତୀର ଉତ୍ସବ ।

॥ ୨ ॥

ଉତ୍ସବ ହେବ ରୋଗଶଯ୍ୟାରେ
ଦପଦପ ନାଲି ବତୀ ଜଳିବ
ଆମ୍ବୁଲାନ୍ସର ବଇଁଶୀ ର ସୁରେ
ନାଚି ଉଠିବ
ଶବ ସତ୍କାରର କାଚ ଆଚ୍ଛାଦିତ ଗାଡ଼ିଟି--

ଭଲପାଏ ବୋଲି ତ ଟ୍ରାଫିକ ଆଇଲ୍ୟାଣ୍ଡରେ
ଜଳି ଉଠିବ ସବୁଜ ଆଲୋକ ।
ସେହି ଆଲୋକ ପହଁରି ଆସିବେ
ଆମରି ସନ୍ତାନ
ସଦାବ୍ୟସ୍ତ ନିରୁତ୍ତାପ ।
ଭଲପାଏ ବୋଲି ତ 'ମା' ଡାକର
ପୂର୍ବରୁ ଫେରି ଯିବାକୁ ଚାହେଁ ।
ଫେରି ଯିବାକୁ ଚାହେଁ
ଛାଡି ଆସିଥିବା
ନକ୍ଷତ୍ରର ଉଜ୍ଜ୍ୱଳ ଖୋଳପାକୁ--
ଭଲପାଏ ବୋଲି ତ.......


♥ ଡି/୪, ବାସୁଦେବ ଏନକ୍ଲେଭ, ବିଜୁ ନଗର, ପଟିଆ, ଭୁବନେଶ୍ୱର-୨୪
(ମୋ) ୯୪୩୭୫୩୪୭୭୩

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୧୩ ଫେବୃଆରୀ, ୨୦୨୨**

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୩୪)



### ॥ ଆ' ବଉଳ ! ଆ' ସଙ୍ଗାତ ॥

ଆ' ବଉଳ ! ଆ' ସଙ୍ଗାତ !!
ଆ' ଲୋ ମିତ ଆ'
ଫଗୁଣ ଆଜି ଗାଉଛି ଗୀତ
ଟିକିଏ ଶୁଣି ଯାଆ ।

ରଙ୍ଗ ବେରଙ୍ଗ ଫୁଲ ପରିକା
ମନଟା ମୋର ନାଚେ,
ପ୍ରଜାପତି ବି ହଟ କରୁଛି
ପଡ଼ିଛି ମୋର ପଛେ,
ମାଗୁଛି ମୋତେ ପ୍ରେମ ପରାଗ
ଏଡ଼ିକି ଅମାନିଆ ।

ଫୁଲେ ଫୁଲେରେ ଫଗୁଣ ଆଜି
ଲେଖୁଛି ମୋର ନାଆଁ,
ଠିକଣା ଧରି ପ୍ରଜାପତିଟା
ଖୋଜୁଛି ଆମ ଗାଆଁ,
ମୋତେ ସତ ତୋତେ ମିଛଲୋ ବଉଳ
ମୋ ଦେହେ ଲାଗିଛି ନିଆଁ ।

ଡର ଲାଗେ ମୋତେ ଏ ପ୍ରେମ ଋତୁଟା
କାଳେ ବଡ଼ ଦଗା ଦିଆ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ■ ଜୟନ୍ତୀ ଉପଲକ୍ଷେ ■

# ଭାରତର ବୁଲବୁଲ୍ ସରୋଜିନୀ ନାଇଡୁ



ଆମ ଦେଶକୁ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବା ପାଇଁ ବହୁ ବୀର ସନ୍ତାନ ଓ ସନ୍ତତିମାନଙ୍କୁ ବଳିଦାନ ଦେବାକୁ ପଡିଥିଲା। ତନ୍ମଧ୍ୟରେ ଭାରତମାତାର ସୁଯୋଗ୍ୟ କନ୍ୟାଭାବରେ ନିଜକୁ ପ୍ରତିପାଦିତ କରିପାରିଥିଲେ ସରୋଜିନୀ ନାଇଡୁ। ବ୍ରିଟିଶ ସାମ୍ରାଜ୍ୟର ଅନ୍ତ ଘଟାଇ ଭାରତକୁ ସ୍ୱାଧୀନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଏକାଧାରାରେ ଥିଲେ ଜଣେ କବି, ନାରୀନେତ୍ରୀ, ବାଗ୍ମୀ ଓ ସୁବକ୍ତା। 'ଦ ନାଇଟିଙ୍ଗେଲ୍ ଅଫ୍ ଇଣ୍ଡିଆ' ଅବା ଭାରତର ବୁଲବୁଲ୍ ଭାବରେ ସରୋଜିନୀ ନାଇଡୁ ମଧ୍ୟ ଖୁବ୍ ପରିଚିତ ଥିଲେ । ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି ଓ ନେତ୍ରୀ । ଏପରିକି ସରୋଜିନୀ ସ୍ୱାଧୀନ ଭାରତବର୍ଷର ପ୍ରଥମ ମହିଳା ରାଜ୍ୟପାଳ ହୋଇପାରିଥିଲେ । ପରେ ୧୯୦୫ ମସିହାରେ 'ବଙ୍ଗ ଭଙ୍ଗ'କୁ ବିରୋଧ କରି ସରୋଜିନୀ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଏହାବ୍ୟତିତ ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ ଆନ୍ଦୋଳନ ସମୟରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ । ସେ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ରହିଥିଲେ । ଏପରିକି ସ୍ୱାଧୀନତାର ଆନ୍ଦୋଳନରେ ସାମିଲ ହୋଇ ସେ ଗାଁ ଗାଁ ବୁଲି ଲୋକଙ୍କ ମଧ୍ୟରେ ଦେଶ ପ୍ରେମର ବହ୍ନି ଜାଗ୍ରତ କରିଥିଲେ । ସରୋଜିନୀ ନାଇଡୁଙ୍କ ସାହିତ୍ୟରେ ଯୋଗଦାନ ପାଇଁସମଗ୍ର ବିଶ୍ୱରେ ବେଶ ଲୋକପ୍ରିୟ। ତାଙ୍କ କିଛି କବିତା ପାଠ୍ୟକ୍ରମରେ ସାମିଲ କରାଯାଇଛି। ତାଙ୍କ ସାହିତ୍ୟିକ ରଚନା ମଧ୍ୟରେ 'ଗୋଲଡେନ ଥ୍ରିସୋଲ୍ଡ୍. ଦ ବାର୍ଡ ଅଫ ଟାଇମ, ଦ ମ୍ୟାଜିକ ଟ୍ରି, ଦ ଓ୍ୱିଜାର୍ଡ ମାସ୍କ ଇତ୍ୟାଦି ସାମିଲ। ୧୬ ବର୍ଷ ବୟସରେ ସରୋଜିନୀ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଚାଲି ଯାଇଥିଲେ। ସେଠାରେ ସେ 'କିଙ୍ଗସ୍ ? କଲେଜ୍ ?' ଓ ପରେ କେମ୍ବ୍ରିଜ୍ ?ର 'ଗିରଟନ୍ ? କଲେଜ୍ ?'ରେ ଅଧ୍ୟୟନ ଶେଷ କରିଥିଲେ। ସରୋଜିନୀ ନାଇଡୁଙ୍କର ବିବାହ ୧୯ ବର୍ଷ ବୟସରେ ଗୋବିନ୍ଦାରାଜୁଲୁଙ୍କ ସହିତ ହୋଇଥିଲା। ପାଠପଢ଼ା ସହିତ ସରୋଜିନୀ କବିତା ମଧ୍ୟ ଲେଖୁଥିଲେ। ଭାରତୀ ସାହିତ୍ୟକୁ ତାଙ୍କର ଅନେକ ଅବଦାନ ରହିଛି। ତାଙ୍କ ପ୍ରଥମ କବିତା ସଙ୍କଳନ ଥିଲା ଞଷର ଏକ୍ଟକ୍ଷୟରଭ ଞଷକ୍ବରଷ୍ଟକ୍ଷ-କୃକ୍ଷୟ ଯାହାକି ୧୯୦୫ ମସିହାରେ ପ୍ରକାଶିତ ହୋଇଥିଲା। ବିପଦ ସମୟରେ ଭୟ ନକରି ଜଣେ ବୀରାଙ୍ଗନା ଭାବରେ ଗାଁଗାଁ ବୁଲି ଦେଶପ୍ରେମ ସୃଷ୍ଟି କରୁଥିବା ମହିଳା ହେଉଛନ୍ତି ସରୋଜିନୀ ନାଇଡୁ। ସେଥିପାଇଁ ଗାନ୍ଧିଜୀ ତାଙ୍କୁ ଶ୍ରଦ୍ଧାରେ "ଆଜିର ମୀରାବାଈ" ବୋଲି ଡାକୁଥିଲେ।

ଭାରତ ପ୍ରତିବର୍ଷ ୧୩ ଫେବ୍ରୁଆରୀକୁ ରାଷ୍ଟ୍ରୀୟ ମହିଳା ଦିବସ ଭାବେ ପାଳନ କରାଯାଏ। କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି କି, ୧୩ ଫେବ୍ରୁଆରୀକୁ କାହିଁକି ମହିଳା ଦିବସ ଭାବେ କରାଯାଏ। ଏହି ଦିନ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ତଥା କବିୟିତ୍ରୀ ସରୋଜିନୀ ନାଇଡୁଙ୍କ ଜନ୍ମ ହୋଇଥିଲା। ସରୋଜିନୀ ନାଇଡୁଙ୍କ ଜନ୍ମ ୧୮୭୯ ଫେବୃଆରୀ ୧୩ରେ ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ। ତାଙ୍କ ପିତା ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ ଓ ସେ ବଙ୍ଗଳା ଭାଷାରେ ସୁନ୍ଦର କବିତା ଲେଖୁଥିଲେ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼। ମାତ୍ର ୧୨ ବର୍ଷ ବୟସରେ ସେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ସରୋଜିନୀ ମାତ୍ର ୧୨ ବର୍ଷ ବୟସରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ। କବିତାର ବିଭିନ୍ନ ବିଭାଗରେ ନିଜର ଲେଖା ପାଇଁ ସେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ଉର୍ଦ୍ଦୁ, ତେଲୁଗୁ, ବଙ୍ଗଳା ଓ ପାର୍ସି ଭାଷାରେ ଦଖଲ ଥିଲା। ୧୯ ବର୍ଷ ବୟସରେ ସେ ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ବିବାହ କରିଥିଲେ। ଦୁଇ ଜଣ ଭିନ୍ନ ଭିନ୍ନ ଜାତିର ଥିଲେ ମଧ୍ୟ ସରୋଜିନୀ ଏହାକୁ ମାନି ନଥିଲେ। ତାଙ୍କ ବୈବାହିକ ଜୀବନ ଥିଲା ଖୁବ୍ ସୁଖମୟ। ୧୯୦୫ରେ ବଙ୍ଗଭଙ୍ଗ ସମୟରେ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଗୋପାଳ କୃଷ୍ଣ ଗୋଖଲେଙ୍କ ନଜରକୁ ଆସିଥିଲେ। ଆନିବେଶାନ୍ତଙ୍କ ଭଳି ନାରୀନେତ୍ରୀଙ୍କ ନଜରକୁ ମଧ୍ୟ ସରୋଜିନୀ ଆସିଥିଲେ। ୧୯୧୬ରେ ବିହାରର ଚମ୍ପାରଣ କୃଷକମାନଙ୍କ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ। ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା। ୧୯୨୫ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର କାନପୁର ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ସେ ଜେଲ୍ ଯାଇଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ପ୍ରଥମ ମହିଳା ଅଧ୍ୟକ୍ଷା। ସେ ପ୍ରଥମ ମହିଳା ରାଜ୍ୟପାଳ ଭାବେ ଉତ୍ତର ପ୍ରଦେଶର ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ। ସରୋଜିନୀଙ୍କ ପରି ତାଙ୍କ ଝିଅ ପଦ୍ମଜା ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ବେଶ୍ ସକ୍ରିୟ ଥିଲେ।

ସରୋଜିନୀ ନାଇଡୁ ନିଜର କବିତା କାରଣରୁ ତାଙ୍କୁ ଭାରତର ବୁଲବୁଲ ବୋଲି କୁହାଯାଏ। ସରୋଜିନୀ ନାଇଡୁ ଦେଶର ସ୍ୱାଧୀନତା ପାଇଁ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ଛୋଟ ବେଳରୁ ବହୁତ ବୁଦ୍ଧିମାନ ଥିଲେ ସରୋଜିନୀ। ମାତ୍ର ୧୨ ବର୍ଷ ବୟସରେ କବିତା ଲେଖିବା ଆରମ୍ଭ କରିଥିଲେ। କେବଳ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ ବରଂ ମହିଳାଙ୍କ ଅଧିକାର ପାଇଁ ମଧ୍ୟ ବେଶ୍ ସଂଘର୍ଷ କରୁଥିଲେ। ୧୯୧୪ ମସିହାରେ ଲଣ୍ଡନରେ ସେ ପ୍ରଥମଥର ପାଇଁ ଗାନ୍ଧିଜୀଙ୍କୁ ଭେଟିଥିଲେ। ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପରେ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା ଏବଂ ସେ ଗାନ୍ଧିଜୀଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇ ଦେଶସେବାରେ ନିଜକୁ ସମର୍ପିତ କରିଥିଲେ। ପାଠ ପଢିବା ବେଳେ ହିଁ ରାଷ୍ଟ୍ରୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗାନ୍ଧିଜୀଙ୍କ ଡାକରାରେ ସରୋଜିନୀ ଅନେକ ସତ୍ୟାଗ୍ରହ ଓ ଅହିଂସା ଆନ୍ଦୋଳନରେ ଭାଗ ନେଇଥିଲେ। ୧୯୪୨ରେ ହୋଇଥିବା 'ଭାରତଛାଡ଼ ଆନ୍ଦୋଳନ'ରେ ଭାଗ ନେଇ ଜେଲ୍ ? ଯାଇଥିଲେ। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହରୁଙ୍କ ସମେତ ବହୁତ ବଡ ନେତା ତାଙ୍କ ନେତୃତ୍ୱ କ୍ଷମତାରେ ପ୍ରଭାବିତ ହୋଇଥିଲେ। ୧୯୩୧ ମସିହାରେ ସରୋଜିନୀ ମହାତ୍ମା ଗାନ୍ଧୀ ଓ ମଦନ ମୋହନ ମାଳବ୍ୟଙ୍କ ସହ ଲଣ୍ଡନରେ ଆୟୋଜିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ। ତାଙ୍କୁ ୧୯୨୫ ମସିହାରେ କଂଗ୍ରେସର ଅଧ୍ୟକ୍ଷା କରାଯାଇଥିଲା। ୧୯୨୮ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଭାରତରେ ହୋଇଥିବା ପ୍ଲେଗ ମହାମାରୀ ସମୟରେ ଅଭୁତପୂର୍ଣ୍ଣ କାର୍ଯ୍ୟ ପାଇଁ ତାଙ୍କୁ କେସର-ଏ-ହିନ୍ଦୀରେ ସମ୍ମାନିତ କରାଯାଇଥିଲା। ସେ ୧୯୩୨ରେ ଭାରତକୁ ପ୍ରତିନିଧିତ୍ୱ କରି ଦକ୍ଷିଣ ଆଫ୍ରିକା ଯାଇଥିଲେ। ସରୋଜିନୀ ଇଂରାଜୀରେ ବହୁ କବିତା ଲେଖିଛନ୍ତି। ତେବେ ତାଙ୍କର ମଧୁର ବାଣୀ, ସୁନ୍ଦର କବିତା ଓ ପ୍ରଭାବଶାଳୀ ଭାଷଣ ଯୋଗୁଁ ସେ ଭାରତର 'କୋକିଳା' ଓ 'ବୁଲ୍ ?ବୁଲ୍ ?' ଭାବେ ପରିଚିତ। ସରୋଜିନୀ ସାରା ବିଶ୍ୱର ମହିଳାଙ୍କ ପାଇଁ ଆଦର୍ଶ ଓ ପ୍ରେରଣା। ୨ ମାର୍ଚ୍ଚ ୧୯୪୯ ମସିହାରେ ସରୋଜିନୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।




**ଆଲେଖ୍ୟ : ଅମୂଲ୍ୟ କୁମାର ପଣ୍ଡା**

ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦


## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୨୩

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୃଷ୍ଟିଧର ପରିଡା

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଅର୍ଥ ଆଦାୟ ହିଁ ଏବେ ସଂଗଠନର ପ୍ରମୁଖ କାର୍ଯ୍ୟ । ଆଜି ଏହି ଅର୍ଥ ପାଇଁ ହିଁ ହାଇକମାଣ୍ଡ ଓ କ୍ୟାଡ଼ରମାନଙ୍କ ଭିତରେ ଯାବତୀୟ ବିଶୃଙ୍ଖଳା ଓ ବିଭେଦ । ସଂଗଠନ ଭିତରେ ଥିବା ନାରୀମାନଙ୍କୁ ଉପଭୋଗ କରିବା କ୍ଷେତ୍ରରେ ବି ପ୍ରତିଯୋଗିତା ଚାଲିଛି। କେବଳ ସେତିକି ନୁହଁ ବିଭିନ୍ନ ପ୍ରକାର ଅସାମାଜିକ ଓ ନୀତିହିନ କାର୍ଯ୍ୟରେ ଲିପ୍ତ ରହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ହାତବାରିସୀ ବନିଛନ୍ତି ଏମାନେ ! ଏମାନେ ଜଣେ ଜଣେ ସୁପାରି କିଲର !!

ଏହି ସାମ୍ୟବାଦୀ ଆନ୍ଦୋଳନ ନାଁରେ ଚାଲିଥିବା ଅସ୍ଥିରତାକୁ ଭଲ ଭାବେ ବୁଝି ସାରିଥିଲା ଅଭିଷେକ। କାହିଁ ସାମ୍ୟବାଦର ଆଭିମୁଖ୍ୟ କାହିଁ ସାମ୍ୟବାଦୀ ନାଁରେ ଆନ୍ଦୋଳନ !! ତା' ମନରେ ପ୍ରଶ୍ନ, ଯେଉଁ ସଂଗଠନ ଏତେ ଅସ୍ଥିରତା ଭିତର ଗତି କରୁଛି ସେ ସଂଗଠନ ଭୋକିଲା ଓ ଅସହାୟ ଲୋକଙ୍କୁ ନ୍ୟାୟ ଦେବ କେମିତି ?

ପ୍ରାଚୀପ୍ରଭା କିନ୍ତୁ ସ୍ୱୀକାର କରେନାହିଁ । କହେ, ଅବିଶ୍ୱାସ କରି, ଯୁକ୍ତିକରି କିଛି ହାସଲ କରିହୁଏନାହିଁ । ସେତିକିବେଳେ ଫଳପ୍ରାପ୍ତି ହୋଇଥାଏ, ଯେତେବେଳେ ମଣିଷ ନିଜକୁ ବିଶ୍ୱାସ କରେ । ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂରେ ।

ଅଭିଷେକ କହେ, ବିଶ୍ୱାସ କରିବା ଓ ସବୁ ଜାଣି ନିରବ ରହିବା ଦୁଇଟିଯାକ ଅଲଗା କଥା । ବିଶ୍ୱାସ ଆସିଲେ ମନ ଭିତରେ ପ୍ରଶ୍ନ ଆସନ୍ତା ନାହିଁ । ନହେଲେ ପ୍ରଶ୍ନର ଉପଯୁକ୍ତ ଉତ୍ତର ମିଳିଗଲେ ବିଶ୍ୱାସ ଆସନ୍ତା ମନକୁ। ଯାହାହେଲେ ବି ପ୍ରଶ୍ନର ଉତ୍ତର ଦରକାର । ଅଥଚ ଏଠି କେହି କାହାକୁ ଉତ୍ତର ଦେବାକୁ ବାଧ୍ୟ ନୁହନ୍ତି ।

ଅଭିଷେକ ପ୍ରଶ୍ନ କରେ ପ୍ରାଚୀପ୍ରଭାକୁ । ପ୍ରାଚୀ ! ଆମେ କ'ଣ ଏମିତି ଏଇ ପଥରେ ଚାଲିଲେ ଆମର ଲକ୍ଷ୍ୟ ପଥରେ ପହଞ୍ଚି ପାରିବା ? ମୋତେ ତ ଲାଗୁଛି ଆମେ ଯେମିତି ଲକ୍ଷ୍ୟର ବିପରୀତ ପଥର ଯାତ୍ରୀ । ନହେଲେ ଲକ୍ଷ୍ୟ ଆମର ପଥଭ୍ରଷ୍ଟ ହୋଇଛି।

ପ୍ରାଚୀପ୍ରଭା କହେ, ନିଜେ ନଚାହିଁଲେ କେହି କାହାକୁ କିଛି ବୁଝେଇଦେଇ ପାରେନାହିଁ ।

ଅଭିଷେକ କହେ, ମୋର ଯେତିକି ଧାରଣା ହେଲାଣି, ସେଥିରୁ ସ୍ପଷ୍ଟ ଯେ ମୋ ବାପାଙ୍କ ପରି ନେତାମାନେ ଗଣତନ୍ତ୍ରର ବାହାକ ସାଜି ଦିନର ଆଲୁଅରେ ଭଦ୍ର ହିସାବରେ ଦେଶକୁ ଲୁଟିଥାନ୍ତି, ଆଉ ଏଠି ଚୋରଙ୍କ ପରି ରାତିର ଅନ୍ଧକାରରେ ଅନ୍ୟକୁ ହତ୍ୟା କରିବା ଆଉ ଲୁଣ୍ଠନ କରିବା ଏହି ସାମ୍ୟବାଦୀ ନେତାଙ୍କ ପ୍ରଧାନ କାର୍ଯ୍ୟ ।

- ଯେଉଁ ସଂଗଠନରେ ରହିବ ତା' ପ୍ରତି ନିଷ୍ଠା, ଅନୁରାଗ ନଆସିଲେ ତମେ ଆଗକୁ ବଢିପାରିବନାହିଁ ଅଭିଷେକ, କହେ ପ୍ରାଚୀ ।

ପ୍ରଶ୍ନର ପଥରଖଣ୍ଡମାନ ଏଣିକି ଗୋଟିଏ ପରେ ଗୋଟିଏ ଜମା ହୋଇ ପାହାଡ ହେଲାଣି ଅଭିଷେକ ଭିତରେ । ଏଥିରେ ଅତିଷ୍ଠ ଅଭିଷେକ ଦିନେ ପ୍ରାଚୀପ୍ରଭାକୁ କହିଥିଲା, ପ୍ରାଚୀ! ଯେଉଁ ନୂତନତ୍ୱର ସନ୍ଧାନରେ ମୁଁ ଘରୁ ବାହାରିଥିଲି ତାହା ଏବେବି ମୋ ପାଇଁ ଅପହଞ୍ଚ ଇଲାକାର ସ୍ୱପ୍ନ। ଏ ସଂଗଠନ ଆମ ପାଇଁ କୌଣସି ପରିବର୍ତ୍ତନ ଓ ନୂତନତ୍ୱର ପରିକଳ୍ପନା ଆଣି ଦେଇପାରିବ ନାହିଁ ଏହା ମୋର ବ୍ୟକ୍ତିଗତ ମତ । ଏହି ସତ୍ୟକୁ ତୁମେ ବୁଝିଛ କି ନା ମୁଁ ଜାଣେ ନାହିଁ। କିନ୍ତୁ ମୁଁ ଏହାକୁ ଭଲ ଭାବେ ଉପଲବ୍ଧି କରିସାରିଲିଣି । ମୋତେ ଲାଗୁଛି ଯେଉଁ କ୍ରାନ୍ତି ଉଦ୍ଦେଶ୍ୟରେ ଆମେ ବାହାରିଥିଲେ ତାହା ଏହି ସଂଗଠନ ମାଧ୍ୟମରେ ପୂରଣ ହୋଇପାରିବନାହିଁ । ଆମକୁ ଏକ ନୂତନ ନୂତନ ପଥର ସନ୍ଧାନ କରିବାକୁ ପଡିବ ପ୍ରାଚୀ, ଯେତେ ଶୀଘ୍ର ଆମକୁ ଏଠାରୁ ବିଦାୟ ନେବାକୁ ପଡିବ ।

ରାଜି ହୋଇନଥିଲା ପ୍ରାଚୀପ୍ରଭା । କହିଥିଲା, ବାରମ୍ବାର ଦିଶା ବଦଳେଇଲେ ଲକ୍ଷ୍ୟସ୍ଥଳ ଆମ ପାଇଁ ଅପହଞ୍ଚ ହୋଇଯିବ ଅଭିଷେକ । ଭଲ କରିବାକୁ ହେଲେ କିଛି ମନ୍ଦକୁ ତ ଅତିକ୍ରମ କରିବାକୁ ପଡିବ । ତାଛଡ଼ା ଆମ ଅଗ୍ରଭାଗରେ ଥିବା ପୁରୋଧାମାନଙ୍କୁ ଭୁଲ୍ କହିବାର ଅଧିକାର ଆମର ନାହିଁ । କାରଣ ସେମାନେ ଆମକୁ ତାଙ୍କ ସଂଗଠନ ପାଇଁ ଡାକି ନାହାନ୍ତି ବରଂ ଆମେ ସେଥିରେ ଆକୃଷ୍ଟ ହୋଇ ସାମିଲ୍ ହୋଇଛେ । ମୁଁ ଭାବୁଛି ଆମକୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡିବ ।

ନିରବ ହୋଇଯାଇଥିଲା ଅଭିଷେକ । ହଠାତ୍ ଦିନେ ଆକସ୍ମିକ ଭାବେ ପ୍ରାଚୀପ୍ରଭା ଓ ସଂଗଠନକୁ ଛାଡି ନୂତନ ପଥରେ ପଥିକ ହୋଇଥିଲା ସେ । ସିଦ୍ଧାନ୍ତ ନେଇଥିଲା ମତ ଓ ମନର ଅମେଳ ଭିତରେ ଏକାଠି ବାଟ ଚାଲିବା ବୋଧହୁଏ ସମ୍ଭବ ହେବନାହିଁ । କାରଣ ପ୍ରାଚୀ ସହ ଏକାଠି ରହିବା ଓ ବିବାହ କରିବା ଦିନକର ନୁହେଁ, ଗୋଟିଏ ଜନ୍ମର । ଏକାଠି ଚାଲିବାକୁ ନିଷ୍ପତ୍ତି ନେବା ପୂର୍ବରୁ ସବୁଦିଗକୁ ଦୃଷ୍ଟିଦେବା ଠିକ୍ହେବ । ମତ ସହିତ ମନର ନିଗୁଢ ସମ୍ପର୍କ । ଏଇ ମତ ବିଭେଦ ପାଇଁ କାହାକୁ ନକହି ବାପା ମା'ଙ୍କୁ ପଛ କରିଛି । ଆଉ ପ୍ରାଚୀପ୍ରଭା ତ କିଛି ଦିନର ସାଥୀଟିଏ ମାତ୍ର ।

ପ୍ରାଚୀପ୍ରଭାକୁ ପଛ କରିଥିଲା ଅଭିଷେକ ।

ପ୍ରାଚୀପ୍ରଭା ରହିଯାଇଥିଲା ସଂଗଠନ ଭିତରେ ।

ଅଭିଷେକ ରାସ୍ତାରେ ଚାଲିଥିଲା ଏକୁଟିଆ ।

ସେଦିନ ରାତି ପାହିବା ବେଳକୁ ମୌସୁମୀ ପ୍ରସ୍ତୁତ କରି ସାରିଥିଲା ନିଜ ଇସ୍ତଫାପତ୍ର । ଜିଲ୍ଲା ପରିଷଦ ସଭାପତି ପଦରୁ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଥିଲା ଇସ୍ତଫା ପତ୍ରରେ । ଇସ୍ତଫାପତ୍ର ପଠେଇ ଦେଇଥିଲା ହାଇକମାଣ୍ଡଙ୍କ ନିକଟକୁ । ଏହାର ଫଟୋକପି ମଧ୍ୟ ପଠେଇ ଦେଇଥିଲା ଗଣମାଧ୍ୟମର କାର୍ଯ୍ୟାଳୟମାନଙ୍କୁ । ପବନ ବେଗରେ ଏକଥା ବ୍ୟାପି ଯାଇଥିଲା କାନରୁ କାନ ହୋଇ ସମସ୍ତଙ୍କ ପାଖକୁ । ରାତି ପାହିବା ବେଳକୁ ଓମ୍ ଘର ଆଗରେ ଲୋକାରଣ୍ୟ ।

କିଛି ବୁଝି ପାରୁନଥିଲେ ଓଁକାରନାଥ । କାଲି ରାତି ପର୍ଯ୍ୟନ୍ତ ସବୁ ଠିକ୍ଠାକ୍ ଥିବା ବେଳେ ସକାଳୁ ସକାଳୁ କଣହେଲା ସୁମିର ? କାହିଁକି ଏତେବଡ ନିଷ୍ପତ୍ତି ନେଲା ସୁମି ? ଥରଟିଏ ତା' ସହ ଆଲୋଚନା କରିବାକୁ ଉଚିତ୍ ମନେକଲା ନାହିଁ ?

ରାତିରେ ଅତ୍ୟଧିକ ମଦ୍ୟପାନ ଜନିତ ଦୁର୍ବଳତା କଟି ନଥିଲା ସକାଳକୁ । ତଥାପି ସୁମିର ଇସ୍ତଫା ଖବର ଓମ୍ର ସମସ୍ତ ନିଶାକୁ ହଟେଇ ଦେଇଥିଲା ତତ୍କ୍ଷଣାତ୍ । ଅନ୍ୟ ଦିନ ହୋଇଥିଲେ ପାଦ ଠିକ୍ରେ ପଡିପାରିନଥାନ୍ତା, କିନ୍ତୁ ସୁମୀର ଇସ୍ତଫା ଖବର ସବୁ ନିଶାକୁ କ୍ଷଣକେ ଉଡେଇନେଲା । ମୌସୁମୀ ପାଗଳ ହୋଇଗଲାଣି ନା କଣ ? ସେ ସିଧା ଯାଇ ପହଞ୍ଚିଲେ ମୌସୁମୀ ପାଖରେ । ମୌସୁମୀ ନିତ୍ୟକର୍ମ ସାରି ଠାକୁରଘରେ ଥିଲା । ଓମ୍ ଅଟକିଲେ ଦୁଆରମୁହଁରେ ।

ତୀବ୍ର ଅସନ୍ତୋଷ ପ୍ରକାଶ କରି ଓମ୍ କହିଥିଲେ ନିଜକୁ କଣ ବୋଲି ଭାବିଛ ସୁମି ? ଦେବୀ ? ଯାହା ଇଚ୍ଛା ହେବ ତାହା କରିବ ? ଲୋକଙ୍କର ପ୍ରତିନିଧି ତମେ । ବିନା କାହାର ପରାମର୍ଶରେ କେମିତି ନେଲ ଏମିତିକା ପଦକ୍ଷେପ ? ଇସ୍ତଫା କଣ ପିଲାଖେଳ ? ବର୍ତ୍ତମାନ ମୁଁ କଣ ଉତ୍ତର ଦେବି ବିଜୟାନନ୍ଦ ବାବୁଙ୍କୁ ? ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାକୁ ରାଜନୈତିକ ସଙ୍କଟ କୁହାଯିବନି ? ତେବେ ଯେଉଁ ସମସ୍ୟା ଆସିବ ତାକୁ ସମ୍ଭାଳିବ ତ ?

କିଛି ବି ପ୍ରତିକ୍ରିୟା ପ୍ରକାଶ କଲାନାହିଁ ମୌସୁମୀ । ଯେମିତି କିଛି ବୋଲି କିଛି ଶୁଭୁନାହିଁ ତାକୁ ।

ବିରକ୍ତ ହୋଇ ଉଠିଲେ ଓମ୍ । ତମକୁ ଶୁଭୁଛି ନା ନାହିଁ ? ମୁଁ ତମକୁ ହିଁ କହୁଛି । ଏମିତି ଗୋଟେ ଡ୍ରାମା କଲ ଯେ ଉଠିଲାବେଳକୁ କ୍ୟାମେରା ଧରି ମିଡିଆର ଲୋକ ହାଜର୍ । ଯାଅ ସେମାନଙ୍କୁ ସାମ୍ନା କର । ବିଜୟାନନ୍ଦ ବାବୁ ଆସି ପହଞ୍ଚୁଛନ୍ତି । ତାଙ୍କୁ ଉତ୍ତର ଦେବାକୁ ରେଡି ହୋଇଯାଅ । ବାହାରେ ତମ ସମର୍ଥକ, କର୍ମୀ, ବିଭିନ୍ନ ଦଳୀୟ ଲୋକଙ୍କ ଭିଡ । କି ଉତ୍ତର ଦେବି ସେମାନଙ୍କୁ ? ଯାଅ, ସମ୍ଭାଳ ସମସ୍ତଙ୍କୁ ।

ହାତରେ ଧରିଥିବା ଗୀତାକୁ ମୁଣ୍ଡରେ ମାରି ଠାକୁରଙ୍କ ପାଖରେ ରଖିଲା ମୌସୁମୀ । କହିଲା, ମୋର କାହାକୁ କିଛି ଉତ୍ତର ଦେବାର ନାହିଁ । କାଲି ତମ ଇଚ୍ଛାରେ ମୁଁ ରାଜନୀତିକୁ ଆସିଥିଲି, ଆଜି ନିଜ ଇଚ୍ଛାରେ ରାଜନୀତିରୁ ସନ୍ନ୍ୟାସ ନେଉଛି । ବାସ୍ । ଯାହା କହିବା କଥା ତମେ କହିବ, ଯାହା କରିବା କଥା ତମେ କରିବ ।

ଉତ୍ତ୍ୟକ୍ତ ହୋଇଉଠିଲେ ଓଁକାରନାଥ । ମୁଁ କଣ ତୁମ ବାରମାସିଆ, ଚପରାଶି ? ଯାହା ଆଦେଶ ଦେବ ପାଳନ କରିବି ? ତା'ପରେ ତମେ କଣ ଛୋଟ ପିଲା ହୋଇଛ ନା ରାଜନୀତିରେ ତମର ପ୍ରବେଶ ଦିନେ ଦୁଇଦିନର ? ଏତେ ଦିନର ପରିଶ୍ରମ, ଏମିତିକା ଉଜ୍ଜ୍ୱଳ କ୍ୟାରିଅର୍, ଯେତେବେଳେ କିଛି ହାସଲ କରିବା କଥା ସେତିକି ବେଳେ କଣ ନା ମୁଁ ସନ୍ନ୍ୟାସ ନେଲି ।

ଠାକୁରଙ୍କୁ ମୁଣ୍ଡିଆ ମାରି ବାହାରକୁ ଉଠି ଆସିଲା ମୌସୁମୀ । ଓଠକୁ ଛୁଇଁଗଲା ସ୍ମିତ ହାସ୍ୟରେଖାର ଧାରଟିଏ । କହିଲା, ହାସଲ କରିବାକୁ ଆଉ କିଛି ବାକି ଅଛି ? ବେଶ୍ ତ ପାଇସାରିଲିଣି । ବିଜୟାନନ୍ଦ ପରି ମନ, ହୃଦୟ ଓ ଦେହକୁ ଛୁଇଁବାର ସାହସ ରଖୁଥିବା ବନ୍ଧୁ କେତେଜଣଙ୍କୁ ମିଳେ ? ଦରକାର ପଡିଲେ ସିଏ ମୋ ପାଇଁ ଓ ମୋ ସ୍ୱାମୀଙ୍କ ପାଇଁ ଅଲଗା ଅଲଗା ବାସର ରାତି ବି ସଜେଇ ଦେଇପାରନ୍ତି । ତମ ପାଇଁ ମଦ, ଅନନ୍ୟା ପରି ଆଉ ବି କିଛି ଖଂଜିଦେଇପାରନ୍ତି ଆଉ ମୋତେ ତାଙ୍କ ଘରର ସିଂହାସନରେ ବି ବସେଇ ଦେଇ ପାରନ୍ତି । ଆଉ ରାଜନୀତି ? କଣ ନଦେଇଛି ମୋତେ ? ଏତେ ଲୋକସମ୍ପର୍କ, ଏତେ ପ୍ରତିଷ୍ଠା, ଏତେ ପ୍ରାଚୁର୍ଯ୍ୟ କଣ ମୋ ପରି ଜଣେ ସାଧାରଣ ସ୍ତ୍ରୀଲୋକ ପାଇବାରେ ସକ୍ଷମ ହୋଇଥାନ୍ତା ? କିଏ ଚିହ୍ନିଥିଲା ମୋତେ ? କିଏ ଜାଣିଥିଲା ମୋତେ ? ମୁଁ ବି କଣ ଜାଣିଥିଲି ମୋ ଭିତରେ ଏତେ ଶକ୍ତି ଅଛି ଯେ ମୁଁ ଚାହିଁଲେ ତମକୁ ଶିଖରକୁ ଚଢେଇ ଦେଇପାରେ ନହେଲେ ପାତାଳକୁ ଗଡେଇ ଦେଇପାରିବି ବୋଲି ? ଏ ସବୁ ମୋତେ ରାଜନୀତି ହିଁ ଦେଇଛି ।

ତାହେଲେ ତାକୁ ଛାଡିବାର ନିଷ୍ପତ୍ତି କାହିଁକି ? କଣ କରିଛ ତମେ ରାଜନୀତି ପାଇଁ ? କଣ ଦେଇଛ ? - ଓମ୍ର କଣ୍ଠରେ ବିରକ୍ତି ।

ବହୁତ୍ । ବହୁତ ଦେଇଛି । ରାଜନୀତି ପାଇଁ ମୋ ଘର, ଦ୍ୱାର, ପୁଅ, ସ୍ୱାମୀ ଏମିତିକି ମୋ ନାରୀତ୍ୱକୁ ବି ଦେଇ ସାରିଛି । ଏହାପରେ ଦବାପାଇଁ ହେଲେ ମୋ ଶରୀରର ଏ ରକ୍ତକୁ ନିଗାଡି ଦେବାକୁ ପଡିବ ଏବଂ ମାଂସକୁ ଟୁକୁରା ଟୁକରା କରି ଖୁଆଇ ଦେବାକୁ ପଡିବ । ରାଜନୀତିର ବହୁତ ବଡ ଆଁ । ସିଏ ଦିଏ ଯେତିକି ନିଏ ତା'ଠାରୁ ଶହଶହ ଗୁଣ ଅଧିକା । ସିଏ ମୋ ଠାରୁ ଏତେ ନେଇଛି ଯେ ତାକୁ ଦବାପାଇଁ ମୋ ପାଖରେ ଆଉ କିଛିନାହିଁ ।

କଥା ସରିବା ବେଳକୁ ମୌସୁମୀର କଣ୍ଠକୁ ଲୁହ ଓ କୋହ ଆବୋରି ବସୁଥିଲା ଯେମିତି ।

ଓମ୍ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଥିଲେ ମୌସୁମୀକୁ ।

ଓମ୍ ଆଖିରେ ଆଖି ରଖିଲା ମୌସୁମୀ । କହିଲା, ଭାବିଥିଲି ମୁଁ ତମପାଇଁ ରାଜନୀତିକୁ ଆପଣେଇ ନେଇଛି ଯେତେବେଳେ, ସେତେବେଳ ତମେ ହିଁ ମୋର ସବୁଠୁ ବଡ ସାହାରା ହେବ । ମୋତେ ବୁଝିବ, ମୋତେ ସୁରକ୍ଷା ଦେବ । କିନ୍ତୁ ସେତକ ହେଲାନାହିଁ । ବରଂ ତମେ ରାଜନୀତି ନାଁରେ ଦୂରେଇ ଦୂରେଇ ଚାଲିଲ । ଏତେ ଦୂରକୁ ଯେ ମୋ ଘରେ, ମୋ ଉପସ୍ଥିତିରେ ତମେ ଅନ୍ୟ ଜଣେ ସ୍ତ୍ରୀଲୋକକୁ ନେଇ ରାତ୍ରୀଯାପନ କରିବାର ଦୁଃସାହସ ବି କଲ । ମୋ ପୁଅ ମୋଠୁ ଦୂରକୁ ଚାଲିଗଲା ପରେ ଥରଟିଏ ବି ବୁଝିଲନି ପୁଅ ବିନା ମା'ଟିଏ କେମିତି ବଞ୍ଚିଛି । ରାଜନୀତିକୁ ସାଥୀ କଲାପରେ ଆମେ ତମ ପାଇଁ ଅଲୋଡା । ଏଣିକି ରାଜନୀତିରୁ ମୁଁ ମୁକ୍ତ, ମୋ ପାଖରୁ ତମେ ବି ମୁକ୍ତ । ଯେତେଦୂର ପାରିବ ଉଡ । ମୋର ବାଧା ନାହିଁ । କିନ୍ତୁ ମୁଁ ଆଉ ପାରିବି ନାହିଁ ।

କେବେ ମୋ ଭବିଷ୍ୟତ କଥା ଭାବିଛ ?

ଅଧିକା କଣ ଭାବିବି ? ତମ ପାଖରେ ତମ ବିଜୟାନନ୍ଦ ବାବୁ ଅଛନ୍ତି । ଗୋଟିଏରେ ମନଭରି ଗଲେ ଆଉ ଗୋଟିଏ ନାରୀ ଖଂଜିଦେବେ । ଏମିତିରେ ତମ ଲୋକସମ୍ପର୍କ ତ ସମସ୍ତଙ୍କୁ ଜଣା । ତମେ ପାରିବ । ମୋ ବିନା ବଞ୍ଚିବାରେ ତମର କିଛି ଅସୁବିଧା ହେବନି । କିନ୍ତୁ ଯା' ପରେ ମୋର କାହାକୁ କିଛି ଉତ୍ତର ଦେବାକୁ ନାହିଁ । ଯାହା ଦେଇଛି ମୁଁ ଲେଖିକରି ଦେଇଛି । ତେବେ ଇସ୍ତଫା ଦେବାର କାରଣ ମୋର ବ୍ୟକ୍ତିଗତ । ମୁଁ ଆଉ ରାଜନୀତି କରିପାରିବିନାହିଁ । ରକ୍ତରେ ରାଜନୀତି ନଥିବା ଲୋକ ଟାଣିଓଟାରି ବେଶିଦିନ ଯାଏ ରାଜନୀତିରେ ତିଷ୍ଠିପାରନ୍ତି ନାହିଁ ।

ଏତକ କହି ଓମ୍କୁ ପଛ କରି ଘର ଭିତରକୁ ପାଦ ବଢେଇଲା ମୌସୁମୀ । ତାଙ୍କୁ ଅତିକ୍ରମ କଲାବେଳକୁ ତା' ହାତଧରି ଅଟକେଇଦେଲେ ଓମ୍ । କହିଲେ, ବିଜୟାନନ୍ଦବାବୁଙ୍କୁ ମୁଁ କ'ଣ କହିବି ?

ତମେ ଜାଣିଥିବ । ସିଏ ତମର ପଥପ୍ରଦର୍ଶକ । ହୁଏତ ସେଇ ତମକୁ ମାର୍ଗ ଦେଖେଇ ପାରିବେ । କିନ୍ତୁ ମୋ ଠାରୁ କିଛି ଆଶା କରିବନାହିଁ । ଏମିତିକି ମୁଁ ବିଜୟାନନ୍ଦଙ୍କୁ ଦେଖା କରିବାକୁ ବି ଚାହେଁନି । ମୋ ଠାରୁ ତାଙ୍କର ଆତିଥେୟତା ଆଶା କରିବନାହିଁ । ଆଜିଠାରୁ ଅର୍ଥାତ୍ ବର୍ତ୍ତମାନଠାରୁ ତମର କୌଣସି ପ୍ରକାର ରାଜନୈତିକ କାର୍ଯ୍ୟକଳାପରେ ମୋର ସହଯୋଗ ରହିବନାହିଁ ।

ଏଥର ରୁକ୍ଷ ହୋଇଉଠିଲେ ଓମ୍ ।

ଏମିତି ହେଲେ ତମ ସହ ମୋର କୌଣସି ସମ୍ପର୍କ ରହିବନାହିଁ କହିଦଉଛି ।

ନରଖିପାର । ମୁଁ ବି ଏହାପରେ ତମ ପାଖରେ ରହିବିନାହିଁ । ପଣ୍ଡିଚେରୀ ଚାଲିଯିବି ଖୁବ୍ ଶୀଘ୍ର । ତମେ ନିରଙ୍କୁଶ ରାଜଭୋଗ ଭୋଗକର, ମୋର ଆପତ୍ତି ନାହିଁ ।- ଏତକ କହି ଓମ୍ଙ୍କ ହାତରୁ ନିଜ ହାତକୁ ଖସେଇନେଇ ଭିତରକୁ ଚାଲିଗଲା ମୌସୁମୀ । (କ୍ରମଶଃ)

## ଅନୁବାଦ ଗଳ୍ପ

# ଘର

ମୂଳହିନ୍ଦୀ..ସୁକେଶ ସାହାଣୀ




ଅନୁସୃଜନ- ବିନୟ କୁମାର ଦାସ


ସକାଳ ର ସୁଲୁସୁଲିଆ ପବନ ତନୁମନକୁ ସତେଜ କରିଦେଉଥିଲା ।

ବଗିଚାର ଜଳଫୁଆରା ରୁ ଛିଟିକି ପଡୁଥିବା ଜଳକଣା ଦେହରେ ବାଜି ମନକୁ ନେଇଯାଉଥିଲା ଭିନ୍ନ ଏକ ରାଇଜକୁ । ଲନ୍ ର ଶାଗୁଆ ଛନଛନିଆ ଘାସର ଗାଲିଚା ଉପରେ ଦୁଇଟା ଚୌକୀ ପକାଇ ଦୁଇ ବନ୍ଧୁ ବସିଥିଲେ । ପ୍ରଭାକର ଆଉ ରାମପ୍ରସାଦ । ପ୍ରଭାକର ଫୋନ୍ ରେ କଥା ହେଉଥିଲା ପ୍ୟାରିସ ର ଜଣେ ଡ୍ରେସ ଡିଜାଇନରଙ୍କ ସହିତ । ରାମପ୍ରସାଦ ପ୍ରଭାକର ର ଏହି ବହୁମୂଲ୍ୟ ପ୍ରାସାଦକୁ କେମିତି ଏକ ଈର୍ଷାଭରା ଦୃଷ୍ଟିରେ ଚାହିଁରହି ମନେ ମନେ ଭାବୁଥିଲା ସତରେ ତା ବାଲ୍ୟବନ୍ଧୁ ପ୍ରଭାକର ଆଜି କେତେ ବଡ ମଣିଷ ହୋଇଯାଇଛି । କୋଟିକୋଟି ଟଙ୍କାର ବିଜିନେସ୍ । ଚାକରବାକରଙ୍କ ପାଇଁ ସେ ଯେଉଁ କ୍ୱାଟର ନିର୍ମାଣ କରିଛି, ସେଗୁଡିକୁ ଦେଖି ତାଜୁବ ହୋଇଯାଉଛି ରାମପ୍ରସାଦ । ସେମାନେ ଯେଉଁ କ୍ୱାଟାର ରେ ରହୁଛନ୍ତି, ସେମିତି ଘରଟେ ବି ନାହିଁ ତାର । ସବୁ ତ ଭାଗ୍ୟର ଖେଳ... ।ଏକ ଦୀର୍ଘ ଶ୍ୱାସ ଛାଡି ସେ ନିଜର ଭାଗ୍ୟକୁ ନିନ୍ଦୁଥିଲା । ପ୍ରଭାକର ର ପତ୍ନୀ ଘର ଭିତରୁ ବଗିଚାକୁ ଆସି ଖାଲି ପାଦରେ ଘାସ ଉପରେ ଚାଲିବାକୁ ଆରମ୍ଭ କରିଦେଲା । ହାତରେ ତାର ରହିଥିଲା ଏକ ଦାମୀ ମୋବାଇଲ ସେଟ୍ ।

"ପ୍ରଭାକର, ମୋତେ ଆଜି ଘରକୁ ଫେରିଯିବାକୁ ହେବ ।" ଫୋନ୍ ରେ କଥା ସରିବା ପରେ ସେ କହିଲା ରାମପ୍ରସାଦକୁ ।

"ଉହୁଁ । ସେକଥା ଜମାରୁ ହୋଇ ପାରିବ ନାହିଁ ବନ୍ଧୁ । ଆଜି ତ ମୁଁ ପ୍ରୋଗ୍ରାମ କରି ସାରିଛି ତୋତେ ନେଇ ମୁଁ ଆମ ଫାର୍ମ ହାଉସ୍ କୁ ଯିବି । ଆରେ..କିଏ ଅଛ ? ବାହାଦୂର୍...କିସାନ୍...କାଲିଆ...ଆରେ କେହି ଜଣେ ମୋ ପାଇଁ ଥଣ୍ଡା ପାଣି ଗିଲାସେ ଆଣ ରେ । କଥା ହୋଇ ହୋଇ ମୋ ଗଳା ଶୁଖିଗଲାଣି ।"

"ନା ପ୍ରଭାକର । ମୁଁ ଆଉ ଏଠାରେ ରହି ପାରିବି ନାହିଁ । ଗୋଟିଏ ଦିନ ତୋ ପାଖରେ ରହିବି ବୋଲି କହିକି ଆସିଥିଲି ତୋ ଭାଉଜକୁ । ତିନିଦିନ ରହିଗଲିଣି । ପିଲାମାନେ ବି ବ୍ୟସ୍ତ ହେଉଥିବେ ।"

"ଗୋଟେ କଥା କହିବି ତୋତେ ରାମପ୍ରସାଦ । ତୁ ସେ ଗାଁ ରେ କାହିଁକି ମିଛଟାରେ ପଡିରହିଛୁ କହିଲୁ ? କଣ ଅଛି ସେ ଗାଁ ରେ ? ତୁ ଗାଁ ର ତୋ ଘରଦ୍ୱାର ଆଉ ଜମିବାଡି ବିକିଦେଇ ପଳାଇ ଆ ସହରକୁ । ଜୀବନ କାହାକୁ କୁହନ୍ତି ବୁଝିପାରିବୁ ଏଠାକୁ ଆସିଗଲେ । ପିଲାମାନେ ବି ଭଲ ସ୍କୁଲରେ ପାଠ ପଢିପାରିବେ ଏଠି । ଜୀବନ ର ମାନ ବଦଳି ଯିବ ରେ । ଆରେ କାଲିଆ, ପାଣି ଗିଲାସେ କେହି ମୋ ପାଇଁ ଆଣି ପାରୁନ ? ଗଳା ଶୁଖିଗଲାଣି ପରା....।" ରାମପ୍ରସାଦ ଦେଖିଲା ଚିତ୍କାର କରି କରି ପ୍ରଭାକର ଥକି ଗଲାଣି, ଅଥଚ ତା କଥା କେହି ଶୁଣୁନାହାନ୍ତି । ତା ପତ୍ନୀ ସେଇଠି ଟହଲ ମାରୁଛି, ପୁଅ ଏକ ଗୋଲାପ କୁଣ୍ଡ ପାଖରେ ଛିଡା ହୋଇ ଗୋଲାପ ଫୁଲକୁ ଆଉଁସୁଛି ।

" ରାମୁ...ଓ ରାମୁ । ଆବେ କୋଉଠି ମରୁଛ ତୁମେ ସବୁ ? ଏତେ ଚିଲଉଛି..କାହାରି କାନରେ ବାଜୁ ନାହିଁ ?" ଏତକ କହି ଟିପୟ ଉପରେ ରଖା ଯାଇଥିବା ରିମୋଟ୍ ବେଲ୍ ଦବାଇଲା ସେ ।

ରାମପ୍ରସାଦକୁ ଏ ସବୁ କାରବାର ଜମା ଭଲ ଲାଗିଲା ନାହିଁ । ଜଣେ ପାଣି ପିଇବା ପାଇଁ ଏତେ ଥର ଚିଲାଉଛି, ଅଥଚ କେହି ତା କଥାକୁ ଶୁଣୁନାହାନ୍ତି । ତା ପତ୍ନୀ ଥରେ ସେମାନଙ୍କ ଆଡକୁ ଚାହିଁ ଦେଇ କାକଟସ୍ ର ନୀଳ ରଂଗର ଫୁଲକୁ ଦେଖିବାରେ ବ୍ୟସ୍ତ ରହିଛି । ପୁଅ ସେଇ ପାଖରେ ରହିଛି, ଅଥଚ କେହି ବି ଏ ଦିଗକୁ ଧ୍ୟାନ ଦେଉ ନାହାନ୍ତି । ତା ଅନ୍ନରେ ପ୍ରତିପାଳିତ ତା ଚାକର ବି ତା କଥା ଶୁଣି ପାଣି ଗିଲାସେ ଆଣି ଦେଉନି । ରାମପ୍ରସାଦ ତା ନିଜଘର କଥା ଭାବିଲା । ସେଠି ତାକୁ ପାଣି ପାଇଁ କାହାକୁ କହିବାକୁ ତ ପଡେ ନାହିଁ । ତାକୁ ଶୋଷ ହେବା ପୂର୍ବରୁ ତା ପତ୍ନୀ ତାକୁ ପାଣି ଗିଲାସେ ବଢାଇ ଦିଏ । ତା ପତ୍ନୀ ଆଉ ତା ପିଲାମାନେ ତା ମନ କଥା ବୁଝି ପାରି ତାର ଯାହା ଦରକାର ଯଥା ସମୟରେ ଯୋଗାଇ ଦିଅନ୍ତି । ଅଥଚ ଏଠି... ?

ହଠାତ୍ କାହିଁକି କେଜାଣି ପ୍ରଭାକର ର ଏ ବହୁମୂଲ୍ୟ ର ପ୍ରାସାଦ ତା ଆଖି ଆଗରେ ଏକ ତାସ୍ ର ଘର ପରି ମନେ ହେଲା ଆଉ ନିମିଷକେ ମଧ୍ୟରେ ଭାଙ୍ଗି ଧୂଳିସାତ୍ ହୋଇଗଲା ।


ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧

ମୋ ୭୯୭୮୭୬୦୩୬୩

## ଆଲୋଚନା



**ଡ. କବିତା ବାରିକ**

# ଶହେ ତେଇଶି ବର୍ଷରେ 'ରେବତୀ'







ଫକୀର ମୋହନ ସେନାପତିଙ୍କ ଗଳ୍ପ 'ରେବତୀ' କେବଳ ଫକୀର ମୋହନଙ୍କ ପ୍ରଥମ ଗଳ୍ପ ନୁହେଁ, ତାହା ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ । ଏହା ବିଶ୍ୱନାଥ କରଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଉତ୍କଳ ସାହିତ୍ୟ'ରେ ୧୮୯୮ ମସିହା ଅକ୍ଟୋବର ୨/୭ କାର୍ତ୍ତିକ ୧୩୦୬ରେ ପ୍ରକାଶ ପାଇଥିଲା ଧୂର୍ଜଟି ଛଦ୍ମ ନାମରେ । ୧୮୯୮ରୁ ୨୦୨୧କୁ ଯଦି ହିସାବ କରାଯାଏ ତେବେ ରେବତୀର ବୟସ ଏବେ ଶହେ ତେଇଶି ବର୍ଷ ତିନିମାସ ପାର କଲାଣି । ସେ ସମୟରେ ନାରୀ ଶିକ୍ଷାକୁ ଗର୍ହିତ ଅପରାଧ ଦୃଷ୍ଟିରୁ ଦେଖା ଯାଉଥିଲା । ଝିଅମାନେ ପାଠ ପଢ଼ିଲେ ସବଂଶ ଲୋପ ପାଇଯିବେ, ପୂର୍ବ ପୁରୁଷ ପାଣି ପାଇବେନି, ସମାଜରେ ଘୋର ଅନର୍ଥ ଘଟିବ ଏମିତି କିଛି କିଛି । 'ରେବତୀ' ଗଳ୍ପଟି ଯେହେତୁ ନାରୀଶିକ୍ଷା ସପକ୍ଷରେ ଆଧାରିତ ଥିଲା, ସେଥି ଯୋଗୁ ହୁଏତ ପରିସ୍ଥିତି ଦୃଷ୍ଟିରୁ ସିଧାସଳଖ ନିଜ ନାଁ ଲେଖିବାକୁ ଉଚିତ ମନେ କରି ନାହାନ୍ତି ଫକୀରମୋହନ । ସେ ଯାହା ହେଉ ସ୍ୱୀକାର କରିବାକୁ ହେବ ଯେ ଫକୀର ମୋହନ ହିଁ ଆମ ଆଧୁନିକ ଓଡଇଆ ଗଳ୍ପର ଜନ୍ମଦାତା । ଶହ ଶହ ବର୍ଷ ଧରି ଗଡି ଆସୁଥିବା ଲୋକଗଳ୍ପର ବନ୍ଦୀଶାଳାରୁ ମୁକ୍ତ କରିଥିବା ସ୍ରଷ୍ଟା ।

'ରେବତୀ'ରେ କଣ ଥିଲା, ତାର ବିଷୟବସ୍ତୁ କଣ ଥିଲା ସେ ସଂପର୍କରେ ଲେଖିବାଟା ଚର୍ବିତଚର୍ବଣ ହେବ । ଏତିକି କହିବି ଜେଜୀମା 'ଲୋ ରେବୀ, ଲୋ ନିଆଁ, ଲୋ ଚୂଲୀ' ଭିତରେ ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଯେଉଁ ବିରୋଧାଭାସର ସ୍ୱର ଉଠିଥିଲା, ସମୟର ଆହ୍ୱାନରେ ତାହା ହଜିଯାଇଛି । କେତେକେତେ ରେବତୀ ଜନ୍ମ ହୋଇ ସାରିଛନ୍ତି । ବହୁ ବିରୋଧ, ପ୍ରତିବାଦ ସତ୍ତ୍ୱେ ରେବତୀମାନେ ପାଠ ପଢ଼ିଛନ୍ତି । 'ରେବତୀ' ମରି ବି ମରି ନାହିଁ । ସେ ନୂଆ ରୂପରେ, ନୂଆ ଚେତନାରେ, ନୂଆ ଧାରାରେ ଠିଆ ହୋଇଛି । କେତେବେଳେ 'ନୀଳ ମାଷ୍ଟରାଣୀ' ତ କେତେବେଳେ 'ବନ୍ଧ୍ୟା ଗାନ୍ଧାରୀ' ଅଥବା 'ପାଟଦେଇ' ରୂପରେ । ତେବେ ଶହେ ତେଇଶ ବର୍ଷ ପରେ ରେବତୀ କେଉଁଠି ? କଳାବତୀ, ଦେହବତୀ ନାଁ ଅନ୍ୟ କେଉଁ ନାଁରେ, ସ୍ଥିତିରେ ? ଏକଥା ସତ ଯେ ରେବତୀ ଓଡ଼ିଆ ସାହିତ୍ୟରେ କେବଳ ପ୍ରଥମ ଗଳ୍ପରେ ଅଟକି ଯାଇନାହିଁ । ଏହା ପାଲଟି ଯାଇଛି ଏକ ସୁଦୃଶ ମାଇଲ ଖୁଣ୍ଟ । ବତିଘର ଭଳି ସେ ଓଡ଼ିଆ ଗଳ୍ପର ଅନାହତ ଯାତ୍ରାରେ ପ୍ରେରଣାର ଆଲୋକ ସାଜିଛି । ବହୁ କଥାକାର ତାକୁ କେତେକେତେ ରୂପରେ ଜନ୍ମ ଦେଇଛନ୍ତି । କ୍ୟାଲେଣ୍ଡରର ପୃଷ୍ଠା ବଦଳିବା ସହିତ ସେ ବି ତା'ର କାୟା ପରିବର୍ତ୍ତନ କରିଛି । ସେ ପରିବର୍ତ୍ତନ ଏଇଥିପାଇଁ ଘଟିଛି ଯେ ସମାଜ ବଦଳିଛି, ଦୃଷ୍ଟିକୋଣ ବଦଳିଛି । ଆମକୁ ସ୍ୱୀକାର କରିବାକୁ ହେବ ଯେ ଯେତେଦିନ ଓଡ଼ିଆ ସାହିତ୍ୟ ବଞ୍ଚିଥିବ ରେବତୀ ବି ବଞ୍ଚି ଥିବ । କ୍ୟାଲେଣ୍ଡରର ମସିହା ବଦଳିବା ସହିତ ସେ ବି ତା'ର କାୟା, ଛାୟା, ମାୟା ସବୁକିଛି ବଦଳାଇ ଚାଲିଥିବ । ରେବତୀକୁ ଜନ୍ମ ଦେଇ ଫକୀର ମୋହନ ଅମର ହୋଇ ଯାଇଛନ୍ତି । ପୁଣି ଫକୀରମୋହନଙ୍କ କଲମରୁ 'ରେବତୀ' ଜନ୍ମ ନେଇ ନିଜର ବି ଅମରତ୍ୱ ଘୋଷଣା କରିଛି । ବହୁ ସ୍ରଷ୍ଟାଙ୍କର ପ୍ରେରଣା ସାଜିଛି । ଏହାର ପ୍ରମାଣ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଅସିତ ମହାନ୍ତିଙ୍କ ସଂପାଦନାରେ ପ୍ରକାଶ ପାଇଥିବା ଦୁଇଟି ଭାଗ ଗଳ୍ପଗ୍ରନ୍ଥ 'ରେବତୀ ରେବତୀ' ଓ 'ରେବତୀ ଏବଂ ରେବତୀ' । ସେମିତି ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ସଂପାଦନାରେ ପ୍ରକାଶିତ 'ପୁନରାୟ ରେବତୀ' (୨୦୧୯) । ରେବତୀ ଉଭା ହୋଇଛି କେତେ ଢଙ୍ଗରେ, କେତେ ରୂପରେ, କେତେ ନାଁରେ, କେତେ କେତେ ପରିବେଶରେ ।

ଏତିକିରେ ସରିଯାଇନାହିଁ ତା' କଥା । ସବୁଠୁ ବଡ଼ କଥା ହେଲା ଏହି କ୍ଲାସିକ ଗଳ୍ପଟି ୨୪ଟି ଭାରତୀୟ ଭାଷା ଓ ୧୨ଟି ବିଦେଶୀ ଭାଷାରେ ଅନୂଦିତ ହୋଇଛି । ୨୦୨୧ ମସିହାରେ ଧଉଳିବୁକ୍ସ, ଭୁବନେଶ୍ୱର ଦ୍ୱାରା ମନୁଦାଶଙ୍କ ସଂପାଦନାରେ ଇଂରାଜୀରେ ପ୍ରକାଶ ପାଇଥିବା ପୁସ୍ତକ 'ରେବତୀ: ସ୍ପିକିଙ୍ଗ୍ ଇନ୍ ଟଙ୍ଗସ୍ (Rebati speaking in Tongues) ରେ ଏହି ସୂଚନା ଦେଇଛନ୍ତି । ରାଜ୍ୟ, ଦେଶ ଡେଇଁ ରେବତୀ ପହଞ୍ଚି ସାରିଛି ବିଶ୍ୱର ବିଭିନ୍ନ ଭାଷାରେ । ଜର୍ମାନୀ, ରୁଷିଆନ, ଜାପାନିଜ୍, ସ୍ପାନିସ୍, ପୋଲିସ୍, ତୁର୍କିସ, ସିଂହଳୀ, ହିବ୍ରୁ, ବାଲୋଚି, ଉଜ୍‌ବେକ୍ ସମେତ ହିନ୍ଦୀ, ଉର୍ଦ୍ଦୁ, ଇଂରାଜୀ, ପଞ୍ଜାବୀ, ନେପାଳୀ, ସାହାମୁଖୀ ପ୍ରଭୃତି ଭାଷାରେ । ଏହା ସାହିତ୍ୟ ଇତିହାସରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ସଂପାଦନାରେ ମନୁଦାଶ ଲେଖିଛନ୍ତି, "The story has fascinated readers, translators and critics ever since its creation. It has successfully spawned many narratives and dramatic versions and adaptations during the last one hundred and odd years." ରେବତୀ ଉପରେ ଭାରତବର୍ଷର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଖୁବ୍ ସୁନ୍ଦର ମତ ରଖିଛନ୍ତି । ସେମାନଙ୍କ ଭିତରେ ଅଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟଜଜ୍ ଦୀପକ ମିଶ୍ର, ବିଶିଷ୍ଟ କବି ପଦ୍ମଭୂଷଣ ସୀତାକାନ୍ତ ମହାପାତ୍ର, ଭାରତବର୍ଷର ବିଶିଷ୍ଟ ସାମ୍ବାଦିକା, ଅନୁବାଦିକା ଶାନ୍ତା ଗୋଖ୍‌ଲେ, କାନ୍‌ପୁର ଆଇ.ଆଇ.ଟିର ପୂର୍ବତନ ଇଂରାଜୀ ପ୍ରଫେସର ବି.ଏନ୍. ପଟ୍ଟନାୟକ, ରାଜସ୍ଥାନ ଜୟପୁରର ଲିଟରେଚର ଫେଷ୍ଟିଭାଲର ନିର୍ଦ୍ଦେଶିକା ନମିତା ଗୋଖ୍‌ଲେ ପ୍ରଭୃତି । କହିବା ବାହୁଲ୍ୟ 'ରେବତୀ' କାଲିଥିଲା, ଆଜି ଅଛି, କାଲି ବି ରହିଥିବ । କେତେକେତେ ବେଶ, ରୂପ, ମଞ୍ଚ ବଦଳାଇ ।

ମୋ: ୯୪୩୭୧୧୭୬୨୭

## ଚିନ୍ତନ

### ପରିବର୍ତ୍ତନର ସ୍ୱର

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଏକଦା ମନୁଷ୍ୟ ଥିଲା ଅରଣ୍ୟର ସନ୍ତାନ । ନଦୀ, ପର୍ବତ, ବୃକ୍ଷଲତା, କୀଟପତଙ୍ଗ ଓ ପଶୁପକ୍ଷୀ ଆଦିଙ୍କ ଭିତରେ ମନୁଷ୍ୟ ଥିଲା ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି । ସମୟର ଧାରାରେ ଆପଣାର ଶ୍ରେଷ୍ଠତା ପ୍ରତିପାଦନ କରି ମନୁଷ୍ୟ ନିର୍ମାଣ କରିଛି ସମାଜ । ସହାବସ୍ଥାନ ସୂତ୍ରରେ ବାନ୍ଧି ହୋଇ ଅଭିବୃଦ୍ଧିର ପଥରେ ଦେଇଛି ପାଦ । କିନ୍ତୁ ସମୟକ୍ରମେ ଏ ବିକାଶର ଧାରା ବସ୍ତୁବାଦୀ ଦୃଷ୍ଟିକୋଣକୁ ଆଦରି ନେଇ ମନୁଷ୍ୟକୁ କରିଛି ମୂଲ୍ୟବୋଧରୁ ବିଚ୍ୟୁତ । ଆତ୍ମପ୍ରତିଷ୍ଠା ଓ ସୁଖବୋଧର ସନ୍ଧାନରେ ମନୁଷ୍ୟ ହୋଇ ଉଠିଛି ହିଂସ୍ର । ନୀତି, ପ୍ରୀତି ଓ ଆଦର୍ଶକୁ ଅସ୍ୱୀକାର କରି ବିପର୍ଯ୍ୟୟକୁ ଡାକି ଆଣିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଦିନେ ବେଦର ପ୍ରଥମ ବାକ୍ୟ ମନୁଷ୍ୟର ଆଭିମୁଖ୍ୟକୁ ପ୍ରକାଶ କରି କହିଥିଲା- 'ଅଗ୍ନି ମିଳେ ପୁରୋହିତଂ' । ସମୟର ଧାରାରେ ସେ ମନୁଷ୍ୟ କିନ୍ତୁ ସଂପଦର ପ୍ରଲୋଭନରେ ମାନସିକ ଭାରସାମ୍ୟ ହରାଇ ବସିଛି । ମନୁଷ୍ୟର ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ଐଶ୍ୱର୍ଯ୍ୟପ୍ରାପ୍ତିର ବିକଟ ମନସ୍ଥିତି ଆଜି ମନୁଷ୍ୟ ଓ ପଶୁ ଭିତରେ ଥିବା ରେଖାକୁ ନିଷ୍ପ୍ରଭ କରିଦେଇଛି । ତେଣୁ ଦିନେ ଆପଣାର ସନ୍ତାନ କରି ମନୁଷ୍ୟକୁ ସଯତ୍ନରେ ପାଳିଥିବା ପ୍ରକୃତି; କରାଳ ରୂପ ଧରି ଆରମ୍ଭ କରିଛି ଧ୍ୱଂସ ଲୀଳା । କେତେବେଳେ ବନ୍ୟା, ବାତ୍ୟା, ମରୁଡ଼ି ତ; ଆଉ କେତେବେଳେ ମହାମାରୀ ନେଉଛି ଅସଂଖ୍ୟ ଜୀବନ । ଏପରିସ୍ଥଳେ କି ଲାଭ ମନୁଷ୍ୟର ଅଣୁଶକ୍ତି ଜ୍ଞାନ ଆଉ ବିଜ୍ଞାନ । ଯେତେବେଳେ କି ମନୁଷ୍ୟ ଜୀବନ ପାଲଟି ଯାଇଛି ପୋକମାଛି ସମାନ । ପରିଶେଷରେ କେବଳ ଏତିକି କହିବି ଏ ମାଟିର ମନୁଷ୍ୟ ଆତ୍ମପ୍ରତିଷ୍ଠା ପ୍ରଲୋଭନରେ ବିଷାକ୍ତ ହୋଇପଡ଼ିଛି । ତା'ର କ୍ରିୟା-ପ୍ରତିକ୍ରିୟା ହିଁ ଆଜିର ଏ ଦିନ । ଆଶା କିନ୍ତୁ ଏ ବିକଟ ସ୍ଥିତି ହିଁ ମନୁଷ୍ୟ ଭିତରେ ପରିବର୍ତ୍ତନର ଏକ କଲ୍ୟାଣ ସ୍ନିଗ୍ଧ ମାନସିକତା ଗଢ଼ି ତୋଳିବାରେ ସକ୍ଷମ ହେବ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




# ବମ୍ ତୁଲ୍ ବୁଖାରା



**ଦୀପକ ରଂଜନ ମିଶ୍ର**

## ॥ ଦୁଇଭାଇଙ୍କ ସାକ୍ଷାତ ॥

କୋଡ଼ିଏ ଦିନ ପର୍ଯ୍ୟନ୍ତ ତାଙ୍କୁ ଦିନ ରାତି ସେଇ ସପ୍ତମ ବ୍ଲକ୍, ଉପରମହଲାର ଏକ କୋଠରୀ ଭିତରେ ବନ୍ଦୀ କରି ରଖାଯିବା ପରେ ତଳକୁ ଅଣାଯାଏ କାମ କରେଇବା ଉଦ୍ଦେଶ୍ୟରେ । ନଡ଼ିଆକତାକୁ ପିଟି ପିଟି ନରମ କରିବାକୁ ହେବ । ଅନ୍ୟ ବନ୍ଦୀମାନଙ୍କୁ ଦୁଇ ପାଉଣ୍ଡ ଓଜନର କତା ଦିଆଯାଉଥିବା ବେଳେ ଯା'ଙ୍କୁ ଦିଆଯାଏ ଏକ ପାଉଣ୍ଡ । ବାରୀ ସାହେବ ଏହା ତାଙ୍କର ବିଶେଷ କୃପା ବୋଲି ମୁରୁକି ହସି ଜଣେଇ ଦିଅନ୍ତି । ଉଚ୍ଚ ଶିକ୍ଷିତ ବନ୍ଦୀମାନଙ୍କୁ ଅଧିକ ଶାରୀରିକ କାର୍ଯ୍ୟ କରେଇବାର ସେ ଘୋର ବିରୋଧୀ । ହେଲେ କ'ଣ କରାଯିବ । ଚାକିରି କରିଛନ୍ତି ଯେତେବେଳେ ସରକାରୀ ଆଦେଶ ମାନିବାକୁ ବାଧ୍ୟ । ଜମାଦାରକୁ ଯାଙ୍କ ଉପରେ ନଜର ରଖିବାର ଦାୟିତ୍ୱ ଦେଇ ବାଡ଼ି ବୁଲାଇ ବୁଲାଇ ପ୍ରସ୍ଥାନ କରନ୍ତି ବାରୀ ସାହେବ । ପିଟଣା ଧରି କତା ପିଟିବାକୁ ଲାଗନ୍ତି ସାବରକର । କେବେ ଜୀବନରେ କୌଣସି ପରିଶ୍ରମର କାମ କରି ନଥିବାରୁ କିଛି ସମୟ ପରେ ହାତର ମାଂସପେଶୀ ବିନ୍ଧିବାକୁ ଲାଗେ । ପାପୁଲିରେ ଫୋଟକା ହୋଇଯାଏ । ତଥାପି କାମରେ ବିରାମ ନାହିଁ । ଝାଳନାଳ ହୋଇ ପାଣି ମୁନ୍ଦିଏ ପିଇବାକୁ ମାଗିବାରୁ ସେତକ ବି ମିଳେନି । ମଧ୍ୟାହ୍ନ ବେଳକୁ ଫୋଟକା ଫାଟି ରକ୍ତ ଝରିବା ଆରମ୍ଭ କରେ । ପାପୁଲିର ଅବସ୍ଥା ଦେଖାଇବାରୁ ଜମାଦାର ଅତି ସାଧାରଣ ଭାବେ କହେ ପ୍ରଥମେ ପ୍ରଥମେ ସେମିତି ସମସ୍ତଙ୍କର ହୁଏ ବୋଲି । ତା ବୋଲି କ'ଣ କାମ ବନ୍ଦ କରାଯିବ ? ନଡ଼ିଆକତା, ପିଟଣା ପାହାର ସହି ସହି ନରମ ହୋଇଚାଲେ । ତହିଁରେ ଥପ୍ ଥପ୍ ହୋଇ କେଇବୁନ୍ଦା ରକ୍ତ ବି ଖସିପଡୁଥାଏ ପାପୁଲିରୁ । ଏଇ କାମ ମାସେ କାଳ କରିବାକୁ ହୁଏ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ । ତାଙ୍କ ସାଙ୍ଗରେ କାମ କରୁଥିବା ଅନ୍ୟ ବନ୍ଦୀମାନେ ଯାଙ୍କୁ ତେଲ ଘଣାକୁ ନପଠାଯିବାର ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି । ସେମାନଙ୍କର ଧାରଣା ଜନ୍ମେ ଯେ ଇୟେ ଉଚ୍ଚ ଶିକ୍ଷିତ ବାରିଷ୍ଟର ହୋଇଥିବାରୁ ଯାଙ୍କୁ ଘଣା ପେଲିବାକୁ କହିବାକୁ ସରକାରଙ୍କର ମୁହଁ ହେଉନି । କିନ୍ତୁ ଦିନେ ବାରୀ ସାହେବ ଆସି ସୂଚନା ଦିଅନ୍ତି ଆସନ୍ତା କାଲିଠାରୁ ତାଙ୍କର ତେଲଘଣାରେ ଡ୍ୟୁଟି ଲାଗିବ ବୋଲି । ମାସେ ହେଲା କତା କୁଟି କୁଟି ହାତ ଶକ୍ତ ହୋଇ ଗଲାଣି । ଏଥର ଘଣା ପେଲିବା କାମଟି ବି କରିପାରିବେ ଆରାମରେ । ବାରିଷ୍ଟର ବାବୁଙ୍କ ଉପର ଶ୍ରେଣୀକୁ ପ୍ରମୋଶନ ହେଲା ବୋଲି କହି ହସିବାକୁ ଲାଗନ୍ତି ଜେଲର୍ ।

ଯା'ଙ୍କର ତେଲଘଣା ସମ୍ପର୍କରେ କୌଣସି ଧାରଣା ହିଁ ନଥାଏ । ତାଙ୍କୁ କେମିତି କ'ଣ କରିବାକୁ ହେବ ସେଇଟା ବତେଇବା ପାଇଁ ବର୍ମାରୁ ଆସି ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଜଣକୁ ନିଯୁକ୍ତ କରାହୋଇଥାଏ । ସିଏ ପ୍ରଥମେ ଟିକେ ଟିକେ ସାହାଯ୍ୟବି କରେ । କିନ୍ତୁ ଘୂରେଇବାକୁ ତ ପଡ଼ିବ ସାବରକରଙ୍କୁ । ସକାଳ ଦଶଟାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ଅନବରତ ଚାଲିବ ଘଣା ପେଲିବା କାର୍ଯ୍ୟ । କେବଳ ଲେଙ୍ଗୁଟିଟେ ପିନ୍ଧି ଝାଳନାଳ ହୋଇ କାର୍ଯ୍ୟ ଶେଷ ବେଳକୁ ତାଙ୍କୁ ବାହାର କରିବାକୁ ପଡ଼ିବ ତିରିଶ ପାଉଣ୍ଡ ତେଲ । ବଡ଼ କଷ୍ଟରେ ଘଣା ଘୂରେ । ସାରା ଦିନର ହାଡ଼ଭଙ୍ଗା ପରିଶ୍ରମ ପରେ ତେଲ ବାହାରେ ମାତ୍ର ଦୁଇ ପାଉଣ୍ଡ । ବାରୀ ସାହେବ୍ ତାସ୍ଲ୍ୟ କରି କହନ୍ତି, ସାଧାରଣ କଏଦୀ ଜଣେ ତିରିଶ ପାଉଣ୍ଡ ପାଖାପାଖି ତେଲ କାଢ଼ି ପାରୁଥିବା ବେଳେ ବାରିଷ୍ଟର ବାବୁ ମାତ୍ର ଦୁଇ ପାଉଣ୍ଡ ଦେଉଛନ୍ତି । ଏହା ତ ଘୋର ଲଜ୍ଜାକର କଥା । ଏତେ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଏମିତି ବ୍ୟଙ୍ଗ, ମଞ୍ଜାକୁ ଭେଦିଗଲା ଭଳି ଲାଗେ ତାଙ୍କୁ । ବିରକ୍ତିଭାବ ପ୍ରକାଶ କରି ସେ କହନ୍ତି, "ବାରୀ ସାହେବ, କ୍ଷମତା ଓ ଦକ୍ଷତା ଅନୁଯାୟୀ ଜଣେ କାର୍ଯ୍ୟ ସମ୍ପାଦନ କରିଥାଏ । ଯେଉଁମାନେ ତିରିଶ ପାଉଣ୍ଡ ତେଲ କାଢ଼ିକରି ଦେଉଛନ୍ତି ତାଙ୍କୁ କହନ୍ତୁନା ଗୋଟେ ସନେଟ୍ ରଚନା କରିବାକୁ । ଆପଣ ଅର୍ଦ୍ଧଶିକ୍ଷିତ କୃଷକ, ଚୋର, ଡାକୁ ମାନଙ୍କୁ କାର୍ଯ୍ୟାଳୟରେ ଲେଖାଲେଖିର କାମ ଦେଉଛନ୍ତି । ସେମାନଙ୍କୁ ଯେମିତି ଆମଭଳି ଇଂରାଜୀ କହି ନପାରିବାରୁ ଲଜ୍ଜିତ ହେବାର କାରଣ ନାହିଁ ସେମିତି ଶାରୀରିକ ପରିଶ୍ରମ ନକରି ପାରୁଥିବାରୁ କମ୍ ତେଲ କାଢ଼ିବାରୁ ମୋତେ ବି ଲଜ୍ଜା ଲାଗୁନାହିଁ । ବାସ୍ତବରେ ଲଜ୍ଜିତ ସେଇମାନେ ହେବା ଦରକାର ଯେଉଁମାନେ ବୁଦ୍ଧିଜୀବୀମାନଙ୍କୁ ଘଣା ପେଲାଇବା ସହ ଶ୍ରମଜୀବୀ ଅର୍ଦ୍ଧଶିକ୍ଷିତଙ୍କୁ କ୍ଲାର୍କର କାମ ଦେଇ ସରକାରଙ୍କ ଉଭୟ କାମ ବିଗାଡୁଛନ୍ତି ।" ଯାଙ୍କ କଥାର କୌଣସି ପ୍ରଭାବ ପଡ଼େନି ଜେଲରଙ୍କ ଉପରେ । ଘଣା ପେଲିବା ନିରନ୍ତର ଜାରି ରହେ । ଖାଇବା ପାଇଁ ବି ଟିକିଏ ବିରାମ ନଥାଏ । ଝାଳନାଳ ହୋଇ ଘଣା ଚାରିପଟେ ଧାଉଁଥିବା ବେଳେ ଥାଳିରୁ ଅଳ୍ପ ଅଳ୍ପ ଖାଦ୍ୟ ଉଦରସ୍ଥ କରିବାକୁ ହୁଏ । ପାଣି ପିଇବାରେ ବି ଖୁବ୍ କଟକଣା । ସାରା ଦିନ ମାତ୍ର ଦୁଇଗିନା ପାଣି ହିଁ ପିଇବାକୁ ଦିଆଯାଇ ପାରିବ କାମ ଚାଲିଥିଲା ବେଳେ । ଖୁବ୍ ଯନ୍ତ୍ରଣା ମଧ୍ୟରେ ଗୋଟେ ଗୋଟେ ଦିନ ବିତିବାକୁ ଲାଗେ ।



ବଡ଼ଭାଇ ଗଣେଶ ଦାମୋଦର ସାବରକର

ବଡ଼ଭାଇ ସେଲ୍ୟୁଲାର ଜେଲ୍‌ରେ ବନ୍ଦୀ ଭାବରେ କାଳ କାଟୁଥିବା କଥା ସାବରକର ଆଣ୍ଡାମାନ ଆସିବା ପୂର୍ବରୁ ଜାଣିଥାନ୍ତି । ତେଣୁ କଳେ ବଳେ ଚେଷ୍ଟା କରୁଥାନ୍ତି ତାଙ୍କ ବିଷୟରେ କିଛି ସୂଚନା ପାଇବା ପାଇଁ । କାହାକୁ ଭେଟିବାର ସୁଯୋଗ ନଥିବାରୁ ତାଙ୍କ ପାଖକୁ ଆସୁଥିବା ୱାର୍ଡ଼ର, ଜମାଦାର କିମ୍ବା ବାରୀ ସାହେବ୍‌ଙ୍କ ସହ କଥା ହେଲାବେଳେ ସେ ପଚାରନ୍ତି ବଡ଼ଭାଇଙ୍କ ବିଷୟରେ । ସେମାନେ ସମସ୍ତେ ତାଙ୍କ କଥା କିଛି ବି ଜାଣି ନାହାନ୍ତି ବୋଲି କହନ୍ତି । ସାତଟା ବ୍ଲକ୍‌ର ତଳ ଉପର ହୋଇ ତିନିମହଲାରେ ୬୯୮ ଜଣଙ୍କୁ ମଣିଷର ମୁହଁ ନଦେଖି ପାରିବା ଭଳି କାଳ କୋଠରୀରେ ବନ୍ଦୀ କରିବାର ବ୍ୟବସ୍ଥା । ଯା'ଙ୍କ ଉପରେ ପୁଣି ତିନି ତିନିଟା ୱାର୍ଡ଼ରଙ୍କର ଚବିଶ୍ ଘଣ୍ଟିଆ ପହରା । ବାପ ସମାନ ବଡ଼ଭାଇଙ୍କ ବିଷୟରେ କିଛି ବି ସୂଚନା ନପାଇ ପାରୁଥିବାରୁ ଭାରି ମାନସିକ ଅଶାନ୍ତି ଭୋଗୁଥାନ୍ତି ସାୱରକର । ଜଣେ ସହୃଦୟ ୱାର୍ଡ଼ର ତାଙ୍କୁ ପ୍ରତିଶ୍ରୁତି ଦିଏ ବଡ଼ଭାଇ ସହ ଭେଟେଇ ଦେବାର । ଦିନବେଳା ବନ୍ଦୀମାନଙ୍କୁ ତାଙ୍କ କୋଠରୀରୁ କାଢ଼ି କାର୍ଯ୍ୟସ୍ଥଳୀକୁ ନିଆଯାଏ । ସେଠି କାର୍ଯ୍ୟରତ ଗୋଟେ ଦଳ କାମ ସାରି ବାହାରିଗଲେ ଆଉ ଗୋଟେ ଦଳକୁ ଭିତରକୁ ଆସିବାକୁ ଅନୁମତି ମିଳେ । ୱାର୍ଡ଼ର କିନ୍ତୁ ପୂର୍ବ ଦଳଟି ବାହାରିବା ପୂର୍ବରୁ ସାବରକରଙ୍କୁ ସେଇ ଭିତରକୁ ନେଇଯିବାରୁ ଭାତୃଦ୍ୱୟଙ୍କ ମୁହାଁମୁହିଁ ଭେଟ ହୋଇଯାଏ । ଲଣ୍ଡନ ଯିବା ପୂର୍ବରୁ ଶେଷ ସାକ୍ଷାତ ହୋଇଥିଲା ଉଭୟଙ୍କର । କେତେ ଆଶା ଆକାଂକ୍ଷା ଥିଲା ବଡ଼ଭାଇର ବାରିଷ୍ଟରୀ ପଢ଼ିବାକୁ ବିଲାତ୍ ଯାଉଥିବା ସାନ ଭାଇଟି ଉପରେ । ସେଇ ସବୁ ଲୌକିକ ଆଶାର ପାଉଁଶ ବୋଲି ହୋଇଥିବା ଅବସ୍ଥାରେ ଭାଇକୁ ହଠାତ୍ ଆଖି ଆଗରେ ଦେଖି କଳାକାଠ ପଡ଼ିଯାଆନ୍ତି ବାବାରାଓ । ଆଶ୍ଚର୍ଯ୍ୟ ଚକିତ ତାଙ୍କ ମୁହଁରୁ ବାହାରିପଡ଼େ, "ତାତ୍ୟା, ତୁ ୟହାଁ କୈସେ ଆୟାରେ.... !" ଦୁହେଁ କଥା ହେଲେ ତାହା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହେବାର ଭୟ ଥିବାରୁ ୱାର୍ଡ଼ର ସାବରକରଙ୍କୁ ଟାଣି ନେଇ ଯାଏ ଦୂରକୁ । ପ୍ରଶ୍ନଟି ବାରମ୍ବାର ପ୍ରତିଧ୍ୱନି ତୋଳୁଥାଏ କାନ ପାଖରେ । ଆଖି ଆଗରେ ଝଲସି ଯାଉଥାଏ ବାବାରାଓଙ୍କ ଶୁଖି ଯାଇଥିବା ମୁହଁ ତଥା କୃଶକାୟ ଶରୀର । ତାଙ୍କ ଦେହ କ'ଣ ଭଲ ରହୁନାହିଁ ? ଏଠିକା ନିର୍ଯ୍ୟାତନା ଯୋଗୁଁ ବୋଧେ ଏତିକି ଝଡ଼ି ଯାଇଛନ୍ତି ଦାଦା ! ପଦେ କଥା ହେବାର ବି ସୁଯୋଗ ମିଳିଲାନି । ହଠାତ୍ ଏଭଳି ଅବସ୍ଥାରେ ତାତ୍ୟାକୁ ଦେଖି କ'ଣ ଯେ ସେ ଭାବୁଥିବେ ? ଏଇମିତି କିଛି ଦିନ ଗଭୀର ମାନସିକ ଅଶାନ୍ତି ଭିତରେ ବିତାଇବା ପରେ ସେଇ ୱାର୍ଡ଼ର ଦିନେ ଚୁପ୍ କରି ତାଙ୍କ ହାତରେ ଗୁଞ୍ଜିଦିଏ ଖଣ୍ଡେ ଚାରି ଚଉତା କାଗଜ । ସ୍କାଇଲାଇଟ୍‌ରୁ ଆସୁଥିବା କ୍ଷୀଣ ଆଲୁଅରେ ଲୁଚେଇ ଲଚେଇ ସେ ସେଇ ଚିଠିଟି ପଢ଼ନ୍ତି । ସେଥିରେ ବାବାରାଓ ଲେଖିଥାନ୍ତି, "ତୁ ବିଦେଶରେ ରହି କାର୍ଯ୍ୟ ଅବଶ୍ୟ ସଫଳ କରିବୁ ବୋଲି ଆଶା ରଖି କଳାପାଣି ଦଣ୍ଡ ବି ଭୋଗି ଚାଲିଥିଲି । ତୋ ଉପରେ ଅଖଣ୍ଡ ବିଶ୍ୱାସ ଥିଲା ମୋର । 'ଇଣ୍ଡିଆ ହାଉସ୍'ରେ ଧରପଗଡ଼ ହେବାରୁ ତୁ ପରା ଗୁପ୍ତରେ ଫ୍ରାନ୍ସ ଚାଲି ଯାଇଥିଲୁ । ତେବେ ସେଠି ରହୁ ରହୁ ଏମାନଙ୍କ ହାତରେ ପୁଣି କେମିତି ପଡ଼ିଗଲୁରେ ଭାଇ ? ଏବେ ଆମ ଲକ୍ଷ୍ୟର କ'ଣ ହେବ ? କାମ କେମିତି ହେବ ? ତୋତେ ମୁହାଁମୁହିଁ ଦେଖି ବି ତୁ ଏଠି କଳାପାଣିରେ ଅଛୁ ବୋଲି ବିଶ୍ୱାସ ହେଉନି ମୋର । ହାୟ ! ତୁ ଏଠିକି କେମିତି ଆସିଲୁରେ ତାତ୍ୟା .... !"

ତା'ପରେ କିଛି କିଛି ସମ୍ବାଦ ତାଙ୍କ ପାଖକୁ ଆସି ପହଞ୍ଚେ ବଡ଼ଭାଇର । ତାଙ୍କୁବି ସାରାଦିନ ଘଣା ପେଲିବାକୁ ପଡୁଥିଲା । ଅତ୍ୟଧିକ ପରିଶ୍ରମ ଯୋଗୁଁ ତାଙ୍କର ଅଧକପାଳି ବାହାରେ । ଭୀଷଣ ମୁଣ୍ଡବ୍ୟଥା ଯୋଗୁଁ କିଛି ବି କାର୍ଯ୍ୟ କରିବା ସମ୍ଭବ ହୋଇ ପାରେନି ତାଙ୍କ ପକ୍ଷରେ । ହେଲେ ମୁଣ୍ଡ ପ୍ରକୃତରେ ବିନ୍ଧୁଛି କି ନାହିଁ ସେଇଟା କେମିତି ଜଣା ପଡ଼ିବ ? ଜ୍ୱର ପାଇଁ ସିନା ଦେହର ଉତ୍ତାପ ବୃଦ୍ଧି ଥାଏ ପ୍ରମାଣ । କିନ୍ତୁ ମୁଣ୍ଡବିନ୍ଧାର ପ୍ରମାଣ କ'ଣ ? ବାରୀ ସାହେବ କହନ୍ତି ଇୟେ କାମ ଭୟରେ ବାହାନା କରୁଛି ବୋଲି । ତେଣୁ ତାଙ୍କୁ ଅଧିକରୁ ଅଧିକ ଘଣା ପେଲିବାକୁ ବାଧ୍ୟ କରାଯାଏ । ଭୋକ, ଶୋଷ, ଅକ୍ଲାନ୍ତ ପରିଶ୍ରମ ସାଙ୍ଗକୁ ଅଧକପାଳିର ଅସହ୍ୟ ଯନ୍ତ୍ରଣା । ତେଲଘଣା ଚାରିପଟେ ଘୂରୁଥିବା ବେଳେ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବେଳେ ବେଳେ କୋଠରୀର କାନ୍ଥରେ ମୁଣ୍ଡ ପିଟିବାକୁ ଲାଗନ୍ତି ସେ । ମୁଣ୍ଡ ଫାଟି ରକ୍ତ ଝରିଆସେ ଝର ଝର ହୋଇ । ତଥାପି କାମବେଳେ ତାଙ୍କ ଉପରେ ଦୃଷ୍ଟି ରଖିଥିବା ଜମାଦାରର ହୃଦୟ ତରଳେନି । ବାରୀ ସାହେବ୍‌ଙ୍କର ତ ଛାତିରେ ହୃଦୟହିଁ ନଥିଲା । ଦିନେ ଏଇମିତି ମୁଣ୍ଡ ପିଟି ପିଟି ଘଣା ଚାରିପଟେ ଘୂରୁଥିବା ବେଳେ ଜେଲ୍‌ର ଡାକ୍ତର ପରିଦର୍ଶନରେ ଆସି ସବୁକଥା ଦେଖନ୍ତି । ଜମାଦାରକୁ ଆଦେଶ ଦିଅନ୍ତି ବନ୍ଦୀକୁ ଡାକ୍ତରଖାନା ପହଞ୍ଚାଇଦେବା ପାଇଁ । ପ୍ରକୃତରେ ତା'ର କ'ଣ ହେଉଛି ତାହା ସେ ଚାହାଁନ୍ତି ନିରୀକ୍ଷଣ କରିବାକୁ । ଜମାଦାର ବନ୍ଦୀକୁ ସାଙ୍ଗରେ ନେଇ କାର୍ଯ୍ୟସ୍ଥଳୀରୁ ବାହାରକୁ ବାହାରିଲା ବେଳେ ବାଡ଼ି ଘୂରାଇ ପହଞ୍ଚିଯାଆନ୍ତି ବାରୀ ସାହେବ୍ । ଜମାଦାରକୁ ନାଲିଆଖି ଦେଖାଇ ଜେରା କରନ୍ତି ସେ ବନ୍ଦୀକୁ କୁଆଡ଼େ ସାଙ୍ଗରେ ନେଇକରି ଯାଉଛି ବୋଲି । ଡାକ୍ତରଙ୍କ ଆଦେଶ ବିଷୟରେ ଅବଗତ ହୋଇ ସେ ହୋଇଯାଆନ୍ତି ନିଆଁବାଣ । ବ୍ଲଡ଼ି ଇଣ୍ଡିଆନ୍‌ମାନଙ୍କ ପାଖରୁ ଆଉ କ'ଣ ଆଶା କରାଯାଇ ପାରେ ? ଜେଲ୍ ଭିତରେ କିଏ ପ୍ରକୃତରେ ଅସୁସ୍ଥ ତାହା ନିର୍ଣ୍ଣୟ କରିବାର କ୍ଷମତା ଅଛି କେବଳ ଜେଲର୍‌ର । ଯିଏ ଡାକ୍ତରଖାନାକୁ ଯିବ ତା'ର ଚିକିତ୍ସା କରିବ ଡାକ୍ତର । ତାଙ୍କ ଅନୁମତି ନନେଇ ବନ୍ଦୀକୁ ଅନ୍ୟତ୍ର ନେଉଥିବାର ଦଣ୍ଡ ଅବଶ୍ୟ ଭୋଗ କରିବ ଜମାଦାର । ବନ୍ଦୀକୁ ଫେରେଇ ନିଆହୁଏ ତେଲଘଣା ପାଖକୁ । ଘଣା ପୁଣି ଘୂରିବା ଆରମ୍ଭ କରେ ଘର୍ ଘର୍ ଶବ୍ଦକରି । ପେଶିହୁଏ ଶୁଖିଲା ନଡ଼ିଆ ଖଣ୍ଡ । ନିଗିଡ଼ିପଡ଼େ ବୁନ୍ଦା ବୁନ୍ଦା ତେଲ । କାଳ କୋଠରୀ ଭିତରେ ବଡ଼ଭାଇଙ୍କ ପ୍ରତି ହେଉଥିବା ଏଇ ପାଶବିକ ଅତ୍ୟାଚାର ବିଷୟରେ ଅବଗତ ହୋଇ ସାବରକର ଗୋଟାପଣେ ଭାଙ୍ଗି ପଡ଼ନ୍ତି । ତାଙ୍କ ଉପରେ ଯାହା ଜୋର ଜୁଲୁମ୍ କଲେ ବି ତାହା ସହିଯିବେ ସିନା କିନ୍ତୁ ବଡ଼ଭାଇ ପ୍ରତି ଟିକିଏ ଅସମ୍ମାନଜନକ ଶବ୍ଦ ମଧ୍ୟ ତାଙ୍କପାଇଁ ଭୀଷଣ ଆଘାତ । ଶକ୍ତ ଲୁହା କବାଟ ତାଙ୍କୁ ବାଧ୍ୟ କରୁଥାଏ ରକ୍ତଚାଉଳ ଚୋବାଇ ଚୁପ୍ ହୋଇ ରହିବାକୁ । ରାତ୍ରିର ଘନ ଅନ୍ଧକାର ମଧ୍ୟରେ ଛୋଟ କୋଠରୀଟି ଭିତରେ ଅସ୍ଥିର ଭାବରେ ପଦଚାରଣା କରିବାକୁ ଲାଗନ୍ତି ସାବରକର । ସ୍ପଷ୍ଟ ଦୃଶ୍ୟମାନ ହେଉଥାଏ ଅତୀତ ।

ଦାଦା, ବାବାରାଓ ତାଙ୍କଠୁଁ ମାତ୍ର ଚାରିବର୍ଷ ବଡ଼ । ଛୁଆଦିନଠୁଁ ଭାରି ରୋଗିଣା ହୋଇଥିବାରୁ ବାପାମା' ଉଭୟଙ୍କର ଦୃଷ୍ଟି ସବୁବେଳେ ତାଙ୍କରି ଉପରେ । ତାତ୍ୟା ବି ତା' ଦାଦାକୁ ବହୁତ ଭଲ ପାଏ । କିଏ କଣ କହିଦେଲେ ଆଦୌ ସହି ପାରେନି । ଛୁଆଙ୍କ ପାଠପଢ଼ାକୁ ନେଇ ବାପା ଥାଆନ୍ତି ଖୁବ୍ ସଚେତନ । ସ୍କୁଲରେ କ'ଣ ପଢ଼ାହେଲା, ଛୁଆ ଠିକ୍ ଠାକ୍ ସବୁ ପଢ଼ା କରୁଛି କି ନାହିଁ ଏହା ତଦାରଖ କରନ୍ତି ପ୍ରତିଦିନ ସନ୍ଧ୍ୟାରେ । ଇଂରାଜୀ ଶବ୍ଦର ବନାନ ତଥା ଉଚ୍ଚାରଣ ଭୁଲ ହେଲେ ବାବାରାଓଙ୍କୁ ଅଗଣାରେ କାନ ଧରି ଚଉରା ଚାରିପଟେ ଘୂରି ଘୂରି ତାକୁ ଘୋଷିବାକୁ ଆଦେଶ ଦିଅନ୍ତି । ଘୋଷା ଠିକ୍ ହେଲା କି ନାହିଁ ପରଖିବା ପାଇଁ ବାପା ପ୍ରଶ୍ନ କଲେ ତାତ୍ୟା ଚଉରା ପଛପଟେ ଲୁଚିରହି ଉକ୍ତ ଶବ୍ଦର ସଠିକ୍ ବନାନ ଓ ଉଚ୍ଚାରଣ ଆସ୍ତେ କରି ଦାଦାକୁ କହିଦିଏ । ଆଜି ସେଇ ବାବାରାଓ କି କଷ୍ଟ ଭୋଗୁଛନ୍ତି ଜେଲର କାଳ କୋଠରୀ ଭିତରେ ! ଔଷଧ ଟିକିଏ କି ପାଣି ମୁନ୍ଦିଏ ବି ଦେବାପାଇଁ କେହି ନାହାଁନ୍ତି । ତାତ୍ୟା ବି ସେଇ ଏକା ଜେଲ୍ ଭିତରେ ଅଛି । ଦୁହିଁଙ୍କ ମଧ୍ୟରେ ନିର୍ଜୀବ ଇଟା ପଥରର କାନ୍ଥ ଓ ଶକ୍ତ ଲୁହାର ଅର୍ଗଳ । ରାତିସାରା ଅନିଦ୍ରାରେ କଟେ । ଖୁବ୍ ଜୋର୍‌ରେ ଚିତ୍କାର କରି ଏଭଳି ଆଇନ୍ ବ୍ୟବସ୍ଥାର ପ୍ରତିବାଦ୍ କରିବାକୁ ଇଚ୍ଛା ହେଉଥାଏ । ହେଲେ ଶରୀରରେ ଆଦୌ ଶକ୍ତି ହିଁ ନଥାଏ ଚିତ୍କାର କରିବାକୁ ।

ପରଦିନ ସକାଳୁ ନିତ୍ୟକର୍ମ ସମାପନ ପରେ ୱାର୍ଡ଼ର ତାଙ୍କୁ ନେଇ ପୁଣି ପହଞ୍ଚାଇଦିଏ ତେଲଘଣା ନିକଟରେ । ଶକ୍ତି ଥାଉ କି ନଥାଉ ଏଥର ତାଙ୍କୁ ଯନ୍ତ୍ରବତ୍ ଘୂରିବାକୁ ପଡ଼ିବ । ଲକ୍ଷ୍ୟ ରହିବ ଦୈନିକ ୩୦ ପାଉଣ୍ଡ ତେଲ କାଢ଼ିବାରେ । ଘଣା ଚାରିପଟେ ବୁଲୁ ବୁଲୁ ବିଭିନ୍ନ ପ୍ରକାର ଭାବନା ତାଙ୍କ ମୁଣ୍ଡ ଭିତରକୁ ଆସିବାକୁ ଲାଗେ । ଏତେ କଷ୍ଟ କାହିଁକି ସହୁଛନ୍ତି ସିଏ ? କ'ଣ ମିଳିବ ଏଥିରୁ ? ଏସବୁ ସହି ମାତୃଭୂମି ପାଇଁ ତିଳେ ବି ଉପକାର କରିବା ସମ୍ଭବ ନୁହେଁ । ଏସବୁ ନିର୍ଯ୍ୟାତନା ବିଷୟରେ ଦେଶବାସୀ କିଛି ବି ଜାଣୁ ନଥିବେ । ଅସହ୍ୟ ଖଟଣୀ ଯୋଗୁଁ ମୃତ୍ୟୁବରଣ କଲେ ଜେଲ୍ ରେଜିଷ୍ଟରରେ ଲେଖାଯିବ ହଇଜାରେ ଆକ୍ରାନ୍ତ ହୋଇ ମରିଗଲା ବୋଲି । ଏଭଳି ଅବସ୍ଥାରେ ବଞ୍ଚିରହିବା ଅପେକ୍ଷା ଖଣ୍ଡେ ଦଉଡ଼ିରେ ଝୁଲିପଡ଼ି ଏଇ ଜୀବନର ଅନ୍ତ କରିଦେବା ଉଚିତ୍ । ଯାହା ଉପଯୋଗ କରିବା କଥା ତ କରା ସରିଛି । ଆତ୍ମଘାତ ହିଁ ଏଠାରେ ଆତ୍ମସମ୍ମାନ । ଅତ୍ୟଧିକ ଗୁଳୁଗୁଳି ଓ ସେଥିରେ ପୁଣି ହାଡ଼ଭଙ୍ଗା ପରିଶ୍ରମ ଯୋଗୁଁ ମୁଣ୍ଡ ବୁଲାଇ ତଳେ ପଡ଼ି ବେହୋସ ହୋଇଯାଆନ୍ତି ସାବରକର । ପାଞ୍ଚ ସାତ ମିନିଟ୍ ପରେ ଚେତା ଫେରିବାରୁ ଜମାଦାର ତାଙ୍କୁ ବାଡ଼ିରେ ଖେଞ୍ଚି ଶୀଘ୍ର ଉଠି କାମରେ ଲାଗିପଡ଼ିବା ପାଇଁ ତାଗିଦ୍ କରେ । ତଳେ ପଡ଼ିବା ଯୋଗୁଁ ଶକ୍ତ ଆଘାତ ଲାଗିଥାଏ ମୁଣ୍ଡରେ । ହେଲେ ସେଥିପ୍ରତି ଦୃଷ୍ଟି ଦେବାକୁ ଆଉ ତର କାହିଁ । ଘୋର ଅନିଚ୍ଛା ସତ୍ତ୍ୱେ ତଳୁ ଉଠି ସେ ପୁଣି ଘୂରିବାକୁ ଲାଗନ୍ତି ଘଣା ଚାରିପଟେ । ଏଥର ମନଃସ୍ଥିତିରେ ପରିବର୍ତ୍ତନ ଆସେ । କୌଣସି ଜୀବନ କେବେ ବ୍ୟର୍ଥ ଯିବନି । ଏହା ପରମେଶ୍ୱରଙ୍କ ଦାନ । ଆପଣା କର୍ତ୍ତବ୍ୟ ପୂରଣ କରିବାକୁ ହେବ । ଦିନେ ନା ଦିନେ ଭାରତର ସ୍ୱାଭିମାନ ଜାଗ୍ରତ ହେବ ନିଶ୍ଚିତ । ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ ମଣିଷ ଆଗକୁ ବଢ଼ିବ । ଏଇ ତ୍ୟାଗ, ଏଇ ଶ୍ରମ କେବେ ଅନ୍ୟଥା ଯିବନି । ଯଦି ମରିବାର ହିଁ ଅଛି ତେବେ ସେଇ ସେନା ପାଇଁ କିଛି କାମ କରି ହିଁ ମରିବା ଯାହାର ଆମେ ଜଣେ ଜଣେ ସୈନିକ । ଏତେଦୂର ଆସିବା ପରେ ଆଉ ପଛଘୁଞ୍ଚା କାହିଁକି ? ଏକା ଏକା କାଳ କୋଠରୀ ଭିତରେ ପଡ଼ି ରହିବା ଅପେକ୍ଷା ଘଣା ପେଲିବା ପଛେ ଭଲ । ସହବନ୍ଦୀମାନଙ୍କ ସହ କାମରେ ଲାଗିଥିବା ବେଳେ କିଛି କଥାବାର୍ତ୍ତା ତ କରିବା ସମ୍ଭବ ହେଉଛି । ଆପଣା ବିଚାର ଆଦାନ ପ୍ରଦାନ ଯୋଗୁଁ ଆତ୍ମତୃପ୍ତି ମିଳୁଛି । ଦୃଢ଼ତାର ସହ ଆଗେଇବାକୁ ମିଳୁଛି ଉତ୍ସାହ । .. କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଫେବୃଆରୀ, ୨୦୨୨



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ସ୍ମରଣୀୟେଷୁ...

# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡ଼ିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବୃଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ୍.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର ।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବୃଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।



**ଆଲେଖ୍ୟ : ଅକ୍ଷୟ କୁମାର ରାଉତ**
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

## ସ୍ମୃତି ଶତଦଳ ୨୨୯

# କୋମ୍ବାଇନଡ ପ୍ରେଗନାନ୍ସି



**ଡା. ସରୋଜିନୀ ଷଡଙ୍ଗୀ**
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବୈଚିତ୍ର୍ୟମୟ ଏ ପ୍ରକୃତି, ବିଚିତ୍ର ତା'ର ପରିପ୍ରକାଶ । କେତେ ଭାବରେ, କେତେ ରୂପ, ରଙ୍ଗ, ରସର ସ୍ନିଗ୍ଧ ସମ୍ମିଶ୍ରଣରେ ପ୍ରକୃତି ତା'ର ବିଭିନ୍ନତାକୁ ପ୍ରକାଶ କରେ । କିନ୍ତୁ ବେଳେବେଳେ ଏ ସୁନ୍ଦର ପ୍ରକୃତି, ଭୟଙ୍କର ରୂପ ଧାରଣ କରେ । ନୀରବ, ଶାନ୍ତ ବରଫାବୃତ୍ତ ହିମାଳୟରୁ ସୋରି ସୋରି ବରଫ ତରଳିଯାଇ ଅଳକାନନ୍ଦାରେ ଓ ଅନ୍ୟାନ୍ୟ ନଦ ନଦୀରେ ବନ୍ୟା ଆସେ ଏବଂ ବାଦଲ ଫଟା ବର୍ଷାରେ ବୁଡିଯାଏ ଘରଦ୍ୱାର, ନଈ, ନାଳ ଓ ମନ୍ଦିର । ଶାନ୍ତ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇ ସାମୁଦ୍ରିକ ଝଡ ଓ ବାତ୍ୟା ଭୟଙ୍କର ରୂପ ଧାରଣ କରି କ୍ଷୟକ୍ଷତି ଘଟାଏ । ଠିକ୍ ସେହିପରି ବିଚିତ୍ର ଏ ଶରୀର, ବିଚିତ୍ର ତା'ର ଅଙ୍ଗରେଖା । ଛୋଟ ରୋଗଟିଏ ହେଲେ ମଧ୍ୟ ସାଧାରଣ ନ ହୋଇ ଅତି ଅସାଧାରଣ ଭାବରେ ଦେଖା ଦେଇଥାଏ ଏବଂ ସେ ରୋଗ ଓ ରୋଗୀ ଉଭୟ ଡାକ୍ତରମାନଙ୍କ ମନରେ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିଯାଆନ୍ତି । ଏମିତି ଗୋଟିଏ ଘଟଣା ଘଟିଥିଲା ମୁଁ ଏସ.ସି.ବି ମେଡିକାଲ କଲେଜ ଗାଇନିକ୍ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ପ୍ରଫେସର ଥିଲାବେଳେ । ମୁଁ ପ୍ରାୟ ହସପିଟାଲ ଯିବା ଆଗରୁ ଘରକୁ ଆସିଥିବା ରୋଗୀମାନଙ୍କୁ ଦେଖି ଦେଇ ଆସେ । ଥରେ ସକାଳୁ ସକାଳୁ ଅତି ରୋଗିଣା ସ୍ତ୍ରୀ ଲୋକଟିଏ ଆସି ପହଞ୍ଚିଲା ।

> ଛୋଟ ରୋଗଟିଏ ହେଲେ ମଧ୍ୟ ସାଧାରଣ ନ ହୋଇ ଅତି ଅସାଧାରଣ ଭାବରେ ଦେଖା ଦେଇଥାଏ ଏବଂ ସେ ରୋଗ ଓ ରୋଗୀ ଉଭୟ ଡାକ୍ତରମାନଙ୍କ ମନରେ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିଯାଆନ୍ତି । ଏମିତି ଗୋଟିଏ ଘଟଣା ଘଟିଥିଲା ମୁଁ ଏସ.ସି.ବି ମେଡିକାଲ କଲେଜ ଗାଇନିକ୍ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ପ୍ରଫେସର ଥିଲାବେଳେ ।

ହାତରେ ଧରିଛି 'ସୁଚରିତା'ର ସୁନ୍ଦର ମ୍ୟାଗାଜିନଟିଏ । ତାକୁ ଗାଡିରୁ ଆଣି ଶୁଆଇ ହିଷ୍ଟ୍ରୀ ନେଲାବେଳକୁ-ସେ କହିଲା "ମା' ମୁଁ, ସୁଦୂର କୋରାପୁଟରୁ ଆସିଛି ଆପଣଙ୍କ ପାଖକୁ, ଆପଣ ମତେ ଭଲ କରିଦିଅନ୍ତୁ । ମୁଁ କୋରାପୁଟ ହସପିଟାଲରେ ଦେଖାଇଲା ବେଳକୁ ସେମାନେ ପେଟପେନ ଦେଖି ପ୍ରେଗନାନ୍ସି ସହ କୋଲାଇଟିସର ଔଷଧ ଦେଇଛନ୍ତି । କିନ୍ତୁ ଆପଣ 'ସୁଚରିତା' ମ୍ୟାଗାଜିନରେ ସୁନ୍ଦର ଭାବରେ 'ଅସ୍ଥାନିକ' ଗର୍ଭ ଉପରେ ଏବଂ ଟ୍ୟୁବାଲ ପ୍ରେଗନାନ୍ସି ଉପରେ ଲେଖିଛନ୍ତି । ମୁଁ ଶେଷରେ ମ୍ୟାଗାଜିନଟି ହାତରେ ଧରି କହିଲି ମତେ ସରୋଜିନୀ ମ୍ୟାଡମଙ୍କ ପାଖକୁ ନେଇଗଲେ ମୁଁ ସେଇଠି ଭଲ ହେବି ।"

ତାରି ହାତରୁ ସୁଚରିତା ମ୍ୟାଗାଜିନ ଆଣି ଦେଖିଲାବେଳକୁ ସେ ସେଇ ଜାଗାକୁ ଚିହ୍ନ ଦେଇ ରଖିଛି । ରୋଗୀଙ୍କୁ ପରୀକ୍ଷା କଲା ପରେ ଟ୍ୟୁବାଲ ପ୍ରେଗନାନ୍ସିର ଲକ୍ଷଣ ଦେଖିଲୁ ଏବଂ ସଙ୍ଗେ ସଙ୍ଗେ ତାକୁ ଅଲଟ୍ରାସାଉଣ୍ଡ କରିବାକୁ ପଡିଲା । ହସପିଟାଲରେ ଅଲଟ୍ରାସାଉଣ୍ଡ ମେସିନ ନାହିଁ । ତେଣୁ 'ବିମ୍ ଡାଏଗ୍ନୋଷ୍ଟିକ୍ ସେଣ୍ଟର'ରେ ଅଲଟ୍ରାସାଉଣ୍ଡ କଲୁ । ସେତେବେଳେ ଡଃ ମେହେର ହିଁ ଅଲଟ୍ରାସାଉଣ୍ଡ କଲେ । ଆମର ସବୁ ସମ୍ଭାବନାକୁ ଏଡାଇ ଦେଇ ପୃଥିବୀର ସବୁଠାରୁ ବିରଳ ତମ ଗର୍ଭଧାରଣ ବୋଲି ଜଣାପଡିଲା । ଏକା ସାଙ୍ଗରେ ଜରାୟୁ ଓ ଫାଲୋପିଆନ ଟ୍ୟୁବ ଦୁଇଟି ଯାକ ସ୍ଥାନରେ ଗର୍ଭଧାରଣ ହୋଇଛି । ଏହି (କୋମ୍ବାଇନଡ ପ୍ରେଗନାନ୍ସି) ପ୍ରାୟ ଲକ୍ଷେ ଗର୍ଭଧାରଣରେ ଗୋଟିଏ ଦେଖାଯାଇଥାଏ । ଏହାର ରୋଗନିଦାନ ହେବା ପରେ ତୁରନ୍ତ ଅସ୍ତ୍ରୋପଚାର କରିବା ଦରକାର, କାରଣ ସଙ୍ଗେ ସଙ୍ଗେ ଅପରେସନ କରି ଟ୍ୟୁବଲ ପ୍ରେଗନାନ୍ସିକୁ କାଟି ବାହାର କରିଦେବା ଉଚିତ୍ । କାରଣ ଫାଲୋପିଆନ ଟ୍ୟୁବ୍ ଖୁବ୍ ସରୁ ଓ ପତଳା ହୋଇଥିବାରୁ ଏହା ଫାଟିଯାଏ । ଥରେ ଟ୍ୟୁବ ଫାଟିଗଲେ ରୋଗୀର ପେଟ ଭିତରେ ରକ୍ତସ୍ରାବ ହୋଇ ରକ୍ତର ପୋଖରୀଟିଏ ହୋଇଯାଏ ଏବଂ ସଙ୍ଗେ ସଙ୍ଗେ ବ୍ଲଡ ଟ୍ରାନ୍ସଫ୍ୟୁଜନ ଦିଆଯାଏ ।

ରୋଗୀ ଓ ତା'ର ଆତ୍ମୀୟ ସ୍ୱଜନମାନଙ୍କର ଏକା ଜିଦ୍ 'ମ୍ୟାଡମ ଆପଣ ଏହାକୁ ପ୍ରାଇଭେଟ, ହସପିଟାଲରେ କରନ୍ତୁ ଆମର ବି ଟିକିଏ ପ୍ରାଇଭେସି ରହିବ ।' କିନ୍ତୁ ମୁଁ ଭାବିଲି ଏଇଟା ଏତେ ବିରଳ କେସଟିଏ ଯେ, ଯଦି ତାକୁ ମୁଁ ଏସ.ସି.ବି ମେଡିକାଲ କଲେଜରେ ଅପରେସନ କରିବି ତେବେ ଏଇଟା ଗୋଟିଏ ଉଦାହରଣ ହୋଇ ରହିବ । ଶେଷରେ ତାକୁ ଏସ.ସି.ବି ମେଡିକାଲ କଲେଜରେ ଅପରେସନ କଲି । ସେଦିନ ଅପରେସନ ଥିଏଟରରେ ପ୍ରାୟ ଆମ ବିଭାଗର ସବୁ ଡାକ୍ତର ଡାକ୍ତରାଣୀଙ୍କ ସହ ଏମ୍.ବି.ବି.ଏସ ଓ ପି.ଜି ଛାତ୍ରଛାତ୍ରୀ ଉପସ୍ଥିତ ରହି ଅପରେସନ ଦେଖିଲେ । ଏହା ଓଡିଶା କାହିଁ ସାରା ଭାରତରେ ଖୁବ୍ ବିରଳ କେସ ହୋଇଥିବାରୁ ଦୂରଦର୍ଶନ ସହ ଅନ୍ୟ ଚାନେଲର ସାମ୍ବାଦିକମାନେ ମଧ୍ୟ ଉପସ୍ଥିତ ଥିଲେ । ତା' ପରଦିନ ପ୍ରାୟ ସବୁ ଟି.ଭି ଚାନେଲ ଓ ସମ୍ବାଦପତ୍ରରେ ଏଇ ନିଉଜଟି ବାହାରି ହଇଚଇ ମଚାଇ ଦେଇଥିଲା । ମୁଁ ତାକୁ ଅଲଇଣ୍ଡିଆ ଗାଇନୋକୋଲୋଜି କନଫରେନ୍ସରେ ପ୍ରେଜେଣ୍ଟ କରି ପ୍ରଥମ ପୁରସ୍କାର ଲାଭ କରିଥିଲି । ସେଥିରେ ତା'ର ଟ୍ୟୁବରେ ଥିବା ଗର୍ଭକୁ ବାହାର କରି ଦେଇ ଜରାୟୁରେ ଥିବା ଭ୍ରୁଣଟିକୁ ଛାଡିଥିଲୁ ।

ରୋଗୀ ଭଲ ହୋଇ ଗଲାପରେ ପ୍ରତ୍ୟେକ ମାସ ମୋ ପାଖକୁ ଚେକ୍ ଅପ୍ ପାଇଁ ଆସୁଥିଲା । ଶେଷରେ ଡେଲିଭରି ପାଇଁ ଆଡମିଶନ କଲା ପରେ ତା'ର ସଂପୂର୍ଣ୍ଣ ନରମାଲ ଡେଲିଭରି ହୋଇ ଝିଅଟିଏ ହେଲା । ତାର ପରିବାର ଲୋକ ଓ ରୋଗୀଣୀ ନିଜେ ମଧ୍ୟ ଖୁବ୍ କୃତଜ୍ଞ ହୋଇ ପଡିଥିଲେ । କିନ୍ତୁ ଡେଲିଭରି ପରେ ରୋଗିଣୀ ଗୋଟିଏ ଧାଡି ମତେ କହିଥିଲା- "ମା' ଏତେ କଷ୍ଟ କଲି, ଶେଷରେ ଝିଅଟିଏ ହେଲା" ଯାହା ମୋ' ମନରେ ଖୁବ୍ ଦୁଃଖ ଦେଇଥିଲା । ଝିଅଟିଏ ଯେ ରତ୍ନଟିଏ, କନ୍ୟା ସନ୍ତାନର ଜୀବନ ଯେ, କେତେ ମୂଲ୍ୟବାନ ସେ କଥା ଏ ସମାଜ କେବେ ବୁଝିବ ?

ବର୍ତ୍ତମାନ ସେ ଝିଅଟିକୁ ପ୍ରାୟ ପଚିଶ ବର୍ଷ ହୋଇ ଯିବଣି, କିନ୍ତୁ ସେଇ ବିରଳ ଅପରେସନ କଥା ଥରଟିଏ ମଧ୍ୟ ମୋ ମନରୁ ଲିଭିନାହିଁ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୭)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ଲନରେ ଫୁଟି ଥିବା ଡାଲିଆ ଓ ଗୋଲାପ ଫୁଲ ଉପରେ ସୁନେଲି ରଙ୍ଗର ସୂର୍ଯ୍ୟକିରଣ ପଡି ବାତାବରଣକୁ ଖୁବ ମନମୋହକ କରି ଦେଇଥିଲେ । ହେଲେ କଣ୍ଟେଇ ବିନା ସବୁ କିଛି ଥିଲା ବେରଙ୍ଗ, ନିର୍ଜୀବ ।

କଫି କପ୍ ନେଇ ଆସିଲେ କଣ୍ଟେଇର ମାଆ । ମୁଁ ସ୍ୱତଃପ୍ରବୃତ୍ତ ଭାବରେ ଛିଡା ହୋଇ ପଡିଲି ଓ ଯୋଡି ଦେଲି ଦୁଇ ହାତ ।

'କେମିତି ଅଛ ପୁଅ ?' ମୁରୁକି ହସି ସିଏ ମୋତେ ଧରେଇ ଦେଲେ ଗୋଟେ କପ ।

'ଆଜ୍ଞା, ଭଲ ଅଛି .....'

ଆଜି ସିଏ ହାଲୁକା ଗୋଲାପି ରଙ୍ଗର ସୂତା ଶାଢୀ ପିନ୍ଧି ଥିଲେ ।ତାଙ୍କର ଅଧା ଓଦା ବାଳ ଦେଖି ଲାଗିଲା, ସିଏ ଏବେ ଏବେ ଗାଧୋଇକରି ଆସିଛନ୍ତି । ମୁଁ ତାଙ୍କୁ ନିରେଖି ଚାହିଁଲି, ତାଙ୍କର ବୟସ ମୋ ମାଆଙ୍କର ପାଖାପାଖି ହେବ, ହେଲେ ସିଏ ବହୁତ ସୁସ୍ଥ ଓ ସମାହିତ ଲାଗୁଥିଲେ । ଯେମିତି ବର୍ଷକ ପୂର୍ବରୁ ବାହା ହୋଇ ଘରକୁ ଆସିଛନ୍ତି .........କଣ୍ଟେଇ ଦେଖିବାକୁ ପୂରାପୂରି ତା ମାଆ ପରି, ସେଇ ରୂପ, ସେଇ ରଙ୍ଗ ....ସେଇ ଗରିମା .....ନିଜ ମାଆ ଉପରେ ପୁଣି ଥରେ ମୋ ମନରେ ଦୟା ଆସିଲା । ଏକ ତୀକ୍ଷଣ ଯନ୍ତଣାର ସ୍ୱର ଫଣା ଟେକୁଥିଲା ମୋ ହୃଦୟରେ ।

'ମିକ୍କି କହୁଥିଲା ସୋନୁ କୁଆଡେ ଭାଇସ କ୍ୟାପଟେନ ହେବା ପାଇଁ ତୋ ନିକଟକୁ ଆସିଥିଲା ........'

'ଆଜ୍ଞା ! ସିଏ ଖୁବ୍ ପ୍ରାଉଡି । ମିକ୍କିର ଭାଇସ କ୍ୟାପଟେନ ହେବାଟା ତା ଦେହରେ ଯାଉନି ।

'ଯେମିତି ବାପା ସେମିତି ପୁଅ ...... ଆମ ପାଇଁ ତାଙ୍କ ମନରେ ବହୁତ ବେଶୀ ଜେଲସ ଫିଲିଙ୍ଗ ରହିଛ', ତାଙ୍କ ଚେହେରାରେ ବିରକ୍ତି ଭାବ ସଫା ସଫା ନଜର ଆସୁଥିଲା ।

'ଆଜ୍ଞା, ମିକ୍କିର ଚେହେରା ସିଏ ଦେଖିବାକୁ ଚାହେଁନା । ହେଲେ ଆମେ ସବୁ କିଛି ସ୍ଥିର କରି ସାରିଛୁ । ମିକ୍କି ହିଁ ଭାଇସ କ୍ୟାପଟେନ ହେବ । ଆଉ ସିଏ ମୁହଁ ମାଡି ପଡିବାଟା ଥୟ । ମୁଁ ସବୁ କିଛି ସମ୍ଭାଳି ନେବି', ମୁଁ ଆତ୍ମଗର୍ବ ଓ ତ । ପ୍ରତି ଗଭୀର ଆତ୍ମୀୟତାର ଭାବରେ ବୁଡି ଯାଇଥିଲି /

'ହଁ, ଇଏ ଖାଲି ବେକାରଟାରେ ବ୍ୟସ୍ତ ହେଉଛି । ମୁଁ ତାକୁ ବୁଝାଉଥିଲି, ତୁମେ ଅଛ ଯେତେବେଳେ ଚିନ୍ତା କରିବାର କୌଣସି କାରଣ ନାହିଁ .....'

'କଣ୍ଟେଇ ଏବେ ଆଉ ଆସିବନାହିଁ !' ....ମୋର ବ୍ୟସ୍ତତା ଏବେ ନିରାଶାରେ ରୂପାନ୍ତରିତ ହେବାକୁ ଲାଗିଥିଲା ।

'ହଉ, ଏବେ ତା ହେଲେ ମୁଁ ଯାଉଛି ।'

ମୁଁ ଚୌକିରୁ ଉଠି ଛିଡା ହୋଇ ପଡିଲି ।

ସେମାନେ ଦୁଇ ଜଣ ମଧ ଚୌକିରୁ ଉଠିଲେ । ସେତିକିବେଳେ କୋଲିଆରିର ଜିପ ଆସି ମେନଗେଟ ସାମ୍ନାରେ ଛିଡା ହେଲା ଓ ସ୍କୁଲ ବ୍ୟାଗ କାନ୍ଧରେ ଲଟକେଇ କଣ୍ଟେଇ ଓହ୍ଲେଇଲା ସେଇ ଜିପରୁ । ହ୍ୱାଇଟ ଓ ନେଭି ବ୍ଲୁ ସ୍କୁଲ ଡ୍ରେସରେ ସିଏ ପୁରା ଛୁଆଟିଏ ପରି ଦିଶୁଥିଲା ।

ଗଭୀର ବ୍ୟଥାରେ ଭରିଗଲା ମୋର ହୃଦୟ – 'ଓଃ ! ତୁ ଆସିଲୁ ବି ସେବେ, ଯେବେ ଖେଳ ଶେଷ ହେବା ଉପରେ । ଠିକ ଅଛି, ଭାଗ୍ୟ ଯଦି ସାଙ୍ଗ ନ ଦେବ ତେବେ କିଏ ବା କଣ କରିପାରିବ, କଣ କହି ପାରିବ ?'

'କଣ୍ଟେଇର ପରୀକ୍ଷା ଚାଲିଛି', ସିଏ ମୋତେ ଜଣେଇଲେ ।

'କେମିତି ହେଲା ପରୀକ୍ଷା ?' ମୁଁ କଣ୍ଟେଇକୁ ପଚାରିଲି ।

କଣ୍ଟେଇ ବାରନ୍ଦାକୁ ଆସି ସାରିଥିଲା – 'ଆରେ, ଆପଣ କେତେବେଳେ ଆସିଲେ ?'

ସ୍ୱରରେ ଥିଲା ଦୁଃସାହସିକ ଚପଳାମୀ । ମୋର ପ୍ରଶ୍ନ ସେମିତି ଶୂନ୍ୟରେ ଅଟକି ରହିଗଲା ।

'ଏଇ ଟିକେ ସମୟ ପୂର୍ବରୁ । ତୁମର ପରୀକ୍ଷା କେମିତି ହେଲା ?' ମୁଁ ମୋର ପ୍ରଶ୍ନକୁ ପୁଣି ଥରେ ଦୋହରେଇଲି ।

'ବହୁତ ପଜିଟିଭ .... ଆପଣ କଣ ଯାଉଛନ୍ତି ?'

'ହଁ, ବହୁତ ଡେରି ହୋଇ ଗଲାଣି ।'

'ଏବେ ଆପଣ କହିଲେ ଟିକେ ସମୟ ପୂର୍ବରୁ ଆସିଛନ୍ତି, ଏବେ କହୁଛନ୍ତି ବହୁତ ଡେରି ହୋଇଗଲାଣି .....' ସିଏ ଦୁଷ୍ଟାମିର ହସ ହସିଲା ।

'ନାଇଁ, ଟିକେ କାମ ଅଛି, ପୁଣି କେତେବେଳେ ଆସିବି', ତାର ଆତ୍ମୀୟତା ଓ ଅପ୍ରତ୍ୟାଶିତ ଉନ୍ମୁକ୍ତତାରେ ମୁଁ ଭିତରେ ଭିତରେ ଭିଜିବାକୁ ଲାଗିଥିଲି ।

'ନିଶ୍ଚୟ ଆସିବେ ।'

'ଆରେ..... ଆପଣ କେତେବେଳେ ଆସିଲେ ....ଆପଣ ଯାଉଛନ୍ତି .....ନିଶ୍ଚୟ ଆସିବେ ....'

ସେଦିନ ରାତିରେ ଖୁବ ଡେରି ଯାଏଁ ମୁଁ ପାନ ଚୋବେଇ ଚୋବେଇ ସଡକ, ବଜାର, ଷ୍ଟାଡିୟମ ଓ ଅଫିସର କଲୋନୀ ସାରା ଘୁରି ବୁଲିଲି । ଏକ ଅଜବ ଧରଣର ଉନ୍ମାଦନା ସମ୍ମୋହନ ପରି ମୋର ମନମସ୍ତିସ୍କରେ ଛାଇ ଯାଇଥିଲା ।

'ମୋର ପ୍ରଭୁଙ୍କ ଠାରେ ଏତିକି ମିନତୀ
ତୋତେ ତୋର ସମସ୍ତ ପ୍ରିୟ ମଣିଷଙ୍କ ମଧ୍ୟରେ
କେବଳ ମୋର ଭଲପାଇବା ହିଁ ପସନ୍ଦ ହେଉ । ମୋର ଭଲପାଇବା .......ପସନ୍ଦ ହେଉ ..

ମୋର ପ୍ରଭୁଙ୍କ ଠାରେ ଏମିତି ମିନତୀ
ତୋତେ ତୋର ସମସ୍ତ ଗାୟକଙ୍କ ମଧ୍ୟରେ
କେବଳ ମୋର ଗୀତ ହିଁ ମନକୁ ପାଉ
ମୋର ଗୀତ ..........ମନକୁ ପାଉ

ରାତି ବାରଟାରେ ଘରକୁ ଫେରିଲା ବେଳେ ମୋତେ ଖୁବ ଉଶ୍ୱାସ ଲାଗୁଥିଲା । ମୋ ଦେହରେ ଡେଣା ଲାଗି ଯାଇଥିଲା ଓ ପ୍ରଜାପତି, ପକ୍ଷୀ ଶାବକ ପରି କିମ୍ବା ଗୁଡି ପରି ଉଡି ମୁଁ ଯେ କୌଣସି ସ୍ଥାନକୁ ଯାଇପାରିବି .......କ୍ରିକେଟ, ଅଫିସର ଷ୍ଟାଡିୟମ, ଆମ ଟିମର ପିଲା ଓ ସାରା ଦୁନିଆ ପ୍ରତି ମୋ ମନରେ ଅରୁଚି ସୃଷ୍ଟି ହେବାକୁ ଲାଗିଲା .....'ସୁପର ଇଲେଭେନ'ରେ ନିଜର ପ୍ରତିପତ୍ତି ବଜାୟ ରଖିବା ପାଇଁ ମୁଁ କରିଥିବା ସବୁ ଚାଲାକି ପାଇଁ ମୋତେ ଘୃଣା ଲାଗିଲା ।

ସେଦିନ ରାତିରେ ମୁଁ ଇଶ୍ୱର ଓ ମୃତ୍ୟୁର ଏକଦମ ନିକଟରେ ପହଞ୍ଚି ଯାଇଥିଲି । ଇଶ୍ୱର, କେଜାଣି ସିଏ କେଉଁଠି ଥିଲେ, ହେଲେ କେଉଁଠି ଥିଲେ ନିଶ୍ଚୟ, ତାଙ୍କୁ ଆଲିଙ୍ଗନ କରିବାକୁ ମୋର ବହୁତ ବହୁତ ଇଚ୍ଛା ହେଲା ......କାଲି ଯଦି କଣ୍ଟେଇର ମୃତ୍ୟୁ ହୋଇଯାଏ ତେବେ ମୋ ସାମ୍ନାରେ ମୃତ୍ୟୁକୁ ଆଲିଙ୍ଗନ କରିବା ଛଡା ଆଉ କେଉଁ ରାସ୍ତା ଅବା ରହିଯିବ ?..... ଆଉ ଯଦି ମୁଁ ମରିଯାଏ ତେବେ ସିଏ କଣ ବଞ୍ଚି ରହିପାରିବ ? ......ଭଲ ହେବ ଆମେ ଦୁଇ ଜଣ ସାଙ୍ଗ ହୋଇ ମରିବା .......ଧଳା ଚଦର, ଶୀତଳ ଓ ଅନନ୍ତ ନିଦ୍ରାରେ ଲୀନ ଦୁଇଟି ଛୁଆ ! ଏକ ଅଦୃଶ୍ୟ ଜାଲରେ ଫଶି ଯାଇଥିଲି ମୁଁ । ଏହି ଜାଲକୁ ମୁଁ ନିଜେ ବହୁତ ପରିଶ୍ରମ କରି ନିଜ ପାଇଁ ବୁଣିଥିଲି । ତେବେ ଏତେ ଶୀଘ୍ର କେମିତି ବା ବାହାରି ପାରିଥାନ୍ତି ସେଥିରୁ ?

ପରଦିନ ଗୋଟିଏ ନଡିଆତେଲ ଡବା, ଯାହା ଉପରେ କଣ୍ଟା ଦ୍ୱାରା କଣା କରା ଯାଇଥିଲା ଆଉ ଦେଖିଲେ ତାହା ଗୋଟେ ସରାଗାତ ପରି ପ୍ରତେ ହେଉଥିଲା । ତାକୁ ନେଇ ମୁଁ ଯାଇ ଷ୍ଟାଡିୟମରେ ପହଞ୍ଚିଲି । ଟିମର ସବୁ ପିଲା ସେଠାରେ ପୂର୍ବରୁ ହିଁ ଉପସ୍ଥିତ ଥିଲେ ।

ସାଦା କାଗଜକୁ ଚିରି ଏଗାର ଖଣ୍ଡ ଟୁକୁଡା ଏକତ୍ରିତ କରାଗଲା । ଟିମର ସବୁ ପିଲାଙ୍କ ପରି ମୁଁ ମଧ ମୋର କାଗଜ ଉପରେ ଗୋଟିଏ ନାମ ଲେଖିଲି ଓ ସବୁ ଟୁକୁଡାକୁ ଡବାରେ ପକାଗଲା । ତାପରେ ମୁଁ ସମସ୍ତଙ୍କ ସାମ୍ନାରେ ଡବାର ଢାଙ୍କୁଣୀ ଖୋଲିଲି ଓ ସବୁ କାଗଜ ଖଣ୍ଡକୁ ବାହାରକଲି ।

ପ୍ରତିଟି ଟୁକୁଡା ସାର୍ବଜନିକ ହେବା ସହିତ ମିକ୍କି ଓ ସୋନୁର ଚେହେରାରେ ଚିନ୍ତାର ରେଖା ଅଧିକ ଗଭୀର ହେବାରେ ଲାଗିଥିଲା । ଟିମର ବାକି ପିଲା ଏହି ରୋମାଞ୍ଚକର ଖେଳକୁ ମନଭରି ଉପଭୋଗ କରୁଥିଲେ । ପାଞ୍ଚ-ପାଞ୍ଚଟି କାଗଜରେ ସୋନୁ ଓ ମିକ୍କିର ନାଁ ବାହାରି ସାରିଥିଲା ।

'ଆଉ ଏଇଠି ହେଉଛି ଶେଷ କାଗଜ ଟୁକୁଡା ।'

ଶେଷ ଟୁକୁଡାକୁ ମୁଁ ଶୂନ୍ୟରେ ହଲେଇଲି । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# 'ପ୍ରତିଶ୍ରୁତି' ତରଫରୁ ବିମଳ ଲୋଚନ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା

ବାରିପଦା, ୧୨/୦୨ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ବାରିପଦାର ପୂର୍ବତନ ବିଧାୟକ, ବିଶିଷ୍ଟ ସମବାୟବିତ୍, ପ୍ରବୀଣ ସାମ୍ବାଦିକ, କୃତବିଦ୍ୟ ଜନ ସେବକ ସ୍ୱର୍ଗତଃ ବିମଳ ଲୋଚନ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସଭା ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଡା.ଜେନା ଶ୍ରୀମଦ୍ ଭଗବତ୍‌ଗୀତାର ଉଦାହରଣ ଦେଇ ଦୟା ଓ ଦାନ ଦ୍ୱାରା ସ୍ୱର୍ଗତଃ ଦାସ ସମସ୍ତଙ୍କର



ଶ୍ରଦ୍ଧାଭାଜନ ହୋଇଥିଲେ ବୋଲି ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଶିଶୁ ସାହିତ୍ୟର ଗବେଷକ ଡ. ବିଜୟ କୁମାର ଅଗରୱାଲା ତାଙ୍କ ରାଜନୈତିକ ଓ ସାମାଜିକ ଜୀବନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା କବୟିତ୍ରୀ ସୁଧାମୟୀ ଦାସ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧା ନିବେଦନ ପୂର୍ବକ ତାଙ୍କୁ ଜଣେ ସ୍ନେହି ମଣିଷ ବୋଲି ଅଭିହିତ କରିଥିଲେ। ଏହି ସଭାରେ ବିଶିଷ୍ଟ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ସୁକାନ୍ତ କୁମାର ଜୀଉ, ସୁକୁମାର ରଞ୍ଜନ ପ୍ରଧାନ ଓ ସଞ୍ଜୟ କୁମାର ଚୌଧୁରୀ ଦିବଂଗତ ଦାସଙ୍କର ପରୋପକାରିତା ଦୟା, ପ୍ରଭୃତି ମାନବୀୟ ଗୁଣ ଓ ସ୍ରୋତର ପ୍ରତିକୂଳରେ ମଧ ବିପଦ ଶଙ୍କୁଳ ପଥ ଅତିକ୍ରମ କରିବାର ଅସୀମ ଧୈର୍ଯ୍ୟ ତାଙ୍କୁ ସ୍ଥିତ ପ୍ରଜ୍ଞ କରିଥିଲା ବୋଲି ବକ୍ତବ୍ୟ ଛଳରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାଜେନ୍ଦ୍ର କୁମାର ସାମଲ, ଶିକ୍ଷାବିତ୍ ହିମାଂଶୁ ଶେଖର ଦାସ, ନରସିଂହ ବାରିକ, ଗୀତାରାଣୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ସମବାୟ ବିତ୍, ମୟୂରଭଞ୍ଜ କେନ୍ଦ୍ର ସାମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆର୍ଯ୍ୟଙ୍କୁ ବିମଲ ଲୋଚନ ଦାସ ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କୁ ମାନପତ୍ର, ସାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପାଠ କରିଥିଲେ ଭଗବତୀ ଦାଶ। ସମ୍ବର୍ଦ୍ଧିତ ଅତିଥି ରାଜକିଶୋର ଆର୍ଯ୍ୟ ସମବାୟ କ୍ଷେତ୍ରରେ ବିମଳ ବାବୁ ଆମ ସମସ୍ତଙ୍କର ଆଦର୍ଶ ସ୍ଥାନୀୟ ବୋଲି ଅଭିହିତ କରି ସେ ଜଣେ ମଣିଷ ପରି ମଣିଷ ଥିଲେ ବୋଲି କହିଥିଲେ।

## ୧୧ନଂ ଜୋନରେ ଅର୍ଜୁନ ମାରାଣ୍ଡିଙ୍କ ପଲା ଭାରି

ନୀଳଗିରି, ୧୨/୦୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ପଂଚାୟତ ଗୁଡ଼ିକରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି । ଆରୋପ ପ୍ରତ୍ୟାରୋପ ମଧ୍ୟରେ ଦଳ ଦଳ ମଧ୍ୟରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ରାଜନେତା । ନିଜନିଜରଗୁଣ ଗାଉଥିବା ବେଳେ ଭୋଟର ପ୍ରକୃତ ନିର୍ଣ୍ଣାୟ ଭୂମିକା ଗ୍ରହଣ କରିବେ । ନୀଳଗିରି ବ୍ଲକର ପ୍ରମୁଖ ଜିଲ୍ଲାପରିଷଦଜୋନ ଭାବରେ ବଣସୀମା ଅଚଂଳରେ ୯ଗୋଟିପଂଚାୟତ କୁ ନେଇ ୧୧ନଂ. ଜୋନ ଗଠିତ । ଉକ୍ତ ଜୋନରେ ପୂର୍ବଥର ଜିଲ୍ଲାପରିଷଦ ବିଜେପି ହାତରେ ଥିବା ବେଳେ ଏଥର ମଧ ବିଜେପି ସମର୍ଥନ ପୂର୍ବ ପରି ବଜାୟ ରଖିବ ବୋଲି ଦୃଢ଼ ଆଶା ରଖିଛି । ୧୧ନଂ. ଜୋନ ବଣସୀମା ଅଂଚଳର ଭାରତୀୟ ଜନତା ପାର୍ଟିର ଏଥର ଅର୍ଜୁନ ମାରାଣ୍ଡି ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତାଙ୍କର ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତାକୁ ପାଥେୟ କରି ଏବଂ ପୂର୍ବର ବିକାଶ ଧାରାକୁ ବଜାୟ ରଖିବା ସହିତ ତାଙ୍କର ନିର୍ମଳ ଭାବମୂର୍ତ୍ତିକୁ ଲୋକେ ଗ୍ରହଣ କରୁଥିବା ଜଣାଯାଇଛି । ଉକ୍ତ ଜୋନରେ ଅର୍ଜୁନ ମାରାଣ୍ଡିକୁ ଲୋକେ ଗ୍ରହଣ କରି ଆଗାମୀ ନିର୍ବାଚନରେ ଜୟଯୁକ୍ତ କରାଇବାର ମନବନାଇ ନେଇଥିବା ରାଜନୈତିକ ବିଶ୍ଳେଷକ ମାନେ ମତବ୍ୟକ୍ତ କରିଛନ୍ତି ।

## ବଳରାମପୁର ପଞ୍ଚାୟତର ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର



ଲଙ୍ଗଳେଶ୍ୱର, ୧୨/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ର ସ୍ୱାଧୀନ ଭାବେ ଲଢୁଥିବା ସରପଞ୍ଚ ପ୍ରାର୍ଥୀ ଅରୁଣ କୁମାର ପାଣିଗ୍ରାହୀ,ଏବଂ ସମିତି ସଭ୍ୟ ପ୍ରାର୍ଥୀ ମୀନକେତନ ଦାସ ମହାପାତ୍ର କର୍ମୀ ମାନଙ୍କ ସହିତ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି, ପଞ୍ଚାୟତ ର ବିକାଶ କୁ ମୁଖ୍ୟ ମୁଦ୍ଦା କରି ନିର୍ବାଚନ ବୈତରୀ ପାରି ହେବା ସହ ଜୟ ଯୁକ୍ତ ହେବାର ବିଶ୍ୱାସ ରଖିଛନ୍ତି ଏଇ ଦୁଇ ପ୍ରାର୍ଥୀ ।ପ୍ରାର୍ଥୀ ମାନଙ୍କ ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହିତ ବୈଠକ ରେ ଯୋଗ ଦେଇଛନ୍ତି ସର୍ବଶ୍ରୀ ପୂର୍ବତନ ସରପଞ୍ଚ କୀର୍ତ୍ତନ ଧଳ, ଝାଡେଶ୍ୱର ଜେନା, କରୁଣା କର କମିଳା, ପୂର୍ଣଚନ୍ଦ୍ର ସାହୁ,ଚକ୍ରଧର ପାତ୍ର, ବରେନ୍ଦ୍ର ପାତ୍ର, ଉମାକାନ୍ତ ପ୍ରଧାନ, ହରେକୃଷ୍ଣ ଜେନା, ବିଜୟ ବାରିକ, ବରେନ୍ଦ୍ର ଧଳ, ଉତ୍ତମ ମଝି ପ୍ରମୁଖ ।ଏଇ ସ୍ୱାଧୀନ ପ୍ରାର୍ଥୀ ଦ୍ୱୟ ଜିତିବେ କି ନିର୍ଣ୍ଣାୟକ ହେବେ ଦେଖିବାକୁ ବାକି ରହିଲା।

## ସୁଯୋଗ ମିଳିଲେ ନାରୀମାନେ ମଧ ବିଜ୍ଞାନର ବିକାଶ କରିପାରିବେ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ବିଜ୍ଞାନ ପୁରୁଷ ବୈଜ୍ଞାନିକ ଏବଂ ମହିଳା ବୈଜ୍ଞାନିକ ମଧ୍ୟରେ କୌଣସି ପ୍ରଭେଦ କରେ ନାହିଁ । ନାରୀ ମାନଙ୍କ ମଧ୍ୟରେ ସାମର୍ଥ୍ୟର ଅଭାବ ନାହିଁ କିନ୍ତୁ ଆବଶ୍ୟକତା ଅଛି ସେମାଙ୍କପାଇଁ ସୁଯୋଗ । ଅନ୍ତର୍ଜାତୀୟ ମହିଳା,ବାଳିକା ବିଜ୍ଞାନ ଦିବସ ଅବସରରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ହୋଇଥିବା 'ନାରୀ, ବିଜ୍ଞାନ ଏବଂ ଭବିଷ୍ୟତ' ଶୀର୍ଷକ ଆଭାସୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଏଭଳି ମତପୋଷଣ କରିଛନ୍ତି ବିଶେଷଜ୍ଞ । ଆକାଶବାଣୀ, କଟକର ଖବର ସମ୍ପାଦିକା ଇତିଶ୍ରୀ ସିଂ ରାଥୋଡଙ୍କ ଦ୍ୱାରା ସଂଯୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହା ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ନାରୀ ମାନଙ୍କୁ



ବିକାଶର ପ୍ରତୀକ ଭାବେ ଗ୍ରହଣ କରିବା ଆବଶ୍ୟକ ଅଛି ବୋଲି କହିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଲୁନା ସାମନ୍ତ କହିଛନ୍ତି ନାରୀମାନଙ୍କୁ ଉଚିତ ପରିବେଶ ଏବଂ ସୁଯୋଗ ମିଳିଲେ ବିଜ୍ଞାନ କ୍ଷେତ୍ରରେ ବିକାଶ ଆହୁରି ତ୍ୱରାନ୍ୱିତ ହେବ । ଅନ୍ୟକ୍ରା ଭାବେ କୀଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ଼.ସୁଦେଶନା ଚୌଧୁରୀ ଏବଂ ସମାଜ ସେବି ଡ଼. ମମତା ଦାସ ନାରୀ ମାନଙ୍କୁ ବିଭିନ୍ନ ଗଣ ମାଧ୍ୟମରେ ସକାରାତ୍ମକ ଚିତ୍ର ପରିବେଷଣ କରିବା ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଛନ୍ତି ।

## ୨୩ନଂ ଜୋନରେ କଂଗ୍ରେସର ପଥପ୍ରାନ୍ତ ସଭା

ବାଲିଆପାଳ,୧୨/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ଦଳ ପ୍ରଚାରକୁ ଜୋରଦାର କରିଥିଲା ବେଳେ ଆଜି ସନ୍ଧ୍ୟାରେ ବାଲିଆପାଳ କଂଗ୍ରେସ ପକ୍ଷରୁ ୨୩ନଂ ଜୋନର ମଧୁପୁରା ପଞ୍ଚାୟତ ସିମୁଳିଆ ହାଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି ।ଏହି ସଭାରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସତ୍ୟପ୍ରକାଶ ନାୟକ ରାଜ୍ୟ ସରକାରଙ୍କ ଅପାରଗତା, ବେକାରୀ ସମସ୍ୟା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା,ଚିଟଫଣ୍ଡ ଘୋଟାଲା, ପ୍ରଭୃତି ବିଭିନ୍ନ ସମସ୍ୟା ବାବଦରେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସଂଜିବ ଗିରି, ବସ୍ତାର କଂଗ୍ରେସ ନେତା ବିଜନ ନାୟକ, ମଧୁପୁରାର ପୂର୍ବତନ ସରପଞ୍ଚ ମୂରଲୀ ମୋହନ ସାହୁ, ଜିବନ ଦାସ, ରବିନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ପ୍ରାର୍ଥୀ ସୁଶାନ୍ତ କୁମାର ପାତ୍ର, ମଧୁପୁରା ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ପ୍ରାର୍ଥୀ, ସମସ୍ତ ୱାର୍ଡମେମ୍ବର ପ୍ରାର୍ଥୀ ଏବଂ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କନିଷ୍କ ବୋଧିସତ୍ତ୍ୱ ଦାସଙ୍କ ଜଳେଶ୍ୱର ନିର୍ବାଚନୀ ପ୍ରଚାର

ଜଳେଶ୍ୱର, ୧୨/୨(ନିପ୍ର) : ବିଜେଡି ଦଳର ଯୁବ ନେତା କନିଷ୍କ ବୋଧିସତ୍ୱ ଦାସ ଚଳିତ ପଂଚାୟତ ନିର୍ବାଚନରେ ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବାଇଗଣବାଡିଆ ପଂଚାୟତର ଆକନା ଠାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ସରପଂଚ ପ୍ରାର୍ଥୀ ବିଷ୍ଣୁଚରଣ ପାତ୍ର ଓ ସମିତି ସଦସ୍ୟ ବାସନ୍ତୀ ମାଝୀ ଉପସ୍ଥିତ ଥିଲେ । ଖୁଲୁଡା ପଂଚାୟତର ଚନ୍ଦନା, ଅସୁରଡିହା, ଓ ମେଦନୀପୁର ଠାରେ ଅନୁଷ୍ଠିତ ସଭାରେ ପଂଚାୟତ ସମିତି ସଦସ୍ୟ ଲକ୍ଷ୍ମୀଧର ବେହେରା ମଧ୍ୟ ଉପସ୍ଥିତ ଥିଲେ । ଗୋବରଘଟା ପଂଚାୟତର ଚନ୍ଦନା, ଅଗ୍ରୱାଲା ଛକ ଠାରେ ଅନୁଷ୍ଠିତ ବୈଠକରେ ପ୍ରାର୍ଥୀ କାହ୍ନୁଚରଣ ଦାସ ଏବଂ ନାମ୍ପୋ ପଂଚାୟତର ନିର୍ବାଚନୀ ସଭାରେ ପ୍ରାର୍ଥୀ ମାନେ ଉପସ୍ଥିତ ଥିଲେ । ବିଜେଡିର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା, ଲୋକ ହିତକାର କାର୍ଯ୍ୟ ଏପରିକି ବିକାଶ ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀ, ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସେ କହିଥିଲେ । ନବୀନ ପଟ୍ଟନାୟକଙ୍କ ବିକଳ୍ପ ନ ଥିବାରୁ ତାଙ୍କ ହାତମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କ୍ରିକେଟ କୁମ୍ଭମେଳାରେ ....

ରହିବ ସବୁଠୁ ଅଧିକ କ୍ରେଜ୍, ଆଉ ସବୁଠୁ ଅଧିକ ମୂଲ୍ୟରେ କିଏ ନିଲାମ ହେବ ଏହାକୁ ନେଇ ବେଶ୍ ଚର୍ଚ୍ଚା ବି ଜୋର ଧରିଥିଲା । ନିଲାମରେ ଏଥର ସବୁଠୁ ଅଧିକ ଟଙ୍କାରେ ବିକ୍ରି ହୋଇଛନ୍ତି ଇସାନ କିସାନ । ନିଜର ଧୂଆଁଧାର ବ୍ୟାଟିଂ ପାଇଁ ପ୍ରସିଦ୍ଧ ଇଶାନଙ୍କ ପାଇଁ ପର୍ସ ଖୋଲି ଦେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ । ବିପକ୍ଷ ଦଳର କଡ଼ା ଟକ୍କର ସତ୍ତ୍ୱେ ୧୫ କୋଟି ୨୫ ଲକ୍ଷ ଟଙ୍କାରେ ଇସାନଙ୍କୁ କିଣିଥିଲା ନୀତା ଅମ୍ବାନୀଙ୍କ ଦଳ । ସେହିପରି ଦୀପକ ଚହରଙ୍କୁ ୧୪ କୋଟିରେ ଚେନ୍ନାଇ ଓ ଶ୍ରେୟସ ଆୟରଙ୍କୁ ୧୨ କୋଟି ୨୫ ଲକ୍ଷରେ କିଣିଛି କୋଲକାତା ନାଇଟ ରାଇଡର୍ସ । ହର୍ଷଲ ପଟେଲଙ୍କୁ ନିଜ ଦଳରେ ସାମିଲ କରିବାକୁ ୧୦ କୋଟି ୭୫ ଲକ୍ଷ ଖର୍ଚ୍ଚ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର । ୱାନିନ୍ଦୁ ହସରଙ୍ଗା ମଧ ୧୦ କୋଟି ୭୫ ଲକ୍ଷରେ ଆରସିବି କିଣିଥିବା ବେଳେ ନିକୋଲାସ୍ ପୂରଣଙ୍କୁ ସମାନ ଅର୍ଥରେ କିଣିଛି ହାଇଦ୍ରାବାଦ । କାଗିସୋ ରାବାଡ଼ାଙ୍କୁ ୯ କୋଟି ୨୫ ଲକ୍ଷରେ କିଣିଛି ପଂଜାବ । ଏଥର ଆଇପିଏଲ ନିଲାମରେ ବଡ଼ ବଡ଼ ଖେଳାଳିଙ୍କ ଦଳ ବଦଳ ହୋଇଛି । ପୂର୍ବରୁ ଦିଲ୍ଲୀ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳି ସାରିଥିବା ଶ୍ରେୟସ ଆୟରଙ୍କୁ ହାତେଇ ନେଇଛି ଶାହାରୁଖ ଖାନଙ୍କ କେକେଆର । ସେହିପରି ଦିଲ୍ଲୀର ଶିଖର ଧୱନ ପଞ୍ଜାବ କିଙ୍ଗସରେ ସାମିଲ ହୋଇଛନ୍ତି । ଅନ୍ୟପଟେ ରବିଚନ୍ଦ୍ରନ ଅଶ୍ୱିନୀ ପଞ୍ଜାବରୁ ରାଜସ୍ଥାନକୁ ସିଫ୍ଟ ହୋଇଛନ୍ତି । ଫାଫ ଡୁପ୍ଲେସି ଚେନ୍ନାଇ ଦଳରୁ ବେଙ୍ଗାଲୁରୁକୁ ଯାଇଛନ୍ତି । ହାଇଦ୍ରାବାଦ ଦଳ ଛାଡ଼ିଥିବା ଡାଭିଡ ୱାର୍ଣ୍ଣର ଦିଲ୍ଲୀ କ୍ୟାପିଟାଲରେ ସାମିଲ ହୋଇଛନ୍ତି । ଅନ୍ୟପଟେ ଆଇପିଏଲ କ୍ରିକେଟର କିଛି ବଡ଼ ନାଁକୁ ଏଥର ମାଲିକ ମିଳି ନାହାନ୍ତି । ମିଷ୍ଟର ଆଇପିଏଲ କୁହାଯାଉଥିବା ସୁରେଶ ରୈନା, ଷ୍ଟିଭ୍ ସ୍ମିଥ୍ ଓ ଡାଭିଡ ମିଲରଙ୍କୁ ନିଲାମରେ କୌଣସି ଦଳ କିଣି ନାହିଁ ।

### ବିଦ୍ୟାଳୟରେ ସାଧାରଣ ଡ୍ରେସ....

ମଧ୍ୟରେ ସାମାଜିକ ତଥା ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବ । ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟଙ୍କ ପୁଅ ନିଖିଲ ଉପାଧ୍ୟାୟ ଏହି ଆବେଦନ ଦାୟର କରିଛନ୍ତି। ଆବେଦନରେ କୁହାଯାଇଛି ସାଧାରଣ ପୋଷାକ ସହିତା ଶିକ୍ଷାନୁଷ୍ଠାନରେ ସମାନତା, ଭାଇଚାରା, ଏକତା ଏବଂ ଜାତୀୟ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବ । ଏହି ଆବେଦନପତ୍ରରେ ଦର୍ଶାଯାଇଛି ଯେ ଆମେରିକା, ବ୍ରିଟେନ୍ , ଫ୍ରାନ୍ସ, ସିଙ୍ଗାପୁର ଏବଂ ଚୀନ୍ ?ର ସମସ୍ତ ସ୍କୁଲ ଏବଂ କଲେଜରେ ଏକ ସାଧାରଣ ଡ୍ରେସ କୋଡ୍ ରହିଛି ।

### ଚାଲିଗଲେ ଦେଶର ବିଶିଷ୍ଟ ଶିଳ୍ପପତି ....

ହୋଇସାରିଛି। ରାହୁଲ ବଜାଜ୍‌ଙ୍କ ପରଲୋକରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ, ନାରାୟଣ ରାଣେ, ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରଫୁଲ୍ଲ ପଟେଲ, ଏନ୍‌ସିପି ନେତା ତଥା ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ନବାବ ମଲ୍ଲିକ, ଏନ୍ ?ସିପି ସାଂସଦ ସୁପ୍ରିୟା ସୁଲେ, କଂଗ୍ରେସ ନେତା ଅଭିଷେକ ମନୁ ସାଂଘଭି ଓ ଅନ୍ୟ ବହୁ ବିଶିଷ୍ଟ ଲୋକ ଦୁଃଖ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ରାଜ୍ୟରେ ଆଉ ୨୪ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୮୬୨ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ୭ଜଣ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୬ଜଣ ରହିଛନ୍ତି । ଯାଜପୁର ଜିଲ୍ଲାରୁ ୩ଜଣ ରହିଥିବା ବେଳେ ଭଦ୍ରକ ଏବଂ ମୟୁରଭଞ୍ଜ ଜିଲ୍ଲାରୁ ୨ଜଣ ଲେଖାଏଁ ରହିଛନ୍ତି । ସେହିପରି ଅନୁଗୁଳ, ପୁରୀ, ନବରଙ୍ଗପୁର ଓ ବରଗଡ ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

## 'ଶ୍ରୀଜଙ୍ଗ ସହରୀ ସଂଗଠନ'ର ସଭାପତି ତଥା ବରିଷ୍ଠ ପ୍ରଶାସନିକ ଅଧିକାରଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର, ୧୨/୦୨ (ନି.ପ୍ର): ଶ୍ରୀଜଙ୍ଗ ସହରୀ ସଂଗଠନର ସଭାପତି ଗଗନ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଭଗବାନ ବିଶ୍ୱାଳଙ୍କ ସଭାପତିତ୍ୱରେ ମାନସିଂବଜାରସ୍ଥିତ ମଣିଭଦ୍ର ଗୋଛାୟତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବକ୍ତାମାନେ ଶ୍ରୀ ମହାନ୍ତିଙ୍କ ସଂଗଠନ ପ୍ରତି ଅବଦାନର ସ୍ମୃତିଚାରଣ ସହ ତାଙ୍କୁ ଜଣେ ସଚ୍ଚା ଓ ଦକ୍ଷ ପ୍ରଶାସନିକ ଅଧିକାରୀ ତଥା ମୁରବୀ ଭାବେ ଚିତ୍ରିତ କରିଥିଲେ । ଏହି ଶୋକସଭାରେ ସଂପାଦକ-କମଳାକାନ୍ତ ଦାଶ, କୋଷାଧ୍ୟକ୍ଷ-ମଣିଭଦ୍ର ଗୋଛାୟତ, ରବିନାରାୟଣ ରଥ, ପ୍ରସନ୍ନ କୁମାର ପାଢ଼ୀ, ବିଦ୍ୟାଧର ସାହୁ ଓ ତପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଜମ୍ବୀରାଇ କଂଗ୍ରେସର ଜୋରଦାର ପ୍ରଚାର, ପେଟ୍ରୋକେମିକାଲ ନେବ ନିର୍ଣ୍ଣାୟକ

ଲଙ୍ଗଳେଶ୍ୱର,୧୨/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତ ରେ କଂଗ୍ରେସର ପ୍ରଚାର ଜୋରଦାର କରିଛି ।ସମାଜସେବୀ ଠକରା ସେନାପତି ପ୍ରଚାର ର ମଙ୍ଗ ଧରିଛନ୍ତି ।ଜମ୍ବୀରାଇ ର ବିସ୍ତୀର୍ଣ୍ଣ ବେଳାଭୂମିକୁ ପର୍ଯ୍ୟଟନ ମାନ୍ୟତା ଦେବା ବଦଳରେ ଲୋକଙ୍କୁ ଉଦବାସ୍ତ କରି ବେଳାଭୂମିକୁ ନଷ୍ଟ କରି ପେଟ୍ରୋକେମିକଲ ପ୍ରକଳ୍ପ କରିବା ବିଜେଡିର ହୀନ ରାଜନୀତି ବୋଲି କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଏହା ବ୍ୟତୀତ ଚାଷୀ ମାନଙ୍କ ପାଇଁ ଅରୁଆ ଦାମ ଜଳ ନିଷ୍କାସନ ନାଳକୁ ନିର୍ବାଚନୀ ମୁଦ୍ଦା କରି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛି। କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ମୃତ୍ୟୁଞ୍ଜୟ ଧଳ ସମେତ ପାର୍ଟି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ନିଲୁବାଳା ବେହେରା,ସମିତି ସଭ୍ୟ ପ୍ରାର୍ଥୀ ସୁଦର୍ଶନ ପଣ୍ଡିତ ସମେତ ତ୍ରିଲୋଚନ ବେହେରା,ଅନନ୍ତ ରଙ୍ଗ ,ଅଭିମନ୍ୟୁ ରଙ୍ଗ,ସଞ୍ଜୟ ସାମନ୍ତ,ନରେନ୍ଦ୍ର ବିଶ୍ୱାଳ, ହରପ୍ରସାଦ ମହାନ୍ତି, ଝାଡେଶ୍ୱର ପାତ୍ର,, ବିଦ୍ୟାଧର ଦଳାଇ,ଗୋପାଳ ସାହୁପ୍ରମୁଖ ପ୍ରାର୍ଥୀ ମାନଙ୍କୁ ଜିତେଇବାପାଇଁ ରଣ କୌଶଳ କରିଛନ୍ତି।ଏଇ ପଞ୍ଚାୟତ ର ବିଜେପିର ସଂଗଠନ ଦୁର୍ବଳ ଥିବାରୁ କଂଗ୍ରେସ ବିଜେଡି ଟକ୍କର ହେବ ବୋଲି ଚର୍ଚ୍ଚା ଚାଲିଛି।

## ରୀତିନୀତିରେ ଶ୍ରୀ ଶ୍ରୀ ପ୍ରଭୁ ରାଧା ରାସବିହାରୀ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନୀଳଗିରି, ୧୨/୦୨ (ନି.ପ୍ର): ମିତ୍ରପୁର ଚଣ୍ଡିପୁରସ୍ଥିତ ବହୁ ପୁରାତନ ଶ୍ରୀ ଶ୍ରୀ ପ୍ରଭୁ ରାଧା ରାସବିହାରୀ ଜୀଉ ମନ୍ଦିର ର ସ୍ଥିତାବସ୍ଥଶ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାକୁ ଚଣ୍ଡୀପୁର ଗ୍ରାମର ଗୋସ୍ୱାମୀ ପରିବାର ଓ ଗ୍ରାମବାସୀଙ୍କ ଦ୍ୱାରା ପୁରାତନ ମନ୍ଦିରକୁ ଯଥାଶକ୍ତି ଦ୍ୱାରା ନୂତନ ମନ୍ଦିର ନିର୍ମିତ କରାଯାଇଛି । ମନ୍ଦିରର କାରୁକାର୍ଯ୍ୟ ଅତିସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ଗତ ଗୁରୁବାରଦିନ ଉକ୍ତ ମନ୍ଦିରପ୍ରତିଷ୍ଠା ଅବସରରେ ଘଟ ଆହ୍ୱାନ କରାଯାଇଥିଲା । ଶୁକ୍ରବାର ଦିନମନ୍ଦିର ଗର୍ଭଗୃହ ଓ ସିଂହାସନ ପ୍ରତିଷ୍ଠା, ଦେବତାଙ୍କ ବିଜେ ରୀତିନୀତି ଅନୁସାରେ କରାଯାଇଅଛି ।

Admission Open
Admission Open

**Vivekananda Vedamatee School**

Manikhamb, Balasore

COR NO- VVSBM/301/2017

Session-2022-23

Pre Nursery to Class Viii.

New Admission Starts for the session 2022-23 from **dt.05/02/2022** to onwards.

Asper 12(i) (c) of Right to Children to free and compulsory Education Act 2009 applicants are invited from the children belonging to weaker section and disadvantaged groups for admission with **25%** seats reserved in the said classes.

Principal
Vivekananda Vedamatee School
Balasore

Contact:- 9776359011, 9439190950

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

ସରସ୍ୱତୀବିହାର, ରସାଳପୁର, ବାଲେଶ୍ୱର

COR NO - SSVMRS/378,2021

ଶିକ୍ଷାବର୍ଷ-୨୦୨୨-୨୩

ଚଳିତ ଶିକ୍ଷାବର୍ଷ ପାଇଁ ନାମ ଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର R.T.E Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଗରିବ, ଦିବ୍ୟାଙ୍ଗ, ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ: ୯୮୬୧୪୧୬୧୧୭, ୮୨୪୯୯୯୮୯୦୩

**ଅମୃତବାଣୀ ଶିଶୁ ବିଦ୍ୟା ମନ୍ଦିର**

ନାମଲେଖା ଚାଲିଛି
କାଳିଦାସପୁର, ବାଲେଶ୍ୱର
ଶିକ୍ଷାବର୍ଷ-୨୦୨୨-୨୩
ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁବାଟିକା(**Nursery**) ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ଅମୃତବାଣୀ ଶିଶୁ ବିଦ୍ୟା ମନ୍ଦିର
କାଳିଦାସପୁର, ବାଲେଶ୍ୱର

ଯୋଗାଯୋଗ: ୮୯୮୪୭୪୩୧୫୪, ୯୨୩୭୪୩୨୧୭୧

ଧ୍ୱନି ପ୍ରତିଧ୍ୱନି



## ବାର୍ ଆସୋସିଏସନ୍‌ର ହଲ୍ ଏବଂ ଏମିନିଟ୍ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ

ଭଦ୍ରକ,୧୨/୦୨ (ନି.ପ୍ର): ଭଦ୍ରକ ଜିଲ୍ଲା ଅଦାଲତ ପରିସରରେ ବାର ଆସୋସିଏସନ୍‌ର ହଲ୍ ଏବଂ ଏମିନିଟ୍ ସେଣ୍ଟରକୁ ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧରନ୍ ମୁଖ୍ୟ ଅତିଥି ଭାବରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା ଜଜ୍ ପ୍ରଦ୍ୟୁମ୍ନ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ବିଚାରପତି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ସମସ୍ତଙ୍କ ସହଯୋଗ ନରହିଲେ ଆଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏଥିରେ ଉଭୟ ଆଇନ୍ ବିଭାଗ ସାଙ୍ଗକୁ ପ୍ରଶାସନ ଓ ପୋଲିସ୍ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଛନ୍ତି । ଟାଉନ୍ ବସ୍ ଏବଂ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି ବୋଲି ତାଙ୍କ ଭାଷଣରେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଦେବବ୍ରତ ଦାସ ଯୋଗ ଦେଇ କୋର୍ଟର ଅଭାବ ଅସୁବିଧା କିପରି ଦୂରହୋଇପାରିବ ଓ କେଶ୍ ଗୁଡ଼ିକ କିପରି ଶୀଘ୍ର ଫଇସଲା ହୋଇପାରିବ ସେ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଭଦ୍ରକ ଓକିଲ ସଂଘର ସଭାପତି ଦିଲ୍ଲୀପ୍ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଅଦାଲତର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ବାର ଆସୋସିଏସନ୍‌ର ସାଧାରଣ ସଂପାଦକ ଯିତେନ୍ଦ୍ର କୁମାର ପଣ୍ଡା ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା, ଅରୁଣ କୁମାର ଚାନ୍ଦ, ପବନ ଶର୍ମା ପ୍ରମୁଖ ବାରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ମାନ୍ୟବର ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବରେଣ୍ୟ ଅତିଥିମାନଙ୍କୁ ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଆରକ୍ଷୀ ଅଧିକ୍ଷକ ଚରଣସିଂ ମୀନାଙ୍କ ସମେତ ଜିଲ୍ଲା ଜଜ ଓ ଅନ୍ୟାନ୍ୟ ବିଚାରବିଭାଗୀୟ ଅଧିକାରୀ ଏବଂ ଓକିଲ ସଂଘର କର୍ମକର୍ତ୍ତାମାନେ ସ୍ୱାଗତ ଜ୍ଞାପନ କରିବା ସହିତ ନୂତନ କୋର୍ଟ ପରିସର ବୁଲି ଦେଖିଥିଲେ ।

## ପଶ୍ଚିମବାର୍ଡ଼ି ଓ ଝାଡପିମ୍ପଳ ପଂଚାୟତରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର

ଜଳେଶ୍ୱର,୧୨/୦୨ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ପୂର୍ବପଟେ ଥିବା ତଥା ଜଳେଶ୍ୱର ବ୍ଲକର ୨୧ଟି ପଂଚାୟତ ମଧ୍ୟରେ ଏବେ ପଶ୍ଚିମବାର୍ଡ଼ି ଓ ଝାଡପିମ୍ପଳ ପଂଚାୟତର ବିଭିନ୍ନ ସମସ୍ୟା ରହିଥିବା ବେଳେ ପ୍ରତିଦ୍ୱନ୍ଦୀ ମଧ୍ୟରେ ବଳ କଷାକଷି ତୀବ୍ର ହୋଇଛି । ୨ଟି ପଂଚାୟତର ବିଭିନ୍ନ ସମସ୍ୟାର ସମାଧାନ ଏବଂ ବିକାଶ ମୁଦ୍ଦା ଥିବାରୁ ପ୍ରତିଦ୍ୱନ୍ଦ୍ୱୀମାନେ କଡା ଟକ୍କରର ସମ୍ମୁଖୀନ ହୋଇଛନ୍ତି । ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ଝାଡପିମ୍ପଳ ପଂଚାୟତ ଅଧିକ ଆଲୋଚ୍ୟର ବିଷୟ ହୋଇଛି । ଏଠାରୁ ପଂଚାୟତ ସମିତି ସଦସ୍ୟଭାବରେ ମାନସ ଜେନା ଓ ଅନୀଲ ଗିରି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୮୦ ଦଶକରୁ ଅଦ୍ୟାବଧି ଜଳେଶ୍ୱର ବ୍ଲକ ସହିତ ଉଣା ଅଧିକେ ଜଡିତ ଥିବା ବିଜେଡି ସମର୍ଥୀତ ତଥା ବିଧାୟକଙ୍କ ନିକଟତମ ମାନସ ଜେନା ସେଠାରୁ ପଂଚାୟତ ସମିତି ସଦସ୍ୟ ଲାଗି ଲଢୁଛନ୍ତି । ଅପର ପକ୍ଷରେ ୨୦୧୭ରେ ବିଜେଡି ସମର୍ଥିତ ପ୍ରାର୍ଥୀ ହୋଇଥିବା ଅନୀଲ ଗିରି ଏବେ ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି । ଅନ୍ୟପକ୍ଷରେ ସରପଂଚଭାବେ ଯଜ୍ଞେଶ୍ୱର ପ୍ରଧାନ, ଜୟକୃଷ୍ଣ ଅଣ୍ଡିଆ ଓ ସଂଜୟ କୁମାର ଜେନା ପ୍ରାର୍ଥୀ ଅଛନ୍ତି । ବିଗତ ୫ବର୍ଷ ମଧ୍ୟରେ ନୂତନ ଓ ସ୍ଥାୟୀ ପଂଚାୟତ କାର୍ଯ୍ୟାଳୟ ନ ହେବା, ଅଣ୍ଡିଆ ଖାଳର ଜଳନିଷ୍କାସନ, ଜଳସେଚନର ସୁବିଧା ଓ ପିଇବାପାଣି ସମସ୍ୟା ଦୂର ସହିତ ବିସ୍ତିର୍ଣ୍ଣ ନଦୀକୂଳ ଦୋରଷା ମାଟିରେ ବିଭିନ୍ନ ଚାଷ ହେବା ତଥା ଉତ୍ପାଦିତ ଶଷ୍ୟ ବିକ୍ରି ହେବା ସମସ୍ୟା ଏଠାରେ ଉତ୍କଟ ରହିଛି । ଏ ସବୁର ସମାଧାନ ଲାଗି ଦୃଢ ନେତୃତ୍ୱ ଆବଶ୍ୟକତା ଥିବାରୁ ଭୋଟରମାନେ ଯୋଗ୍ୟ ପ୍ରାର୍ଥିଙ୍କୁ ଚୟନ କରିବାକୁ ସ୍ଥିର କରୁଛନ୍ତି । ପଶ୍ଚିମବାର୍ଡ଼ି ପଂଚାୟତ ଜଳେଶ୍ୱର ବ୍ଲକର ଅନ୍ୟତମ ଶ୍ରେଷ୍ଠ ପଂଚାୟତ ଅଟେ । ଏହି ପଂଚାୟତରେ ଏକ ପୁଲିସ୍ ଫାଣ୍ଡି ନିର୍ମାଣ ଲାଗି ଦୀର୍ଘ ୩୦ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ଅଦ୍ୟାବଧି ହୋଇ ପାରିନାହିଁ । ଜଳେଶ୍ୱର-ପଶ୍ଚିମବାର୍ଡ଼ି କପାସିଆ ରାସ୍ତା ସେ ଅଂଚଳର ଜୀବନରେଖା ହୋଇଥିବା ବେଳେ ତାର ଅବସ୍ଥା ଅବର୍ଣ୍ଣନୀୟ । ଏହି ପଂଚାୟତର ଦେବକୁମାର ମଂଗଳାମାତା ଓ ଗୌରାଦେଇ ପାଟଣା ଠାରେ ୨ଟି ପାଇପ ପାଣି ପ୍ରକଳ୍ପର କାର୍ଯ୍ୟ ଦୀର୍ଘବର୍ଷ ଧରି ଚାଲୁଥିବା ବେଳେ ଶେଷ ହେବାର ନାଁ ଧରୁନାହିଁ । ସେଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ତାର ଅଧିକ ବିକାଶ ଆବଶ୍ୟକ ରହିଛି । ଯୋଡ ଖାଳର ଦୁଇପଟେ ସୁଦୃଢ ବନ୍ଧ ନ ଥିବାରୁ ଉଦ୍‌ବୃତ୍ତ ବର୍ଷାପାଣି ନଦୀକୁ ଯିବା ପରିବର୍ତ୍ତେବିସ୍ତିର୍ଣ୍ଣ ଚାଷଜମି ଜଳମଗ୍ନ ହେଉଛି । ଏହି ଖାଳରେ ଏକ ସ୍ଲୁଇସ୍ ପ୍ରତିଷ୍ଠା ହେଲେ ନଦୀପାଣି ସମତଳକୁ ଆସିପାରନ୍ତା ନାହିଁ । ଏପରି ବିଭିନ୍ନ ସମସ୍ୟା ଥିବା ବେଳେ ଏବେ ସରପଂଚଭାବେ ରମେଶ ଚନ୍ଦ୍ର ପାତ୍ର, ସମ୍ଭୁନାଥ ଜେନା, ମଦନମୋହନ ପାତ୍ର, ଯାଦବ ମାଝୀ ନିର୍ବାଚନରେ ଅବତିର୍ଣ୍ଣ ହୋଇଛନ୍ତି । ସମିତି ସଦସ୍ୟଭାବେ ସୁରେଶ ଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ମହାଳିକ, ଚନ୍ଦନ କୁମାର ଜେନା, ଧନଞ୍ଜୟ ଜେନା ଓ ଅନନ୍ତ ମୁଖୀ ନିର୍ବାଚନରେ ଅବତୀର୍ଣ୍ଣ । ଏଠାରେ ୧୭ଟି ୱାର୍ଡ ଥିବା ବେଳେ ୬୭୦୬ ଭୋଟର ରହିଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୨/୦୨ (ନି.ପ୍ର): ବାଲେଶ୍ୱରର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ କମିଟି ବୈଠକ ଉପ-ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରାରମ୍ଭରେ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ସୁରସାମ୍ରାଜ୍ଞୀ ଭାରତରତ୍ନ ସ୍ୱର୍ଗୀୟା ଲତା ମଙ୍ଗେସକରଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ତାଙ୍କ ଦିବଂଗତ ଆତ୍ମାର ସଦଗତି କାମନା କରାଯାଇଥିଲା । ଏଥି ସହିତ ସାମ୍ପ୍ରତିକ ସ୍ଥିତିରେ ବରିଷ୍ଠ ନାଗରିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲେଶକପାତ କରିଥିଲେ । କରୋନା ସଂକ୍ରମଣର ଭୟାବହତା ଭିତରେ ଗତ ଦୁଇବର୍ଷଧରି ସମଗ୍ର ଜିଲ୍ଲାରେ ବରିଷ୍ଠ ନାଗରିକମାନଙ୍କର ସାଂଗଠନିକ ସ୍ଥିତି ଅତ୍ୟନ୍ତ ନିଷ୍କ୍ରିୟ ହୋଇପଡ଼ିଛି । ଏନେଇ ବରିଷ୍ଠ ନାଗରିକ ମଞ୍ଚର ସାଂଗଠନିକ ସ୍ଥିତିକୁ ସୁଧାରିବା ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କେତେକ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଆସନ୍ତା ଅକ୍ଟୋବର ୧୦ତାରିଖ ଦିନ ମଞ୍ଚର ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରେଳବିଭାଗ ତରଫରୁ ବରିଷ୍ଠ ନାଗରିକମାନଙ୍କ ରେଳଯାତ୍ରା ପାଇଁ ରିହାତି ପୁନଃ ପ୍ରଚଳନ ପାଇଁ ବୈଠକରେ ଦାବି କରାଯାଇଛି । ଅନ୍ୟପକ୍ଷରେ ଏହି ଅବସରରେ ଏକ ପୂର୍ଣ୍ଣାଙ୍ଗ ୧୧ଜଣିଆ ପରିଚାଳନା କମିଟି ଘୋଷଣା କରାଯାଇଥିଲା । ଏଥିରେ ୪ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସଦସ୍ୟା ଅଛନ୍ତି । ଏଥି ସହିତ ୩୫ଜଣ ସଦସ୍ୟ ସଦସ୍ୟାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ଗ୍ରହଣ କରାଯାଇଛି । କମିଟି ଦ୍ୱାରା ଗୃହୀତ ଉକ୍ତ ପରିଚାଳନା କମିଟି ଆଗାମୀ ବାର୍ଷିକ ସାଧାରଣ ସଭାରେ ଅନୁମୋଦନ ଲାଭ କରିବାପରେ ୨୦୨୫ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ । ଉକ୍ତ ପରିଚାଳନା କମିଟିରେ ଜିଲାପାଳ ଅଧକ୍ଷ, ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତି, ଅନ୍ତର୍ଯ୍ୟାମୀ ପ୍ରଧାନ ଓ ବିଷ୍ଣୁପ୍ରସାଦ ମହାନ୍ତି - ଉପସଭାପତି, ଲକ୍ଷ୍ମୀଧର ବେହେରା-ସାଧାରଣ ସମ୍ପାଦକ, ସୀତାରାମ ପ୍ରଧାନ-ସମ୍ପାଦକ, ଶରତ ଚନ୍ଦ୍ର ଦାଶ- କୋଷାଧକ୍ଷ ଏବଂ ଲକ୍ଷ୍ମୀନାରାୟଣ ଘୋଷ, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ ଓ ଯଶୋଦା ନନ୍ଦନ ଆଶଙ୍କୁ ପରିଚାଳନା କମିଟି ସଦସ୍ୟ ଭାବରେ ଗ୍ରହଣ କରାଯାଇଛି । ପୂର୍ବପରି ଅକ୍ଷୟ କୁମାର ତ୍ରିପାଠୀଙ୍କୁ ହିସାବ ସମୀକ୍ଷକ ଭାବରେ ଦାୟିତ୍ୱ ଦିଆଯାଇଛି । ଦେବେନ୍ଦ୍ର ନାଥ ଚୌଧୁରୀ-ସଂଯୋଜକ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ଲକ୍ଷ୍ମୀପ୍ରିୟା ଜେନାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ କରାଯାଇଛି । ଏତଦ୍‌ଭିନ୍ନ ଏକ ୩୫ଜଣିଆ ପରାମର୍ଶଦାତା କମିଟି ଗଠିତ ହୋଇଛି ।

## ସମସ୍ତଙ୍କ ମୁଖରେ ହସ ଫୁଟାଇବା ରୋଟାରୀର ଆଉ ଏକ ପରିଚୟ : ଶାନ୍ତନୁ କୁମାର ପାଣି




ଉଦଳା,୧୨/୦୨ (ନି.ପ୍ର): ରୋଟାରୀ କ୍ଲବ ଉଦଳା ତରଫରୁ ଆଜି ଫେବୃଆରୀ ୧୨ ତାରିଖ ଶନିବାର ଦିନ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସମସ୍ତେ ଛିଡ଼ା ହୋଇ ଜାତୀୟ ସଂଗୀତ ଗାନ କରିଥିଲେ । ଏହାପରେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ପରେ ଉଦଳା ରୋଟାରୀ କ୍ଲବର ସଭାପତି ଅଶୋକ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ସଭା କାର୍ଯ୍ୟ ଆରମ୍ଭରେ ସଭାପତି ଶ୍ରୀଯୁକ୍ତ ମହାନ୍ତି ମଞ୍ଚ ନିକଟରେ ଥିବା ଏକ 'ଫ୍ରିଜର ବକ୍ସ'କୁ ଦେଖିବା ପାଇଁ ସବୁ ଗଣମାଧମର ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ । ଏହାପରେ ଉଦଳାରେ ରୋଟାରୀ କ୍ଲବର ପ୍ରତିଷ୍ଠାତା ତଥା ପ୍ରାକ୍ତନ ସଭାପତି ଇଂ. ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ 'ଫ୍ରିଜର ବକ୍ସ' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଉଦଳାର ବହୁ ଲୋକ ବର୍ତ୍ତମାନ ବିଦେଶରେ ରହୁଛନ୍ତି । ଏଠାରେ ତାଙ୍କ ପରିବାରର କେହି ମୃତ୍ୟୁବରଣ କଲେ ସେମାନେ ଆସି ତାଙ୍କ ଶେଷ ଦର୍ଶନ ମଧ କରିପାରୁ ନାହାଁନ୍ତି । କାରଣ ଏତେଦିନ ପର୍ଯ୍ୟନ୍ତ ମୃତ ଶରୀରକୁ ସାଇତି ରଖିବା କଷ୍ଟକର ବ୍ୟାପାର ଅଟେ । ଏହିଭଳି କ୍ଷେତ୍ରରେ ଉକ୍ତ 'ଫ୍ରିଜର ବକ୍ସ'ଟି କାମରେ ଆସିବ ବୋଲି ଜଣାଇଥିଲେ । ଏହାର ସୁବିଧା ସୁଯୋଗ ନେବା ପାଇଁ ଚାହୁଁଥିବା ବ୍ୟକ୍ତି ବ୍ରହ୍ମାନନ୍ଦ ନାୟକଙ୍କ ଫୋନ ନଂ- ୮୪୮୦୫୦୦୮୭୫ କିମ୍ବା ୭୦୬୪୩୬୫୨୭୫ ସହିତ ଯୋଗାଯୋଗ କରିବାକୁ ସୂଚନା ପ୍ରଦାନ କରିଥିଲେ । ଏହାପରେ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ରୋଟାରୀ କିପରି ସମଗ୍ର ବିଶ୍ୱର ସେବା କରି ସମସ୍ତଙ୍କ ମୁଖରେ ହସ ଫୁଟାଉଛି ଓ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖିଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ବାସ୍ତବରେ ଏହାଥିଲା ଖୁବ ହୃଦୟସ୍ପର୍ଶୀ । ଏହାପରେ ଉଦଳା ରୋଟାରୀ କ୍ଲବ ଅଧିନରେ ସ୍ୱାଭିମାନ ସେଣ୍ଟର, ଆଶା କିରଣ ଓ ହେପି ସ୍କୁଲ ଖୁବ ନିକଟରେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଅବଗତ କରାଇଥିଲେ । ଶେଷରେ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହିତ ଗଭର୍ଣ୍ଣର ଶ୍ରୀଯୁକ୍ତ ପାଣି ନିଜର ବକ୍ତବ୍ୟର ଯବନିକା ପକାଇଥିଲେ ।

## ସ୍ୱାମୀଙ୍କ ପାଇଁ ଅଂଟା ଭିଡ଼ିଲେ ପତ୍ନୀ ତନୁଜାଶ୍ରୀ

ନୀଳଗିରି, ୧୨/୦୨ (ନି.ପ୍ର): ନୀଳଗିରି ପଂଚାୟତ ସମିତି ଅଧିନସ୍ଥ ଆରବନ୍ଧ ପଂଚାୟତ ସଦାସର୍ବଦା ଚର୍ଚ୍ଚାରେ ଥାଏ । ପଂଚାୟତଟି ମୁଖ୍ୟତଃ ଅନଗ୍ରସର ଏବଂ ପଛୁଆ ବର୍ଗର ଲୋକେ ବସବାସ କରନ୍ତି । ଏଠାରେ ଲୋକମାନଙ୍କର ମୌଳିକ ସମସ୍ୟା ଅନେକ। ମାତ୍ର ଉକ୍ତ ପଂଚାୟତରେ ୨୦୧୭ ମସିହାରେ ବିଜେପି ସମର୍ଥନରେ ଜିତିଥିବା ତନୁଜାଶ୍ରୀ ନାୟକଙ୍କ ବିଜୟ ପରେପଂଚାୟତର ବହୁବିଧ ଉନ୍ନତି ହୋଇଥିଲା । ପରନ୍ତୁ ଚଳିତ ପଂଚାୟତ ନିର୍ବାଚନରେ ତନୁଜାଶ୍ରୀଙ୍କ ସ୍ୱାମୀ କୁଳମଣି ନାୟକ ପ୍ରାର୍ଥୀ ହୋଇଛନ୍ତି । ସ୍ତ୍ରୀ ଙ୍କ କାର୍ଯ୍ୟକଳାପ ସମୟରେ କୁଳମଣି ଜନସାଧାରଣଙ୍କ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥାଇ ୨୪ଘଂଟିଆ ସେବା ଯୋଗାଇ ଆସୁଥିଲେ । ପ୍ରକୃତ ହିତାଧିକାରୀଙ୍କୁ ଭତା, ଘର, ଗୁହାଳଘର, ପାଇଖାନା ଠାରୁ ଆରମ୍ଭ କରି ପ୍ରତି କ୍ଷେତ୍ରରେ ଜନସାଧାରଣଙ୍କ ଅକୁଣ୍ଠସାହାଯ୍ୟ କରିଆସିଛନ୍ତି । ଦିନରାତି ଏକ କରି ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି । କୁଳମଣୀଙ୍କ ନିସ୍ୱାର୍ଥ ସେବା ପାଇଁ ଅଂଚଳବାସୀ ଖୁସ୍ ଥିବାବେଳେ ଆଗାମୀ ନିର୍ବାଚନରେ ନିର୍ବାଚିତ କରାଇବାର ମନବନାଇ ନେଇଛନ୍ତି । ଏବେ କାନ୍ଧରେ କାନ୍ଧ ମିଳାଇ ପୂର୍ବର ସରପଂଚ କୁଳମଣୀଙ୍କ ସ୍ତ୍ରୀ ତନୁଜା ଶ୍ରୀ ପ୍ରଚାର ମଇଦାନରେ ସ୍ୱାମୀଙ୍କ ସହ ଘରକୁ ଘର ବୁଲି ପ୍ରଚାରକରୁଛନ୍ତି । ସ୍ତ୍ରୀଙ୍କ ସାହାଯ୍ୟ ତଥା ଲୋକମାନଙ୍କର ଭଲପାଇବା କୁଳମଣୀଙ୍କ ମୂଳ ପୁଞ୍ଜି ବୋଲି କୁଳମଣି ସ୍ୱୀକାର କରନ୍ତି । ଆଗାମୀ ପଂଚାୟତ ନିର୍ବାଚନରେ ବିରୋଧି ନିଶ୍ଚିତ ପରାଜୟ ବରଣ କରିବା ସହିତ ଆଗାମୀ ୫ବର୍ଷ ଜନସାଧାରଣ ତାଙ୍କୁ ସରପଂଚ ଭାବେ ଜିତାଇ ଲୋକଙ୍କର ସେବା କରିବାର ସୁଯୋଗ ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ତେଣୁ ଆରବନ୍ଧ ପଂଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କୁ ଖୋଲା ବହି ଏବଂ ସମିତି ସଭ୍ୟାଭାବରେ ବିନତା ମଡ଼େଇଙ୍କୁ କେଟିଲି ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ।

## ଜୟନ୍ତୀରେ ମହର୍ଷୀ ଦୟାନନ୍ଦଙ୍କୁ ସ୍ମରଣ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନ ଜୟନ୍ତୀ ଅବସରରେ ମହର୍ଷୀ ଦୟାନନ୍ଦଙ୍କୁ ସ୍ମରଣ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଭାରତୀୟ ସଂବାହକ, ପ୍ରବୁଦ୍ଧ ରାଷ୍ଟ୍ର ଚିନ୍ତକ, ମହାନ ଶିକ୍ଷାବିଦ ଓ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀରେ ତାଙ୍କୁ ବିନମ୍ର ଶ୍ରଦ୍ଧାଂଜଳି ତାଙ୍କର ଶିକ୍ଷା ଭାରତର ସାମାଜିକ ସଂସ୍କାର ଓ ନବ ଚେତନାର ସଂଚାର କରିଛି । ତାଙ୍କର ବିଚାର ଯୁଗ ଯୁଗ ପାଇଁ ଭାରତର ମାର୍ଗଦର୍ଶନ କରୁଥିବ ।

## ୨୪ ନଂ ଜୋନରେ ବିଜେଡିର ମାରାଥନ ପ୍ରଚାର



ବାଲିଆପାଳ, ୧୨/୦୨ (ନି.ପ୍ର):ବାଲେଶ୍ୱର ଜିଲ୍ଲାର ଜିଲ୍ଲାପରିଷଦ ଜୋନ ମଧ୍ୟରେ ୨୪ ନଂ ଜୋନ ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ର ପାଲଟିଛି । ଦକ୍ଷିଣ ବାଲିଆପାଳର ୬ ଗୋଟି ପଞ୍ଚାୟତ କୁ ନେଇ ଗଠିତ ଏହି ଜୋନ ଭିଟାମାଟି ସୁରକ୍ଷା ପାଇଁ ବିଗତ କିଛି ଦିନ ଧରି ବିରୋଧ ହୋଇ ଆସୁଛି ।ଆଜି ଏହି ଜୋନ ଅନ୍ତର୍ଗତ ଅଳାଡିହା ଗ୍ରାମପାଞ୍ଚାୟତରେ ବିଜେଡିର ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ଜିଲ୍ଲା ସଭାପତି ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରି କହିଥିଲେ ଏହି ଅଞ୍ଚଳରେ ପେଟ୍ରୋକେମିକାଲ ପ୍ରକଳ୍ପ ତ ଦୂରର କଥା ଲୋକଙ୍କ ବିନା ସମର୍ଥନରେ ଗୋଟିଏ ଦିଆସିଲି ଫେକ୍ଟ୍ରି ମଧ ହେବ ନାହିଁ ।ଯେଉଁ ମାଟିକୁ ଅଶି ଦଶକରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ସୁରକ୍ଷା ଦେବାକୁ ଯାଇ ଆଗକୁ ଆସିଥିଲେ ସେ ମାଟିର ସୁରକ୍ଷା ଦାୟିତ୍ୱ ନବୀନ ପଟ୍ଟନାୟକଙ୍କର ।ଏ ମାଟି ମୋର ଜନ୍ମ ମାଟି ।ଏ ମାଟିରେ ମୁଁ ଜନ୍ମ ହୋଇଛି ।ଏହି ମାଟିରେ ମୋର ମୃତ୍ୟୁ ହେବ ।ଯେଉଁ ମାନେ ଏଠାକୁ ଆସି ଲୋକମାନଙ୍କୁ ବିଭ୍ରାନ୍ତି କରୁଛନ୍ତି ସେମାନେ ଜଣେ ଜଣେ ଦଲାଲ ।ସେମାନଙ୍କୁ ପଚାରନ୍ତୁ ସେମାନଙ୍କ ଘର କଉଠି ।ନବୀନ ବାବୁଙ୍କ ୨୨ ବର୍ଷ ଶାସନରେ ଏଭଳି କୌଣସି ନଜିର ନାହିଁ ଲୋକଙ୍କ ବିରୋଧରେ ଯାଇ ପ୍ରକଳ୍ପ କରିବାର ।ଯଦି ସେଭଳି କୌଣସି ପ୍ରକଳ୍ପ ହୁଏ ତାହେଲେ ମୁଁ ସର୍ବପ୍ରଥମେ ଆପଣ ମାନଙ୍କ ନେତୃତ୍ୱ ନେବି ।ଏହି ନିର୍ବାଚନୀ ସଭାରେ ୨୪ ନଂ ଜୋନର ଜିଲ୍ଲାପରିଷଦ ପ୍ରାର୍ଥୀ ମନ୍ମଥ ଗିରିଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ଏବଂ ୱାର୍ଡମେମ୍ବର ମାନଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ ।ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରାଜ୍ୟ ବିଜୁ ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନି ଜେନା, କୃଷକ ଜନତା ଦଳର ଜିଲ୍ଲା ସଭାପତି ଅଜୟ ସାମଲ ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବିଜୁଜନତା ଦଳର ସମସ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ ।

## ଚଣ୍ଡିପୁର ଶ୍ରୀରାଧା ରାହାସବିହାରୀ ମନ୍ଦିର ପ୍ରତିଷ୍ଠା

ବାଲେଶ୍ୱର,୧୨/୦୨ (ନି.ପ୍ର): ମିତ୍ରପୁରର ଚଣ୍ଡିପୁର ଗ୍ରାମ ଗୋସ୍ୱାମୀ ବଂଶର କୂଳଦେବତା ଶ୍ରୀଶ୍ରୀ ରାଧା ରାହସବିହାରୀ ଜୀଉଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି । ଗତ ୧୦ ତାରିଖରୁ ଆରମ୍ଭ ହୋଇଥିଲା ଏହି ପ୍ରତଷ୍ଠା ଉତ୍ସବ । ଗୁରୁବାର ଘଟ ଉତ୍ତୋଳନ, ସୂର୍ଯ୍ୟ ପୂଜା, ଗୁରୁପୂଜା ସହ ଯଜ୍ଞ ଶୁଭାରମ୍ଭ ହୋଇଥିଲା । ଶୁକ୍ରବାର ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଘଣ୍ଟ ଘଣ୍ଟା ଓ ଭଜନ କୀର୍ତ୍ତନ ସାଙ୍ଗକୁ ବ୍ରାହହ୍ମଣର ବେଦମନ୍ତ୍ରରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକମୟ ହୋଇ ଉଠିଥିଲା । ପ୍ରତି ସଂଧ୍ୟାରେ ଭକ୍ତିଗୀତ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା । ଶନିବାର ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଥିବା ବେଳେ ରବିବାର ଅଷ୍ଟମ ପ୍ରହରୀ ଅନୁଷ୍ଠିତ ହେବ ବୋଲି ଦେବଗୋସ୍ୱାମୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

## ହଳଦୀପଦାରେ ବିଜେପିର ଜୋରଦାର ପ୍ରଚାର

ବାଲେଶ୍ୱର,୧୨/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର ହୋଇଥିବା ପରିଲକ୍ଷିତ ହୋଇଛି । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ମାନସ କୁମାର ଦତ୍ତ ଦଳୀୟ ଜଲା ପରିଷଦ ପ୍ରାର୍ଥୀଙ୍କ ସମେତ ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ପ୍ରାର୍ଥୀ ଓ ସହଯୋଗୀଙ୍କ ସହ ଶ୍ରୀ ଦତ୍ତ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଛନ୍ତି । ଏଥି ସହିତ ଗତ ଉପ ନିର୍ବାଚନରେ ବିଜେଡି ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ବି ସେ ମତଦାତାଙ୍କୁ ମନେ ପକାଇ ଦେଉଛନ୍ତି ।ଏହି ପ୍ରଚାର ଅଭିଯାନରେ ୨୮ନଂ ଜୋର ବିଜେପି ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ ସାମିଲ ହୋଇ ଆଞ୍ଚଳିକ ବିକାଶ ପାଇଁ ତାଙ୍କୁ ନିର୍ବାଚିତ କରିବାକୁ ଘରେ ଘରେ ଭୋଟରମାନଙ୍କୁ ନିବେଦନ କରିଛନ୍ତି । ହଳଦୀପଦା ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ସଂଯୁକ୍ତା ବର ଓ ସମିତିସଭ୍ୟା ପ୍ରାର୍ଥିନୀ କ୍ଷୀରାବ୍ଦୀ ତନୟା ମହାଳିକ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇ ନିଜ ପାଇଁ ଭୋଟ ମାଗିଥିଲେ । ଏହି ଅବସରରେ ହଳଦୀପଦା ବଜାରରେ ବିଜେପି ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ବିଜେପି କର୍ମୀ ଓ ସମର୍ଥକ ଏଥିରେ ଯୋଗଦେଇଥିଲେ ।

## ଡ. ରବୀନ୍ଦ୍ର ନାଥ ଦାସଙ୍କ ୧୧୧ତମ ପୁଣ୍ୟଜୟନ୍ତୀ ଉତ୍ସବ ପାଳିତ




ରେମୁଣା, ୧୨/୦୨ (ନି.ପ୍ର): ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଯାହାଙ୍କ ଦୃଢ଼ ନେତୃତ୍ୱରେ ସମ୍ଭବ ହୋଇଥିଲା, ସେହି ବାଲେଶ୍ୱର ମାଟିର ଗାନ୍ଧିଭାବେ ଜନମୁଖରେ ସମ୍ବୋଧିତ, ମହାନ ସ୍ୱାଧୀନତ ସଂଗ୍ରାମୀ, ପ୍ରାକ୍ତନ ବିଧାୟକ, ପ୍ରଜା ସୋସାଲିଷ୍ଟ ପାର୍ଟିର ତୁଙ୍ଗ ନେତା ସଂଗ୍ରାମୀ ସମାଜ ସେବକ ଡ. ରବୀନ୍ଦ୍ର ମୋହନ ଦାସ ଯେ କି ସ୍ୱାଧୀନତା ପରବର୍ତ୍ତୀ ନୂତନ ବାଲେଶ୍ୱର ନିର୍ମାଣ ମୁଖ୍ୟ ବିନ୍ଧାଣୀ ଥିଲେ ତାଙ୍କର ୧୧୧ତମ ପୁଣ୍ୟଜୟନ୍ତୀ ଉତ୍ସବ ଆଜି ତାଙ୍କର ଜନ୍ମଦିନରେ ଡ. ରବୀନ୍ଦ୍ର ମୋହନ ଦାସ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାରସ୍ଥ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୧ ଘଟିକାରେ ପ୍ରଥମେ ବ୍ୟାସବିହାର ପରିସରସ୍ଥ ଉଦ୍ୟାନରେ ଥିବା ରବୀନ୍ଦ୍ର ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅତିଥିମାନେ କରିଥିଲେ । ପରେ ସଭାଗୃହରେ ରବୀନ୍ଦ୍ର ମୋହନ ଦାସଙ୍କ ଜୟନ୍ତୀ ଉତ୍ସବକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଦୁଇଗୋଟି ପ୍ରସ୍ତାବକୁ କାର୍ଯ୍ୟକାରୀ ବିଶ୍ୱବିଦ୍ୟାଳୟ କରିବ ବୋଲି ଘୋଷଣା କରିଥିଲେ । ସମ୍ମାନିତ ଅତିଥି କବି କାଳୀପଦ ପଣ୍ଡାଙ୍କ ପ୍ରସ୍ତାବ ଅନୁଯାୟୀ କୁଳପତି ଘୋଷଣା କରିଥିଲେ ଯେ ଆସନ୍ତା ବର୍ଷ ଠାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟ୍ରଷ୍ଟର ମିଳିତ ସହଯୋଗରେ ରବୀନ୍ଦ୍ର ମୋହନଙ୍କ ଜୟନ୍ତୀ ଓ ତାଙ୍କର ପୁଣ୍ୟ ସ୍ମୃତିରେ ଏକ ସ୍ମାରକ ବକ୍ତୃତା ସହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ରବୀନ୍ଦ୍ର ମୋହନଙ୍କ ଅବଦାନ ନାମକ ଏକ ପୁସ୍ତକ ରଚନା କରାଯିବ । ଏହି ଘୋଷଣାରେ ଭରପୂର ସଭାଗୃହର ଶ୍ରୋତାବର୍ଗ କରତାଳି ଦେଇ ସ୍ୱାଗତ ଜଣାଇଥିଲେ । ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତ ସରକାରଙ୍କର ପ୍ରାକ୍ତନ ଶିକ୍ଷାସଚିବ ଡ. ଅରୁଣ କୁମାର ରଥ, ଡ. ଜୀବିତେଶ ରଥ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, କବି କାଳୀପଦ ପଣ୍ଡା, ପ୍ରଫେସର ସୁନେଶ ଚନ୍ଦ୍ର ଅଧିକାରୀ, ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ବାଲେଶ୍ୱର ଗଠନର ବିବିଧ କ୍ଷେତ୍ର ସହ ଶିକ୍ଷାକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ରବୀନ୍ଦ୍ର ମୋହନ ଦୀର୍ଘ ୨୦ବର୍ଷ ଧରି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଆନ୍ଦୋଳନର ନେତୃତ୍ୱ ନେଇ ଯେଉଁ ସଫଳତା ଅର୍ଜନ କଲେ ତାହା ତାଙ୍କ ସମଗ୍ର ଜୀବନର ଶ୍ରେଷ୍ଠ କୀର୍ତ୍ତି ବୋଲି ମତବ୍ୟକ୍ତ କରିଥିଲେ । ସାରା ଜୀବନ ଗାନ୍ଧିଦର୍ଶନ ସହ ସମାଜସେବୀ ଭାବଧାରାରେ ବ୍ରତୀ ରହି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛନ୍ତି । ତାଙ୍କର ଏହି ଅମୂଲ୍ୟ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ଭୂଷିତ କରିଥିଲେ । ରବୀନ୍ଦ୍ର ମୋହନ ଦାସ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ କବୀ ଯଶୋଧାରା ଦାସ ପ୍ରାକ୍‌କଥନ ରଖିଥିବାବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ଓ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ । ବାଲେଶ୍ୱର ସହର ସମେତ ରେମୁଣାର ବହୁ ବୁଦ୍ଧିଜୀବୀ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଉପସ୍ଥିତ ରହିଥିଲେ ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

ମାତୃବିହାର, ମାନସିଂବଜାର, ବାଲେଶ୍ୱର

COR NO - SSVMMB/374,2021

ଶିକ୍ଷାବର୍ଷ-୨୦୨୨-୨୩

ଚଳିତ ଶିକ୍ଷାବର୍ଷ ପାଇଁ ନାମ ଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର R.T.E Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଗରିବ, ଦିବ୍ୟାଙ୍ଗ, ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ: ୮୨୮୦୧୫୯୬୩୫/୯୪୩୯୧୯୦୯୫୦

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୮ ଗିରଫ

ଭୁବନେଶ୍ୱର,୧୨/୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୭୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୭୮,୦୦୦ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo